

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୯ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 19 APRIL 2023
Vol.No. 34 ■ No. 102 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମହାରାଷ୍ଟ୍ର ରାଜନୀତି : ପୁଣି ବିଦ୍ରୋହୀ ସାଜିବେ କି ଏନସିପି ନେତା ଅଜିତ ପାୱାର ?

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ଏନସିପି ନେତା ତଥା ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ସେହି ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି ଯାହାକୁ ନେଇ କିଛି ଦିନ ହେବ ମହାରାଷ୍ଟ୍ର ରାଜନୀତି ହଲଚଲ ଦେଖାଦେଇଛି । ଅଜିତ ପାୱାର ନିଜର କିଛି ଘନିଷ୍ଠ ବିଧାୟକଙ୍କୁ ସାଥୀରେ ନେଇ ବିଜେପିରେ ଯୋଗ ଦେବେ ବୋଲି ଚର୍ଚ୍ଚା ହେଉଥିଲା । ଏହା ଉପରେ ଉତର ରଖି ଅଜିତ କହିଛନ୍ତି ଦଳ ମଧ୍ୟରେ କୌଣସି କନ୍ଦଳ ନାହିଁ । ସେ ଏନସିପିରେ ଥିଲେ, ଅଛନ୍ତି ଓ ରହିବେ । ନିକଟରେ ଅଜିତ ପାୱାର ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଶଂସା କରିଥିଲେ ଓ ଇଭିଏମ ଉପରେ ଭରଷା ଥିବା ମଧ୍ୟ କହିଥିଲେ । ଏହା ପରଠୁ ବିଜେପି ସେ ମିଶିବା ନେଇ ଚର୍ଚ୍ଚା ହୋଇଥିଲା । ମହାରାଷ୍ଟ୍ର ସରକାରରେ ମନ୍ତ୍ରୀ ସୁଧୀର



ମୁନଟିଙ୍ଗବାର ତାଙ୍କୁ ଏନଡିଏରେ ଆସିବାକୁ ଆମନ୍ତ୍ରିତ କରିବା ପରେ ଅଜିତଙ୍କୁ ନେଇ ଅଙ୍କ କଷା ଆରମ୍ଭ ହୋଇଥିଲା । ଏହି ଚର୍ଚ୍ଚା ଉପରେ ବିରାମ ଲଗାଇଛନ୍ତି ଅଜିତ ପାୱାର । ଚର୍ଚ୍ଚା ହେଉଥିଲା, ଅଜିତ ପାୱାର ଏନସିପିର ପ୍ରାୟ ୪୦ ବିଧାୟକଙ୍କୁ ନେଇ ସିନ୍ଦେ-ଫଡନବୀଶ ସରକାରରେ ଅଂଶୀଦାର ବନିବେ । ଏନଡିଏରେ ଯୋଗ ଦେବା ପାଇଁ ଦଳଠୁ ସମର୍ଥନ ଖୋଜୁଥିଲେ । ତେବେ ଏନସିପି ପ୍ରଦେଶ ଅଧ୍ୟକ୍ଷ ଜୟନ୍ତ ପାଟିଲଙ୍କ ସମେତ କିଛି ନେତା ଏହାକୁ ବିରୋଧ କରୁଥିଲେ । ବଖବରକୁ ଅଧିକ ଚର୍ଚ୍ଚିତ କରିଥିଲା ଯେତେବେଳେ ଅଜିତଙ୍କ ଗୋଷ୍ଠୀ ନିକଟରେ ଶରଦ ପାୱାରଙ୍କୁ ମଧ୍ୟ ଭେଟିଥିଲେ ଓ ଏନସିପି ବିଧାୟକ ବିଜେପି ସହିତ ମେଂଟ କରିବାକୁ ଆଗ୍ରହୀ ବୋଲି ଜଣାଇଥିଲେ । ସେପଟେ ଉଦ୍ଧବଗୋଷ୍ଠୀ ଏହାକୁ ବିଜେପିର ଷଡଯନ୍ତ୍ର କହି ଅଭିଯୋଗ କରିଛି ।

## ସମଲିଙ୍ଗୀ ବିବାହ ପ୍ରସଙ୍ଗରେ ସୁପ୍ରିମ ଶୁଣାଣି : କେନ୍ଦ୍ରର ଆପତ୍ତି, ବର୍ଷିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୮/୦୪ : ସମଲିଙ୍ଗୀ ବିବାହକୁ ଆଇନତଃ ମାନ୍ୟତା ପ୍ରଦାନ ଦାବିରେ ହୋଇଥିବା ଆବେଦନ ଉପରେ ଆରମ୍ଭ ହୋଇଛି ସୁପ୍ରିମ ଶୁଣାଣି । ପ୍ରଧାନ ବିଚାରପତି ଜଷ୍ଟିସ ଡିଆଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ପାଂଚ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରୁଛନ୍ତି । ସଲିସିଟର ଜେନେରାଲ ତୁଷାର ମେହେଟା କୋର୍ଟଙ୍କ ସମ୍ମୁଖରେ ପକ୍ଷ ରଖି କହିଛନ୍ତି, ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର କୋର୍ଟଙ୍କ ନିକଟରେ ସତ୍ୟପାଠ ଦାଖଲ କରିଛନ୍ତି । ବିବାହ ଏକ ସାମାଜିକ ବ୍ୟବସ୍ଥା । ଏହାକୁ ମାନ୍ୟତା ଦେବା ପାଇଁ ନ୍ୟାୟପାଳିକାର ଅଧିକାର ନାହିଁ । ଏହି ପ୍ରସଙ୍ଗରେ ସଂସଦକୁ ନିଷ୍ପତି ନେବାକୁ ଦିଆଯାଉ । ଯାହାକୁ ନେଇ ବିରକ୍ତ ହେବା ସହ, ପ୍ରଧାନ ବିଚାରପତି କହିଥିଲେ, ଆମେ ନିଷ୍ପତି ନେବୁ କେଉଁ



ମାମଲାରେ ଓ କେମିତି ଶୁଣାଣୀ କରିବୁ । ଶୁଣାଣୀକୁ ନେଇ ଆମକୁ କାହାର ଅନୁମତି ନେବାର ଆବଶ୍ୟକତା ନାହିଁ । ଆଗକୁ ଆମେ କେନ୍ଦ୍ରର ପକ୍ଷ ମଧ୍ୟ ଶୁଣିବୁ । ସମଲିଂଗୀ ବିବାହକୁ କେନ୍ଦ୍ର ସରକାର ବିରୋଧ କରି ଆସୁଛନ୍ତି । ଏହା ଭାରତୀୟ ପରମ୍ପରାର ବିରୋଧୀ ବୋଲି କହି ଆସୁଛନ୍ତି କେନ୍ଦ୍ର ସରକାର । ସମଲିଙ୍ଗୀ ବିବାହକୁ ଅନୁମତି ଦେଲେ ପରବର୍ତି ସମୟରେ କିଏ ସ୍ୱାମୀ, କିଏ ସ୍ତ୍ରୀ ସେ ନେଇ ବିବାଦ ଉପୁଜିବ ବୋଲି ସତ୍ୟପାଠରେ ଦର୍ଶାଇଛନ୍ତି କେନ୍ଦ୍ର ସରକାର । କେନ୍ଦ୍ର ସରକାରଙ୍କ ପକ୍ଷର ଯୁକ୍ତି ଶୁଣିବା ପରେ, ପ୍ରଧାନ ବିଚାରପତି କହିଥିଲେ, କାହାକୁ ମହିଳା କୁହାଯିବ ଓ କାହାକୁ ପୁରୁଷ କୁହାଯିବ ସେ ନେଇ କୌଣସି ସ୍ପଷ୍ଟ ଆଧାର ନାହିଁ । ୨୦୧୮ରେ ୩୭୭ ଧାରା ଉଚ୍ଛେଦ ପରେ ଆମ ସମାଜରେ ସମଲିଙ୍ଗୀ ସମ୍ପର୍କକୁ ନେଇ ଗ୍ରହଣୀୟତା ବଢିଛି । ଯାହା ଏକ ବଡ ଉପଲବ୍ଧି । ଏକ ବିକାଶମୁଖ ଭବିଷ୍ୟତ ପାଇଁ ଏହି ପ୍ରସଙ୍ଗକୁ ବୃହତ ଆକାରରେ ଆଲୋଚନା କରାଯିବା ଉଚିତ । ସମଲିଙ୍ଗୀ ବିବାହକୁ ଆଇନର ମାନ୍ୟତା ଦେବା ପାଇଁ, ଆବେଦନକାରୀ ନିଜ ଆବେଦନରେ ଦର୍ଶାଇଛନ୍ତି, ସମଲିଙ୍ଗୀମାନଙ୍କ ଏକତା ପାଇଁ ବିବାହ ନିହାତି ଜରୁରୀ । ସେହିପରି ଅନ୍ୟଜଣେ ଆବେଦନକାରୀଙ୍କ କହିଛନ୍ତି, ସେମାନେ ଦୈନ୍ୟଦିନ ଜୀବରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏପରିକି ବ୍ୟାଙ୍କ ଖାତା ଖୋଲିବା ପରି କାର୍ଯ୍ୟରେ ସେମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ବିବାହ ପାଇଁ ଅନୁମତି ମିଳିଲେ ଏହା ଦୂର ହୋଇପାରିବ । ସମଲିଙ୍ଗୀ ବିବାହକୁ ଆଇନଗତ ଅନୁମତି ଦେବା ପାଇଁ ସୁପ୍ରିମକୋର୍ଟରେ ୧୫ଟି ଆବେଦନ ହୋଇଛି । ଯାହା ଉପରେ ଶୁଣାଣୀ ଜାରି ରହିଛି ।

## ଝାରସୁଗୁଡ଼ା ଉପ-ନିର୍ବାଚନ : ନାମାଙ୍କନ ଭରିଲେ ଦୀପାଳି ଦାସ



ଭୁବନେଶ୍ୱର, ୧୮/୦୪ (ନି.ପ୍ର): ଝାରସୁଗୁଡ଼ା ଉପ-ନିର୍ବାଚନ ଏବେ ରୋଚକ ମୋଡରେ ପହଁଚିଛି । ନେତା, କର୍ମୀଙ୍କ ଗହଣରେ ଆସି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ବିଜେଡି ପ୍ରାର୍ଥୀ ତଥା ନବ ଦାସଙ୍କ ଝିଅ ଦୀପାଳି ଦାସ । ଏଥିପାଇଁ ଝାରୁସୁଗୁଡାରେ ବିରାଟ ପଟୁଆର କରି ଶକ୍ତିପ୍ରଦର୍ଶନ କରିଛି ବିଜେଡି । ଝାରସୁଗୁଡା ମନମୋହନ ସ୍କୁଲରୁ ରାଜ୍ୟସ୍ତରୀୟ ନେତା ଓ କର୍ମୀଙ୍କ ସହ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ ଦୀପାଳି । ଶୋଭାଯାତ୍ରା ବିଭିନ୍ନ ଛକ ଦେଇ ଉପଜିଲ୍ଲାପାଳଙ୍କ ଅଫିସରେ ପହଞ୍ଚିଥିଲା । ଆଖପାଖ ନିର୍ବାଚନମଣ୍ଡଳୀରୁ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଓ ନେତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ମନମମୋହନ ସ୍କୁଲରୁ ଉପଜିଲ୍ଲାପାଳଙ୍କ ଅଫିସ ବିଜେଡିମୟ ହୋଇଯାଇଥିଲା । ନାମାଙ୍କନ ଭରି ଦୀପାଳି କହିଛନ୍ତି, ବାପା ବଞ୍ଚିଥିଲେ ଦେଖି ଖୁସି ହୋଇଥାନ୍ତେ । ଉପରେ ଥାଇ ସେ ଆଶୀର୍ବାଦ ଦେଉଛନ୍ତି । ଝାରୁସୁଗୁଡାରେ ବିକାଶ ମୁଖ୍ୟ ପ୍ରସଙ୍ଗ ହେବ । ବାପାଙ୍କ ଆଶା ପୂରଣ ହେବ । ନାମାଙ୍କନ ଦାଖଲ ପୂର୍ବରୁ ଝାରସୁଗୁଡାରେ ମା ପାଟଣେଶ୍ୱରୀ, ଶ୍ରୀ ଗଣେଶ ଓ ମହାଦେବ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ ଦୀପାଳି ଦାସ । କହିଥିଲେ, ମୁଖ୍ୟମନ୍ତ୍ରୀ ଓ ତାଙ୍କ ବାପାଙ୍କ ଆଶୀର୍ବାଦ ତାଙ୍କ ସହିତ ଅଛି । ଝାରୁସୁଗୁଡାଙ୍କ ପାଇଁ କିଛି କରିବାର ଅଛି । ମନ୍ତ୍ରୀ ନବଦାସଙ୍କ ହତ୍ୟା ପରେ ଝାରୁସୁଗୁଡାରେ ▶▶ପୃଷ୍ଠା ୭

### ସମ୍ବଲପୁର ହିଂସା ଓ ବିଜେପି ନେତାଙ୍କୁ ଥାନାରେ ଅଟକ ରଖାଯିବା ଘଟଣା

## ମୁଖ୍ୟମନ୍ତ୍ରୀ ରାଜଧର୍ମ ପାଳନ କରିବା ସହ ନିରପେକ୍ଷ ରୁହନ୍ତୁ : ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ରାଜ୍ୟର ମୁଖ୍ୟମନ୍ତ୍ରୀ ହୁଏତ ଅନେକ ବିଷୟରେ ଜାଣିପାରୁନାହାନ୍ତି କିମ୍ବା ତାଙ୍କୁ ଜଣାଯାଉନାହିଁ । ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ, ସେ ରାଜଧର୍ମ ପାଳନ କରିବା ସହ ନିରପେକ୍ଷ ରୁହନ୍ତୁ। ଦଳୀୟ କର୍ମୀମାନେ ଦଳର କାମ କରିବେ ମାତ୍ର କିଛି ପୋଲିସ କର୍ମୀଙ୍କୁ ଆଇନଶୃଙ୍ଖଳାରୁ ଦୂରେଇ ନେଇ ଦଳୀୟ କାମରେ ଲଗାଇବା ଗଣତନ୍ତ୍ରରେ ଶୁଭ ଲକ୍ଷଣ ନୁହେଁ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସମ୍ବଲପୁର ହିଂସା ଓ ବିଜେପି ନେତାଙ୍କୁ ଥାନାରେ ଅଟକ ରଖାଯିବା ଘଟଣାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁର ସହରରେ ଅଭାବନୀୟ ଘଟଣା ଘଟିବାର ପ୍ରାୟ ଏକ ସପ୍ତାହ ହେଲାଣି ।



ହନୁମାନ ଜୟନ୍ତୀ ଶୋଭାଯାତ୍ରାର ଅବ୍ୟବହିତ ପୂର୍ବରୁ ସୂଚନା ଦିଆଯିବା ସତ୍ତ୍ୱେ ମଧ୍ୟ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଦିଆଯାଇ ନଥିବା ପ୍ରଶାସନ ସ୍ୱୀକାର କରିଛି। ପୂର୍ବରୁ ରାମନବମୀ ଓ ହନୁମାନ ଜୟନ୍ତୀରେ ଶାନ୍ତିଭଙ୍ଗ ସମ୍ଭାବନା ନେଇ କେନ୍ଦ୍ର ଗୃହମନ୍ତ୍ରଣାଳୟ ତରଫରୁ ଦେଶର ଅନ୍ୟ ରାଜ୍ୟ ସମେତ ଓଡିଶାକୁ ମଧ୍ୟ ସତର୍କ କରାଯାଇଥିଲା । ଘଟଣାସ୍ଥଳରେ ଗତବର୍ଷ ତୁଳନାରେ ବହୁତ କମ ସୁରକ୍ଷାକର୍ମୀ ନିୟୋଜିତ ଥିବା ସ୍ଥାନୀୟ ନାଗରିକମାନେ ଅଭିଯୋଗ କରିବା ସନ୍ଦେହ ତିଆରି କରୁଛି। ଅଶାନ୍ତ ସମ୍ବଲପୁର ପଛରେ ରାଜ୍ୟ ସରକାରଙ୍କର ଅପାରଗତା ମୁଖ୍ୟତଃ ଦାୟୀ । ଏହି ଘଟଣା ଘଟିବା ପରେ ରାଜ୍ୟ ସରକାର ରାଜଧର୍ମ ପାଳନ କରିବା ପରିବର୍ତ୍ତେ ▶▶ପୃଷ୍ଠା ୭

## ୪୦ ଡିଗ୍ରୀ ଉପରେ ୨୯ ସହର

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରବଳ ତାତିରେ ସିଝୁଛି ରାଜ୍ୟର ଅଧିକାଂଶ ସହର। ମଙ୍ଗଳବାର ୨୯ ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ବାରିପଦା ଏବଂ ଝାରସୁଗୁଡା ରେ ସର୍ବାଧିକ ୪୪.୨ ଡ଼ିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଚଳିତ ବର୍ଷ ପ୍ରଥମ ଥର ପାଇଁ ଟ୍ୱିନ ସିଟିରେ ତାପମାତ୍ରା ୪୨ ଡ଼ିଗ୍ରୀ ଅତିକ୍ରମ କରିଛି। ଭୁବନେଶ୍ୱର ୪୨.୭ ଡ଼ିଗ୍ରୀ ଏବଂ କଟକରେ ୪୨.୫ ଡ଼ିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆଗାମୀ ୩ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ୨୧ ତାରିଖ ପରେ କିଛି ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଭାଗ। ଅପରପକ୍ଷରେ ୨୪ ଘଂଟାରେ ଗ୍ରୀଷ୍ମ ପ୍ରବାହ ପାଇଁ ୮ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ମୟୁରଭଂଜ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ସୋନପୁର, ବୌଦ୍ଧ ଓ



ବଲାଙ୍ଗୀର। ସେହିପରି ଆସନ୍ତାକାଲି ପାଇଁ ୭ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ମୟୁରଭଂଜ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ସୋନପୁର, ଓ ବୌଦ୍ଧ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ ମଙ୍ଗଳବାର ବାରିପଦା ଓ ଝାରସୁଗୁଡା ରେ ସର୍ବାଧିକ ୪୪.୨ ଡ଼ିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ବଲାଙ୍ଗୀର ଓ ବୌଦ୍ଧରେ ୪୩.୭, ନୂଆପଡ଼ାରେ ୪୩.୬, ଟିଟିଲାଗଡ଼ ଓ ସୋନପୁରରେ ୪୩.୨, ଅନୁଗୁଳରେ ୪୩.୧, ସମ୍ବଲପୁର ଓ ସୁନ୍ଦରଗଡ଼ରେ ୪୩, ତାଳଚେରରେ ୪୨.୮, ଭୁବନେଶ୍ୱରରେ ୪୨.୬, କଟକ ଓ ଭବାନୀପାଟଣାରେ ୪୨.୫, ରାଉରକେଲାରେ ୪୨.୪, ଢେଙ୍କାନାଳ ଓ ଯାଜପୁରରେ ୪୨, ହୀରାକୁଦରେ ୪୧.୬, ଜଗତସିଂହପୁରରେ ୪୧.୫, ପାରଳାଖେମୁଣ୍ଡିରେ ୪୧.୪, ଚାନ୍ଦବାଲି ଓ ଦେବଗଡ଼ରେ ୪୧.୩, କେନ୍ଦ୍ରାପଡ଼ା ଓ କେନ୍ଦୁଝରରେ ୪୧.୨, ନୟାଗଡ଼ ଓ ଭଦ୍ରକରେ ୪୧, ମାଲକାନଗିରିରେ ୪୦.୨, ବରଗଡ଼ରେ ୪୦.୫ ଓ ଖୋର୍ଦ୍ଧାରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

## ସରୋଜ ସାମଲ ନୂଆ ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ଆଇଏଏସ୍ ଅଧିକାରୀ ସରୋଜ କୁମାର ସାମଲଙ୍କୁ ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ବର୍ତମାନର ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶକ ଇନ୍ଦ୍ରମଣୀ ତ୍ରିପାଠୀଙ୍କୁ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ଦିଆଯାଇଛି। ଏହାସହ ସହ ଶ୍ରୀ ତ୍ରିପାଠୀ ପୂର୍ବଭଳି ଭୁବନେଶ୍ୱର ଏସସିଏସଟିଆରଟିଆଇ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଏନେଇ ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ ସୂଚନା ଓ ଲୋକସଂପର୍କ ନିର୍ଦ୍ଦେଶକ ପଦବୀକୁ ଯୁଗ୍ମ ସଚିବ ପଦବୀ ସହ ସମାନ ବୋଲି ଘୋଷଣା କରାଯାଇଛି।

## ଆଜି ପଶ୍ଚିମ ଓଡିଶା ବନ୍ଦ ଡାକରା

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ଆସନ୍ତାକାଲି ପଶ୍ଚିମ ଓଡିଶା ବନ୍ଦ ଡାକରା । ସମ୍ବଲପୁର ହିଂସାକାଣ୍ଡକୁ ନେଇ ବନ୍ଦ ଡାକରା ଦିଆଯାଇଛି । ବନ୍ଦ ଡାକରା ଦେଲେ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ । ପୂର୍ଣ୍ଣ ସମର୍ଥନ ଦେଇଛନ୍ତି ପୂର୍ବ ଓଡିଶା ବଜରଙ୍ଗ ଦଳ ଓ ଭିଏଚପି । କହିଲେ, ୪୮ ଘଣ୍ଟା ଭିତରେ ସରକାର କିଛି ପଦକ୍ଷେପ ନନେଲେ ବ୍ୟାପକ ହେବ ଆନ୍ଦୋଳନ । ସମ୍ବଲପୁରରେ ହନୁମାନ ଶୋଭାଯାତ୍ରାରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ପଥର ମାଡ ହୋଇଥିଲା । ଏଥିରେ ବଜରଙ୍ଗ ଦଳର କର୍ମୀ ଓ ପୋଲିସ ଆହତ ହୋଇଥିଲେ । ଏହାପରେ ପରିସ୍ଥିତିକୁ ସୁଧାରିବାକୁ ସମ୍ବଲପୁରରେ ଧାରା ୧୪୪ ଲାଗୁ ହୋଇଥିଲା ।

## ଗ୍ୟାଙ୍ଗଷ୍ଟର ଅତିକ ଅହମ୍ମଦଙ୍କ ହତ୍ୟାକାରୀଙ୍କୁ ନେଇ ଫିଟୁଛି ଗୁମର: ଜେଲରେ ୨ ଅଭିଯୁକ୍ତ ଲବଲେଶ ଓ ମୋହିତଙ୍କ ହୋଇଥିଲା ଦେଖା

ନୂଆଦିଲ୍ଲୀ, ୧୮/୦୪ : ଗ୍ୟାଙ୍ଗଷ୍ଟର ଅତିକ ଅହମ୍ମଦଙ୍କ ହତ୍ୟାର ୪ ଦିନ ପରେ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ । ଅତିକ ଓ ତାର ଭାଇ ଅସରଫକୁ ହତ୍ୟା ପରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି । ଆଉ ବିରୋଧୀଙ୍କୁ ଯବାବ ଦେଇ ଯୋଗୀ କହିଛନ୍ତି, କୌଣସି ମାଫିଆ ୟୁପିରେ ଆତଙ୍କ ସୃଷ୍ଟି କରିପାରିବେ ନାହିଁ । ମାଫିଆ ଆଉ ଶିଳ୍ପପତିଙ୍କୁ ଫୋନରେ ଆଉ ଧମକ ଦେଇପାରିବେ ନାହିଁ । ଦଙ୍ଗା ପାଇଁ ଉତ୍ତର ପ୍ରଦେଶ କୁଖ୍ୟାତ ଥିଲା । କିଛି ଜିଲ୍ଲାରେ ଲୋକ ଏଥିପାଇଁ ଭୟଭୀତ ହୋଇ ରହୁଥିଲେ । ଏବେ ସେମାନଙ୍କୁ ଭୟ କରିବାର ନାହିଁ । ଅତିକ ଓ ତାର ଭାଇ ଅସରଫଙ୍କୁ ହତ୍ୟା କରିଥିବା ତିନି ଅଭିଯୁକ୍ତ ଲବଲେଶ ତିୱାରୀ, ସନି ସିଂ ଏବଂ ଅରୁଣ ମୌର୍ଯ୍ୟଙ୍କୁ ନେଇ ନୂଆ ତଥ୍ୟ ସାମ୍ନାକୁ ଆସିଛି ।



ସେମାନେ ପୂର୍ବରୁ ଏକାଠି କୌଣସି ଅପରାଧ କରିନାହାଁନ୍ତି । ପ୍ରଥମ ଥର ପାଇଁ ଡନରୁ ନେତା ବନିଥିବା ଅତିକକୁ ହତ୍ୟା କରିବା ପାଇଁ ସେମାନେ ଏକାଠି ହୋଇଥିଲେ । ୨୦୨୧ରେ ବାନ୍ଦା ଜିଲ୍ଲା ଜେଲରେ ଅଭିଯୁକ୍ତ ଲଭଲେଶ ତିୱାରୀ ଏବଂ ସନି ସିଂର ପ୍ରଥମ ଦେଖା ହୋଇଥିଲା । ଲବଲେଶ ପୋକ୍ସୋ ଆକ୍ଟରେ ଗିରଫ ହୋଇଥିବା ବେଳେ ମୋହିତ ଆର୍ମ୍ସ ଆକ୍ଟରେ ଗିରଫ ହୋଇ ଜେଲରେ ଥିଲେ । ପରେ ସେମାନଙ୍କର ଅନ୍ୟ ଅଭିଯୁକ୍ତ ଅରୁଣ ମୌର୍ଯ୍ୟ ସହ ପ୍ରୟାଗରାଜରେ ଭେଟ ହୋଇଥିଲା । ଅରୁଣ ସେଠାରେ ଏକ ହୋଟେଲରେ କାମ କରୁଥିଲେ । ସବୁଠୁ ବଡ କଥା ତିନି ଅଭିଯୁକ୍ତଙ୍କ ମଧ୍ୟରୁ କେହି ଏତେ ପାଠ ପଢିନାହାଁନ୍ତି । ତେଣୁ ଏତେ ବଡ ଗ୍ୟାଙ୍ଗଷ୍ଟରକୁ ହତ୍ୟା କରିବାକୁ ଯୋଜନା ବନାଇବା ଏବଂ ଏହାକୁ ସଫଳ କରିବା ପଛରେ ଜଣେ ମାଷ୍ଟରମାଇଣ୍ଡ ଥିବା ସନ୍ଦେହ କରୁଛି ପୋଲିସ । ଯେଉଁ ବନ୍ଧୁକରେ ଅତିକଙ୍କୁ ହତ୍ୟା କରାଯାଇଛି ତାହା ତୁର୍କୀରେ ନିର୍ମାଣ କରାଯାଇଛି । ଯାହା ଭାରତରେ ନିଷିଦ୍ଧ । ତେଣୁ କିଏ ଅଭିଯୁକ୍ତମାନଙ୍କୁ ବନ୍ଧୁକ ଆଣି ଦେଲା ତାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ଏହି ବନ୍ଧୁକ ତୁର୍କୀକୁ ଭାରତ ଆଣିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି ।

## ଝାରସୁଗୁଡ଼ା ଉପନିର୍ବାଚନ : କଂଗ୍ରେସର ୪୦ ଜଣିଆ ତାରକା ପ୍ରଚାରକ ତାଲିକା ଘୋଷଣା

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ଚଳିତ ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ପ୍ରାର୍ଥୀ ତରୁଣ ପାଣ୍ଡେଙ୍କ ନିମନ୍ତେ ପ୍ରଚାର କରିବା ପାଇଁ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ କଂଗ୍ରେସ ୪୦ ଜଣିଆ ତାରକା ପ୍ରଚାରକ ମାନଙ୍କ ନାମ ତାଲିକା ଘୋଷଣା କରାଯାଇଛି। ଏହି ତାଲିକାରେ ଓଡ଼ିଶା ପ୍ରଭାରୀ ତଥା ଏ.ଆଇ.ସି.ସି. ସାଧାରଣ ସମ୍ପାଦକ ସାଂସଦ ଡଃ ଏ. ଚେଲା କୁମାର, ପି.ସି.ସି. ସଭାପତି ଶରତ ପଟ୍ଟନାୟକଙ୍କ ସମେତ କାର୍ଯ୍ୟକାରୀ ସଭାପତି ଚିରଞ୍ଜିବ ବିଶ୍ୱାଳ, କଂଗ୍ରେସ ଦଳର ବିଧାୟକ ନେତା ନରସିଂହ ମିଶ୍ର ଏ.ଆଇ.ସି.ସିର କେନ୍ଦ୍ରୀୟ ନେତା କହ୍ନେୟା କୁମାର, ପୂର୍ବତନ ପି.ସି.ସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ ପ୍ରମୁଖ ରହିଥିବାବେଳେ ସାଂସଦ ଶପ୍ତଗିରୀ ଉଲ୍ଲକା, ଏ.ଆଇ.ସି.ସି. ସାଧାରଣ ସମ୍ପାଦକ – ଭକ୍ତ ଚରଣ ଦାସ, ଏଆଇସିସି ସମ୍ପାଦକ ଶରତ ରାଉତ, ପୂର୍ବତନ ଏ.ଆଇ.ସି.ସି. ସମ୍ପାଦକ – ବିଶ୍ୱରଞ୍ଜନ ମହାନ୍ତି, ପୂର୍ବତନ ସାଂସଦ ଡଃ ରାମଚନ୍ଦ୍ର ଖୁଂଟିଆ, ସୁଶିଲା ତିରିଆ, ଅନନ୍ତ ସେଠୀ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପଂଚାନନ କାନୁନ୍‌ଗୋ, ଗଣେଶ୍ୱର ବେହେରା, ବିଜୟଲକ୍ଷ୍ମୀ ସାହୁ, ଯୁଧିଷ୍ଠିର ଜେନା, ବରିଷ୍ଠ କଂଗ୍ରେସ ନେତା ବିଜୟ ପଟ୍ଟନାୟକ ପ୍ରମୁଖ ରହିଥିବାବେଳେ ବିଧାୟକ ସୁରେଶ କୁମାର ରାଉତରାୟ, ସନ୍ତୋସ ସିଂ ସାଲୁଜା, ତାରା ପ୍ରସାଦ ବାହିନପତି, ଅଧିରାଜ ମୋହନ ପାଣିଗ୍ରାହୀ, ରମେଶ ଜେନା, ସି.ଏସ୍. ରାଜନ ଏକା ପ୍ରମୁଖ ମଧ୍ୟ ରହିଛନ୍ତି। ଏହି କମିଟିରେ ଅନ୍ୟମାନଙ୍କ ମଧ୍ୟରେ ଏ.ଆଇ.ସି.ସି. ମହିଳା ସମ୍ପାଦକ ସସ୍ମିତା ବେହେରା, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ପୂର୍ବତନ ବିଧାୟକ ଭୂଜବଳ ମାଝୀ, ଦେବାଶିଷ ପଟ୍ଟନାୟକ, ମହିଳା କଂଗ୍ରେସର ସଭାନେତ୍ରୀ – ବନ୍ଦିତା ପରିଡ଼ା, ଛାତ୍ର ସଭାପତି – ୟାଶିର ନୱାଜ, ଯୁବ କଂଗ୍ରେସ ସଭାପତି – ସ୍ମୃତିରଞ୍ଜନ ଲେଙ୍କା, ଅନୁସୂଚିତ ଜାତି ଅଧ୍ୟକ୍ଷ – ବାଙ୍କନିଧି ବେହେରା, ସଂଖ୍ୟାଲଘୁ ଅଧ୍ୟକ୍ଷ – ଜିୟା ଉଲ୍ଲ ହକ୍, କିଷାନ ସେଲ୍‌ର ଅଧ୍ୟକ୍ଷ - ଅମୀୟ ପଟ୍ଟନାୟକ, ରାଜ୍ୟ ମୁଖପାତ୍ର - ଅମୀୟ ପାଣ୍ଡବ, ଅମିତା ବିଶ୍ୱାଳ ଓ ମହେନ୍ଦ୍ର ନାୟକ ପ୍ରମୁଖ କଂଗ୍ରେସ ନେତୃବୃନ୍ଦ ରହିଛନ୍ତି। ଏହି ପ୍ରଚାରକମାନେ ଚଳିତ ମାସ ଅପ୍ରିଲ ୨୫ ତାରିଖ ରୁ ମଇ ୮ ତାରିଖ ପର୍ଯ୍ୟନ୍ତ ଝାରସୁଗୁଡ଼ାରେ ଉପସ୍ଥିତ ରହି କଂଗ୍ରେସ ପ୍ରାର୍ଥୀ ଶ୍ରୀ ପାଣ୍ଡେଙ୍କ ସପକ୍ଷରେ ପ୍ରଚାର କରିବେ।

# ଡିସେମ୍ବର ସୁଦ୍ଧା ସବୁ ୱାର୍ଡ଼ରେ ମିଳିବ ୫ଟି ମୌଳିକ ସୁବିଧା



ଭୁବନେଶ୍ୱର, ୧୮/୦୪ (ନି.ପ୍ର): ଚଳିତବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟର ୧୧୫ଟି ପେ ?ରାଞ୍ଚଳର ୨୦୫୫ଟି ୱାର୍ଡରେ ଲୋକଙ୍କୁ ୫ଟି ମୌଳିକ ସୁବିଧା ଯଥା ପାର୍କ, ଜିମ୍, ପେଭର୍ ରାସ୍ତା, ଖୋଲା ସ୍ଥାନ, ଡ୍ରେନେଜ୍ ଆଦି ମିଳିବ। ଏନେଇ ମୁକ୍ତା କାର୍ଯ୍ୟକ୍ରମର ସଂଯୋଜକ ତଥା ଗୋଷ୍ଠୀ ସଂଗଠକମାନେ ଟାର୍ଗେଟ୍ ନେଇ କାମ କରିବାକୁ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି.ମାଥିଭାଥନନ୍ କହିଛନ୍ତି। ସୋମବାର ଦିନ ଲୋକସେବା ଭବନରେ ମୁକ୍ତା କାର୍ଯ୍ୟକ୍ରମର ସଂଯୋଜକ ତଥା ଗୋଷ୍ଠୀ ସଂଗଠକମାନଙ୍କର ଦିନିକିଆ ପ୍ରଶିକ୍ଷଣ କର୍ମଶାଳାରେ ଶ୍ରୀ ମାଥିଭାଥନନ୍ ସଂଯୋଜକମାନଙ୍କୁ ଚେତାବନୀ ଦେବା ଭଳି କହିଛନ୍ତି ଯେ, କୌଣସି ସହରାଞ୍ଚଳରେ ଗୁଣବତ୍ତା ଓ ସ୍ୱଚ୍ଛତା ସହ ସାଲିସ୍ କରାଯିବନି। ବର୍ତମାନ ସମୟ ଆସିଛି ଆମକୁ ଆମର ଦକ୍ଷତା ପ୍ରଦର୍ଶନ କରିବାକୁ ପଡ଼ିବ। ଯେଉଁମାନେ ଦକ୍ଷତା ପ୍ରଦର୍ଶନ କରିନପାରିବେ ସେମାନେ ହୁଏତ ଆମ ଟିମ୍‌ରୁ ନିଶ୍ଚିତ ବାଦ୍ ପଡ଼ିବେ। ବୈଠକରୁ ଜଣାପଡ଼ିଛି ଯେ, ଆଜି ମୁକ୍ତା ୩ ବର୍ଷ ପୂରଣ କରିଛି। ଗତ ୩ ବର୍ଷରେ ରାଜ୍ୟର ୧୧୫ଟି ପୌର ସଂସ୍ଥାରେ ପ୍ରାୟ ୫୨,୫୦୦ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ୬୨ ଲକ୍ଷରୁ ଅଧିକ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ବିଭିନ୍ନ ପୌର ସଂସ୍ଥାରେ 'କ୍ୟାଚ୍ ଦ ରେନ୍' ଅଧୀନରେ ୩୬,୦୦୦ ବର୍ଷା ଜଳ ଅମଳ ପ୍ରକଳ୍ପ ସୃଷ୍ଟି କରାଯାଇଛି। ପ୍ରାୟ ୫୨,୫୦୦ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ପାଇଁ ମୁକ୍ତାରେ ପ୍ରାୟ ୨୬,୪୫୫ ମିସନ ଶକ୍ତି ଗୋଷ୍ଠୀ ଏବଂ ବସ୍ତି ବାସିନ୍ଦା ସଂଘକୁ ସହଭାଗୀ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୌର ପ୍ରଶାସନ ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ, ନଗର ଉନ୍ନୟନ ବିଭାଗର ଯୁଗ୍ମ ସଚିବ ତଥା ନୋଡାଲ ଅଧିକାରୀ ସାରଦା ପ୍ରସାଦ ପଣ୍ଡା ମୁକ୍ତା ଯୋଜନାର ସମ୍ପର୍କରେ କହିଥିଲେ। ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ବିନୟ ଦାସ, ସଞ୍ଜୟ ପରମାଣିକ, ସ୍ୱତନ୍ତ୍ର ସଚିବ ସୁଧାକର ପହି ପ୍ରମୁଖ ଉପସ୍ଥିତ ଥିଲେ।

## ଜୟପୁର ପୌରପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି

ଜୟପୁର, ୧୮/୦୪ (ନି.ପ୍ର): ଜୟପୁର ପୌର ସଭା ଗୃହରେ ପୌର ପରିଷଦର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି । ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତିଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକରେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲ୍କା, ବିଧାୟକ ତାରା ପ୍ରସାଦ ବାହିନିପତି, ଉପାଧକ୍ଷ ବି. ସୁନିତା, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ସହ କାଉନସିଲରମାନେ ଉପସ୍ଥିତ ଥିଲେ । ବୈଠକରେ ୧୦୭ଟି ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା । ମୁଖ୍ୟ ଟ୍ରାଫିକ ଛକରେ ବିଜୁ ପଟ୍ଟନାୟକ ଙ୍କ ପ୍ରତିମୂର୍ତି ଓ ପାରାବେଡାରେ ଆମ୍ବେଦକରଙ୍କ ପ୍ରତିମୂର୍ତି ସ୍ଥାାପନ ନିଷ୍ପତି ହୋଇଛି । ସହରର ପୁରୁଣା ଟାଉନ ପ୍ଲାନିଙ୍ଗ ଗଳିର ନାମ ପରିବର୍ତନ କରି ରାଧା କୃଷ୍ଣ ବିଶ୍ୱାସ ରାୟ ମାର୍ଗ ଓ କାଉଡମ୍ବ ସାହିର ନାମ ପରିବର୍ତନ କରି ଆମ୍ବେଦକର ନଗର କରାଯାଇଛି । ଜୟନଗର ସ୍ଥିତ ଏମ୍ୟୁଜମେଂଟ ପାର୍କରେ ଏକ ମିଶନ ଶକ୍ତି କେଫେ ନିର୍ମାଣ କରିବା, ଘରୋଇ ବସଷ୍ଟାଣ୍ଡ ର ସୌନ୍ଦର୍ଯ୍ୟକରଣ ଓ ଭିତିଭୂମି ପାଇ ପଦ କ୍ଷେପ ନିଆଯିବ ।

# ବଲାଙ୍ଗିର ଉପାନ୍ତ ଅଂଚଳରେ ରୋଗୀଙ୍କ ଭରସା ନକଲି ଡାକ୍ତର

ବଲାଙ୍ଗିର, ୧୮/୦୪ (ନି.ପ୍ର): ଶିକ୍ଷା ବିଭାଗରେ ମାଲ ମାଲ ନକଲି ସାର୍ଟିଫିକେଟ ଧାରି ଶିକ୍ଷକ ବର୍ଷ ବର୍ଷ ଧରି ଚାକିରି କରୁଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଅବହେଳା ଯୋଗୁ ଆଜି ପର୍ଯ୍ୟନ୍ତ ଶିକ୍ଷକ ସାଜି ଚାକିରି କରୁଛନ୍ତି । ଉଚ୍ଚ ଶିକ୍ଷା ବିଭାଗ ବାରମ୍ବାର ଚିଠି ମାଧ୍ୟମରେ ନକଲି ସାର୍ଟିଫିକେଟର ତଦନ୍ତ କରିବାକୁ ଜଣାଇଥିଲେ ମଧ ଜିଲ୍ଲା ଶିକ୍ଷା ବିଭାଗ ସଜାଗ ରହି ନ ଥିବା ବେଳେ ଜିଲାରେ ନକଲି ଡାକ୍ତରଙ୍କ ପ୍ରଭାବ ଦେଖାଦେଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ମାଲ ମାଲ ନକଲି ଡାକ୍ତର ଜିଲ୍ଲାର ସବୁ ସ୍ଥାନରେ ତାଙ୍କର ବ୍ୟବସାୟ ବଳବତର ରଖିଛନ୍ତି। ସହର ଠୁଁ ଆରମ୍ଭ କରି ଗ୍ରାମାଂଚଳ ପର୍ଯ୍ୟନ୍ତ ବ୍ୟାପିଛନ୍ତି ନକଲି ଡାକ୍ତର । ପାଠ ନାହିଁ କି ଶାଠ ନାହିଁ ହେଲେ ନିଜକୁ ଡାକ୍ତର ପରିଚୟ ଦେଇ ବେଶ ମାଲେ ମାଲ୍ ହେଉଥିବା ବେଳେ ରୋଗୀ କାଙ୍ଗାଳ । କିଛି ଔଷଧ ଦୋକାନୀ ନିଜର ବ୍ୟବସାୟ ପାଇଁ ଏହି ଠକ ଡାକ୍ତର ମାନଙ୍କୁ ରଖିଥିବା ଏବଂ ଗ୍ରାମାଚଂଳର ରୋଗୀ ମାନଙ୍କୁ ତତକ୍ଷଣାତ୍ ସ୍ୱାସ୍ଥ୍ୟ ସେବା ଯୋଗାଇ ରୋଜଗାର କରୁଥିବା ଚର୍ଚ୍ଚା ହେଉଛି । ଏହି ନକଲି ଡାକ୍ତର ମାନେ ସାଧାରଣତଃ ୱେଷ୍ଟ ବେଙ୍ଗଲ ରାଜ୍ୟର ବୋଲି ଜାଣିବାକୁ ମିଳିଛି ।ଏମାନଙ୍କ ପାଖରେ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ନ ଥିବା ବେଳେ କୌଣସି ଡାକ୍ତରି ପାସ ପ୍ରମାଣ ପତ୍ର ଏବଂ କ୍ଲିନିକ୍ ଲାଇସେନ୍ସ ମଧ ନାହିଁ। ଏମାନେ ଡାକ୍ତର ସାଜି ବେଧଡକ ରୋଗୀଙ୍କୁ ଲୁଟୁଥିବା ଦେଖିବାକୁ ମିଳୁଛି । ପାଠ ଜିରୋ ହେଲେ ଡାକ୍ତର । ବର୍ଷ ବର୍ଷ ଧରି ଡାକ୍ତର ପରିଚୟ ଦେଇ କ୍ଲିନିକ୍ ଖୋଲି ରୋଗୀଙ୍କୁ ଠକି ନିଜର ପତିଆରା ବିସ୍ତାର କରିଛନ୍ତି । ପାଥୋ ଲାଇସେନ୍ସ ନାହିଁ ହେଲେ ରକ୍ତ ପରୀକ୍ଷା କରି ନିରୀହ ଲୋକଙ୍କୁ ଚୂନା ଲଗାଉଛନ୍ତି । ଜିଲ୍ଲାର ମୁରିବାହାଲ, ସଇଁତଳା, ଲୋଇସିଂହା, ଗୁଡିଘାଟ, ମାର୍ଲାଡ୍, ସିନ୍ଧେକେଲା, କୁରସୁଡ଼, ଟିଟିଲାଗଡ଼, ଉଦେପୁର, ବୈରାସର୍ ଇତ୍ୟାଦି ଆହୁରି ଅନେକ ସ୍ଥାନରେ କ୍ଲିନିକ୍ ଖୋଲି ନିଜକୁ ଡାକ୍ତର ପରିଚୟ ଦେଇ ରୋଗୀଙ୍କ ଠାରୁ ସ୍ୱାସ୍ଥ୍ୟ ସେବା ନାମରେ ହଜାର ହଜାର ଟଙ୍କା ଲୁଟୁ ଥିବା ଚର୍ଚ୍ଚା ହେଉଛି। କୁରସୁଡ଼ରେ ଥିବା ଜଣେ ବଙ୍ଗାଳୀ ଡାକ୍ତର କ୍ଲିନିକ୍ ଖୋଲି ନିଜକୁ ଡାକ୍ତର ପରିଚୟ ଦେଇ ରକ୍ତ ପରୀକ୍ଷା ସହ ଔଷଧ ଦେଉଥିବା ଚର୍ଚ୍ଚା ଜୋର୍ ଧରିଛି । ସେହିଭଳି ଟିଟିଲାଗଡ଼ ନିକଟସ୍ଥ ଉଦେପୁର୍ ଗ୍ରାମରେ ତାପସ କୁମାର ବିଶ୍ୱାସ, ୱେଷ୍ଟ ବେଙ୍ଗଲ ନଦୀଆ ଜିଲ୍ଲା, ରାମେଶ୍ୱର ପୁର୍ ର ବାସିନ୍ଦା ନିଜକୁ ଡାକ୍ତରର ପରିଚୟ ଦେଇ ଏହି ଗ୍ରାମରେ ୧୦/୧୨ ବର୍ଷ ହେବ ରହି ରୋଗୀଙ୍କୁ ସାଲାଇନ୍, ଇଞ୍ଜେକସନ ସହ ମେଲେରିଆ ଏବଂ ଉଚ୍ଚ ରକ୍ତଚାପର ଔଷଧ ମଧ ଦେଉଥିବା ଚର୍ଚ୍ଚା ହେଉଛି। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ପ୍ରଶାସନିକ ଅଧିକାରୀ ମାନେ ଏଭଳି ସଙ୍ଗୀନ ବିଷୟ ଉପରେ ଧ୍ୟାନ ଦେଲେ ଅନେକ ନିରକ୍ଷର, ନିରୀହ ରୋଗୀ ତଥା ଜନତା ଏପରି ଲୁଣ୍ଠନକାରିଙ୍କ କବଳରୁ ମୁକ୍ତ ହେବେ । ଜନ ସାଧାରଣ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ସରକାର ଜିଲ୍ଲାର ବିଭିନ୍ନ ଅଂଚଳରେ ଆୟୁଷ ଡାକ୍ତର ମାନଙ୍କୁ ନିଯୁକ୍ତି ଦେଇଥିବା ବେଳେ ଲୋକେ କାହିଁକି ଅସଲି ଡାକ୍ତର ପାଖକୁ ନ ଯାଇ ନକଲି ଡାକ୍ତର ପାଖରେ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ତାହା ଏକ ପ୍ରଶ୍ନବାଚୀ ।

## ଆମ୍ବେଦକରଙ୍କ ପ୍ରତିମୂର୍ତୀ ଉନ୍ମୋଚିତ

ବଲାଙ୍ଗୀର, ୧୮/୦୪ (ନି.ପ୍ର): ବଲାଙ୍ଗିର ତାଲପଲିପଡା ସ୍ଥିତ ଡଃ ଅମ୍ବେଦକର ଦାତବ୍ୟ ବିକାଶ କେନ୍ଦ୍ର ପରିସରରେ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତୀ ଜନାଥନ ଶ୍ରୀଚୈହାନଙ୍କ କର କମଳରେ ଉନ୍ମୋଚିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଜନାଥନ ଶ୍ରୀଚୌହାନ, ସମ୍ମାନିତ ଅତିଥି ଭାବରେ କାନ୍ତିଲାଲ ମୁଗ୍ରୀ, ନେପାଳ ଚନ୍ଦ୍ର ବାଗ, ହେମସାଗର ନନ୍ଦ, ନବୀନ କୁଅଁର, ସମାଜସେବୀ ଅର୍ଜୁନ ମୁଗ୍ରୀ, ଦ୍ରୋଣ କୁମ୍ଭା, ସ୍ୱର୍ଣ୍ଣବାଳା ନାଗ ଯୋଗ ଦେଇଥିଲେ । ପ୍ରମୋଦ କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମଂଚ ପରିଚାଳନା କରିଥିଲେ ଯଶସ୍ୱିନୀ ଶ୍ରୀଚୌହାନ ଓ ଧନ୍ୟବାଦ ଦେଇଥିଲେ ପବିତ୍ର ନାଗ ।

# ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ପକ୍ଷରୁ ଯୋଗ ପ୍ରଶିକ୍ଷଣ ଶିବିର




ଭୁବନେଶ୍ୱର : ଭୁବନେଶ୍ୱରସ୍ଥିତ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ପକ୍ଷରୁ ଅନେକ ବର୍ଷରୁ ଚାଲିଆସୁଥିବା ପିଲାଙ୍କ ଯୋଗ କାର୍ଯ୍ୟକ୍ରମ ଗତ ଦୁଇ ବର୍ଷ ହେଲା କୋଭିଡ୍ ପାଇଁ ବନ୍ଦ ରହିଥିଲା। କୋଭିଡ୍-୧୯ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀମାନଙ୍କ ପାଇଁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ତଥା ଶାରୀରିକ ଓ ମାନସିକ ସନ୍ତୁଳନ ଅନିବାର୍ଯ୍ୟ ହୋଇପଡ଼ିଛି। ତେଣୁ ଚଳିତ ବର୍ଷ ପୁନର୍ବାର ମେ ୧ରୁ ୧୨ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଗୁରୁକୁଳ ଯୋଗଶିକ୍ଷା ଶିବିର ଆୟୋଜିତ ହେବ। ଗୁରୁକୁଳ ଯୋଗଶିକ୍ଷା ଶିବିରରେ ଯୋଗ ଦେବାକୁ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ବୟସ ୮ରୁ ୧୪ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ। ଶିବିରରେ ମୁଖ୍ୟତଃ ଆସନ, ପ୍ରାଣାୟାମ, ମୁଦ୍ରା, ମନ୍ତ୍ର, ଯୋଗ ନିଦ୍ରା, ଚିତ୍ରାଙ୍କନ, ଭଗବତ୍ ଗୀତା ଆଦି ବିଷୟରେ ଶିକ୍ଷା ଦିଆଯିବ। ପ୍ରତିଦିନ ଅପରାହ୍ଣ ୪ଟା ୩୦ରୁ ସନ୍ଧ୍ୟା ୮ଟା ୩୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଯୋଗ ଶିକ୍ଷାର ଆଦର ବଢ଼ାଇବା ସହିତ ସ୍ମରଣଶକ୍ତି ତଥା ମନର ସ୍ଥିରତା ଓ ଏକାଗ୍ରତା ବୃଦ୍ଧି ଏବଂ ବ୍ୟକ୍ତିତ୍ୱ ବିକାଶ ନିମନ୍ତେ ଶିକ୍ଷା ଦିଆଯିବ। ଏହା ସହ ଆସନ୍ତା ଏପ୍ରିଲ ୨୪ ତାରିଖରୁ ମଇ ୩୦ ତାରିଖ ପର୍ଯ୍ୟନ୍ତ ଏକ ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ମଧ ଏଠାରେ ଆୟୋଜିତ ହେବ। ଏହି ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିରରେ ଆସନ, ପ୍ରାଣାୟାମ, ମୁଦ୍ରା, ବନ୍ଧ ଓ ସଟକର୍ମ ସହିତ ବିଭିନ୍ନ ରୋଗର ସବିଶେଷ ଯୋଗ ଉପଚାର ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରାଯିବ। ଏହାଦ୍ୱାରା ଜଣେ ବ୍ୟକ୍ତି ନିଜକୁ ଦକ୍ଷ ଯୋଗ ଶିକ୍ଷକ ଭାବେ ଗଢ଼ିପାରିବେ। ଏଥିପାଇଁ ବିଦ୍ୟାଳୟରେ ଆବାସିକ ବ୍ୟବସ୍ଥା ଓ ପାଠାଗାର ସୁବିଧା ରହିଛି ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଯୋଗ ବିଦ୍ୟାଳୟ ତରଫରୁ ଆତ୍ମନିଯୁକ୍ତି ପାଇଁ ସହାୟତା ଯୋଗାଇ ଦିଆଯିବ। ଶିବିରରେ ସୁଯୋଗ ନେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଓ ଛାତ୍ରଛାତ୍ରୀଙ୍କ ଅଭିଭାବକ ଅଧିକ ବିବରଣୀ ପାଇଁ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ କାର୍ଯ୍ୟାଳୟ, ଏ ୬/୨, ଜୟଦେବ ବିହାର କିମ୍ବା ଫୋନ୍ ନମ୍ବର: ୯୦୪୦୨୪୮୯୬୦, ୯୪୩୭୨୦୬୩୯୫ ସହ ଯୋଗାଯୋଗ କରିବାକୁ ଯୋଗ ବିଦ୍ୟାଳୟର ନିର୍ଦ୍ଦେଶକ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ଅନୁରୋଧ କରିଛନ୍ତି।

# କେନ୍ଦୁଝର ଜିଲ୍ଲାରେ ଗଠିତ ହେଲା ମିଳିତ ଅମଲା ମଂଚ ଲକ୍ଷ୍ୟ: ୪୨୦ ଗ୍ରେଡ ପେ

କେନ୍ଦୁଝର, ୧୮/୦୪ (ନି.ପ୍ର): କେନ୍ଦୁଝର ରେ ପ୍ରଥମ ଥର ପାଇଁ ଗଠିତ ହୋଇଛି ଜିଲ୍ଲା ମିଳିତ ଅମଲା ମଂଚ । କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରେର ଥିବା ଦରବାର ହଲେର ଗଠିତ ହୋଇଛି ଏହି ମଂଚ । ଜିଲ୍ଲାେର ଥିବା ଓଡିସା ରାଜସ୍ୱ ଅମଲା ସଙ୍ଘ, ଓଡିଶା ଅମଲା ସଙ୍ଘ, ଟ୍ରେଜରୀ ସଙ୍ଘ ଓ ସବ ରେଜିଷ୍ଟର ସଙ୍ଘର କମର୍କର୍ତା, ସଭ୍ୟ ସଭ୍ୟା ବୃନ୍ଦଙ୍କୁ ନେଇ ଏହି ନୂତନ ଭାବେ ଗଠିତ ମିଳିତ ଅମଲା ମଂଚ ଗଠିତ ହୋଇଛି । ଏହି ମିଳିତ ମଂଚର ଅଧ୍ୟକ୍ଷ ଭାବେ ସୁରେଶ ଚନ୍ଦ୍ର ରଣା, ଆବାହକ ଭାବେ ପ୍ରଶନ୍ନ କୁମାର ବେହେରା, ସଂପାଦକ ଭାବେ ସେରାଜ କୁମାର ବେହେରା, ସଂଗଠନ ସଂପାଦକ ଭାବେ ଶ୍ରୀମତୀ ମିନତୀ ସାହୁ, ସଚ୍ଚିଦାନନ୍ଦ ମହାକୁଡ, କୋଷାଧକ୍ଷ ଭାବେ ସୋହମ ନାୟକ, ମିଡିଆ ସଂଯୋଜକ ଭାବେ ପୀତବାସ ମହାନ୍ତ ଆଦିଙ୍କୁ ମେନାନୀତ କରାଯାଇଛି । ଏତଦ୍ ବ୍ୟତିତ ସୁବ୍ରତ ପଟ୍ଟନାୟକ, ପ୍ରଭାତୀ ପ୍ରଧାନ, ତପନ କୁମାର ଭୂୟାଁ, ମେହନ୍ଦ୍ର କୁମାର ମୁର୍ମୁ, ଅନାମ ପାତ୍ର, ଗୀତାଞ୍ଜଳୀ ପାତ୍ର, ମହେଶ୍ୱରୀ ଦାଶ, ବିଭୁତି ଭୁଷଣ ନାୟକ, ରକେଶ ରଥ, ମାନସ ରାଉଳ, ମାନଓ ରଞ୍ଜନ ଜେନା, ଜଗେମାହନ ଜେନା, ସୁବ୍ରତ ମହାନ୍ତି, ଗୈତମ ମହାନ୍ତ, ପୁଷ୍ପିତା ଦେହୁରୀ, ପ୍ରତାପ କୁମାର ନୈଠା, ଯତିନ୍ଦ୍ର ଜେନା, ମିତାଲୀ ମଧୁସ୍ମିତା ମହାପାତ୍ର, ବନୀତା ରାଉତ, ସ୍ୱପ୍ନାରାଣୀ ମିଶ୍ର, ଚନ୍ଦ୍ରାୟ ହାସଂଦା ଆଦି କାଯ୍ୟର୍କାରୀ ସ୍ୟ ଭାବେ ମେନାନୀତ ହୋଇଛନ୍ତି । ନୂତନ ଭାବେ ମେନାନୀତ କମର୍କର୍ତା ମାନେ ଆଗାମୀ ୨୧ ତାରିଖେର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟେର ୪୨୦୦ ଟଙ୍କା ଗ୍ରେଡ ପେ ନିମେନ୍ତ ଦାବୀ ପତ୍ର ଉପସ୍ଥାପନା କରିବେ । ସରକାର ଏହାର ବିଧିବଦ୍ଧ ବିଚାର ନକେଲ ମେ ୧ ତାରିଖ ଦିନ ସରକାରଙ୍କ ଉଦ୍ଦେଶ୍ୟେର ରାଜ୍ୟ ନେତୃତ୍ୱ ଦ୍ୱାରା ଚରମ ପତ୍ର ପ୍ରଦାନ କରିବାକୁ ନିଷ୍ପତି ନିଆଯାଇଥିଲା । ଏହି କାଯ୍ୟର୍କ୍ରମ କାମିନୀକାନ୍ତ ମହାନ୍ତଙ୍କ ସଭାପତିତ୍ୱେର କରାଯାଇଥିବା ବେଳ ଅତିଥି ଭାକ୍ଷବ ଓଡିଶା ରାଜସ୍ୱ ଅମଲା ସଙ୍ଘର ବରିଷ୍ଠ ଉପେଦଷ୍ଟା ସେରାଜ କୁମାର ସାହୁ କୈଳାସ ଚନ୍ଦ୍ର ମଲ୍ଲିକ, ଓଡିଶା ରାଜସ୍ୱ ଅମଲା ସଙ୍ଘର ସଭାପତି ଜିତେନ୍ଦ୍ର କୁମାର ମହାପାତ୍ର, ସଂପାଦକ ପ୍ରଭାତେନ୍ଦୁ ନାୟକ, ଅମଲା ସଙ୍ଘର ସଭାପତି ଅଭିମନ୍ୟୁ ପ୍ରଧାନ, ସଂପାଦକ ପ୍ରଶନ୍ନ କୁମାର ବେହାରା, ଟ୍ରେଜରୀ ସଙ୍ଘର ବରିଷ୍ଠ ଉପେଦଷ୍ଟା ସେରାଜ କୁମାର ବେହେରା ଆଦି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥଲେ । ଏହି କାଯ୍ୟର୍କ୍ରମକୁ ମିଡିଆ ସଂଯୋଜକ ପୀତବାସ ମହାନ୍ତ ସଂଯୋଜନା କରିଥିବା ବେଳ ଓଡିଶା ରାଜସ୍ୱ ଅମଲା ସଙ୍ଘର ରାଜ୍ୟ କାଯ୍ୟର୍କାରୀ ସଭାପତି ଧନ୍ୟବାଦ ଅପର୍ଣ କରିଥିଲେ ।

# ମାଷ୍ଟର ଟ୍ରେନରମାନଙ୍କୁ ପ୍ରଶିକ୍ଷଣ

ଝାରସୁଗୁଡ଼ା, ୧୮/୦୪ (ନି.ପ୍ର): ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ସମସ୍ତ ଅଧିକାରୀ ଓ କର୍ମଚାରୀମାନେ କିଭଳି ସେମାନଙ୍କର କାର୍ଯ୍ୟ ସୂଚାରୁ ରୂପେ ତୁଲାଇବେ ସେଥି ପାଇଁ ଜିଲ୍ଲା ସ୍ତରୀୟ ମାଷ୍ଟର ଟ୍ରେନରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି ।ଏହି ପ୍ରଶିକ୍ଷିତ ମାଷ୍ଟର ଟ୍ରେନରମାନେ ପର୍ଯ୍ୟାୟ କ୍ରମେ ଅନ୍ୟ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦେବେ । ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ରାଜ୍ୟ ଯୁଗ୍ମ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ ମାଷ୍ଟର ଟ୍ରେନରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶିକା ଅନୁସାରେ ସମସ୍ତେ ସତର୍କତା ଅବଲମ୍ବନ ପୂର୍ବକ ଦାୟିତ୍ୱ ନିର୍ବାହ ପାଇଁ ପରାମର୍ଶ ଦିଆଯାଇଛି। ଇ ଭି ଏମ୍ ଓ ଭିଭିପାଟ ସୁରକ୍ଷିତ ଭାବରେ ଷ୍ଟ୍ରଙ୍ଗ ରୁମରେ ରଖିବା, ସିସି ଟିଭି ସଂଯୋଗ, ଭୋଟଗ୍ରହଣ ପାଇଁ ଆନୁସଙ୍ଗିକ ସାମଗ୍ରୀର ତାଲିକା ପ୍ରସ୍ତୁତି ଓ ସମ୍ପୃକ୍ତ ଅଧିକାରୀମାନଙ୍କୁ ଯଥା ସମୟରେ ହସ୍ତାନ୍ତର, ଭିଭିପାଟ ମେସିନ ସହ ବେଲଟ ୟୁନିଟ ଓ କଂଟ୍ରୋଲ ୟୁନିଟର ସଂଯୋଗ, ଭୋଟ ସାମଗ୍ରୀ ବିତରଣ କେନ୍ଦ୍ରରେ ସମସ୍ତ ବ୍ୟବସ୍ଥାର ମ୍ୟାପ୍ ପ୍ରଦର୍ଶନ, ମତଦାନ ଦିନ ଓ ପୂର୍ବରୁ ମତଦାନ ଗ୍ରହଣ କରାଯାଉଥିବା କକ୍ଷରେ ଆନୁସଙ୍ଗିକ ବ୍ୟବସ୍ଥା ଓ ଛାୟା ଭୋଟ(ମକ୍ ପୋଲ ) ସମ୍ପର୍କରେ ଆଲୋଚନା କରାଯାଇଥିଲା। ସେହିପରି ପ୍ରିଜାଇଡିଂ ତଥା ପ୍ରଥମ,ଦ୍ୱିତୀୟ ଓ ତୃତୀୟ ପୋଲିଂ ଅଧିକାରୀମାନଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦେଇ ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ ଯୋଗ ଦେଇ ନିର୍ବାଚନୀ କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀ ମାନେ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ତ୍ରୁଟିଶୂନ୍ୟ ଭାବରେ ନିଜ ନିଜ ଦାୟିତ୍ୱ ତୁଲାଇବାକୁ ପରାମର୍ଶ ଦେଇଥିଲେ। ଗ୍ରୀଷ୍ମପ୍ରବାହ ଦୃଷ୍ଟିରୁ ପ୍ରତ୍ୟେକ ପୋଲିଂ ପାର୍ଟି ପାଇଁ ମେଡ଼ିସିନ କିଟ ସହ ଓଆରଏସ ବ୍ୟବସ୍ଥା କରିବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରମାନେ ମାଷ୍ଟର ଟ୍ରେନର ଭାବରେ ପ୍ରଶିକ୍ଷଣ ନେଇଥିଲେ। ଆଇନ ଉଲଂଘନକାରୀଙ୍କ ପ୍ରତି ଦଣ୍ଡବିଧାନର ବିଭିନ୍ନ ଧାରା ସମ୍ପର୍କରେ ସମସ୍ତଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ନିର୍ବାଚନ ପରିପ୍ରେକ୍ଷୀରେ କଣ କରାଯିବ ଓ କଣ କରାନଯିବ ସେ ସମ୍ପର୍କରେ ବିସ୍ତୃତ ଭାବରେ ପ୍ରଶିକ୍ଷିତ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଲଙ୍କେଶ୍ୱର ଅମାତ, ରିଟର୍ଣ୍ଣିଂ ଅଧିକାରୀ ତଥା ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ସୁଚିତା ପୁଷ୍ପା, ସହକାରୀ ଜିଲ୍ଲାପାଳ ଉମାକାନ୍ତ ପ୍ରଧାନଙ୍କ ସମେତ ସମ୍ପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଫାର୍ମାସିଷ୍ଟ ମାନଙ୍କ ତରଫରୁ ଦାବିପତ୍ର ପ୍ରଦାନ

ଜୟପୁର, ୧୮/୦୪ (ନି.ପ୍ର): ଭେଶଜ ନିରୀକ୍ଷକ କାର୍ଯ୍ୟାଳୟ କୋରାପୁଟ ରେଞ୍ଜ ଡ୍ରଗ ଇନସପେକ୍ଟର ଜୟପୁରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ ଓଡିଶା ପଞ୍ଜିକୃତ ଫାର୍ମାସିଷ୍ଟ ମହାସଂଘର ୬୫ ହଜାର ଫାର୍ମାସିଷ୍ଟ ଏବଂ ଫାର୍ମାସୀ ଛାତ୍ର ଛାତ୍ରୀଙ୍କ ୧୨ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି । ଓଡିଶାରେ ଫାର୍ମାସିଷ୍ଟ ପୋଷ୍ଟକୁ ଗୋଟିଏ କ୍ୟାଡର କରି ଓଡିଶାରେ ୩୦ ହଜାର ନୁତନ ଫାର୍ମିସିଷ୍ଟ ପଦବୀ ସୃଷ୍ଟି କରାଯାଉ, ଓଡିଶାରେ ଫାର୍ମା ଉଦ୍ୟୋଗ ନିୟମକୁ ସରଳ କରାଯାଉ, ଫାମାସିଷ୍ଟ ମାନଙ୍କ ଛଡା ଅନ୍ୟ କୌଣସି ଅଣ ଫାର୍ମା ଲୋକଙ୍କୁ ଔଷଧ ରକ୍ଷଣା ବେକ୍ଷଣ ଏବଂ ବିତରଣ ଦାୟିତ୍ୱ ଦିଆନଯାଉ, ସମସ୍ତ ପଞ୍ଜିକୃତ ଫାର୍ମାସିଷ୍ଟ ମାନଙ୍କ ପାଇଁ ଏବଂ ସେ ମାନଙ୍କ ପରିବାର ବର୍ଗଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯାଉ, ସମସ୍ତ ଫାର୍ମାସିଷ୍ଟ ଙ୍କୁ ଏବଂ ସେ ମାନଙ୍କ ପରିବାରକୁ ବିଏସକେଓାଇ ଯୋଜନା ରେ ଅନ୍ତର୍ଭୁକ୍ତ କରାଯାଉ, ପଞ୍ଜିକୃତ ଫାର୍ମାସିଷ୍ଟ ମାନଙ୍କ ପାଇ ୫୦ଲକ୍ଷ ଟଙ୍କାର ଜୀବନ ବୀମା ଲାଗୁ କରାଯାଉ ଆଦି ଦାବି ରହିଛି ।

# ମାଙ୍ଗାନିଜ୍ ଖଣି ପରିଚାଳନାରେ ବ୍ୟାପକ ଅନିୟମିତତା ଅଭିଯୋଗ : ଉଚ୍ଚମାନର ଖଣିକୁ ନିମ୍ନମାନର ଦେଖାଇ ଲୁଟ୍



ଭୁବନେଶ୍ୱର, ୧୮/୦୪ (ନି.ପ୍ର): ରାଜ୍ୟରେ ମାଙ୍ଗାନିଜ୍ ଖଣି ପରିଚାଳନାରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି। ରାଜ୍ୟରେ କିପରି ଉନ୍ନତମାନର ମାଙ୍ଗାନିଜ୍‌କୁ ନିମ୍ନମାନର ଦେଖାଇ ଚାଲାଣ କରାଯାଉଛି ଏବଂ ରାଜ୍ୟ ସରକାର ଶହ ଶହ କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି ସେନେଇ ଆଜି ଅପରାଜିତା ତଥ୍ୟ ପ୍ରମାଣ ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଆଜି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅପରାଜିତା କହିଛନ୍ତି ଯେ, କେନ୍ଦ୍ର ସରକାର ଓଡ଼ିଶାରେ ନୂତନ ଭାବେ ନିଲାମ ହୋଇଥିବା କେତେକ ଖଣିର ଦୁର୍ନୀତି ଓ ଅନିୟମିତତା ନେଇ ଏପ୍ରିଲ ୬ରେ ରାଜ୍ୟ ସରକାରଙ୍କୁ ଚିଠି ଲେଖିଛନ୍ତି। ଏଥିରେ କିପରି ରାଜ୍ୟ ସରକାର ଓ ଖଣି ମାଫିଆଙ୍କ ମଧ୍ୟରେ ଅନୈତିକ ବୁଝାମଣା ଚାଲିଛି ଏବଂ ବିପର୍ଯ୍ୟସ୍ତ ଶାସନ ବ୍ୟବସ୍ଥା ଯୋଗୁ ହଜାର ହଜାର କୋଟିର ଦୁର୍ନୀତି ହୋଇଛି ତାହା ଜଣାପଡ଼ିଛି। ରାଜ୍ୟରେ ଖଣି ବ୍ୟବସାୟୀମାନେ ଭଲ ଗ୍ରେଡର ଲୁହା, ମାଙ୍ଗାନିଜ, କ୍ରୋମ ଖଣିଜ ପଦାର୍ଥକୁ ନିମ୍ନମାନର ଦର୍ଶାଇ କମ୍ ମୂଲ୍ୟରେ ବିକ୍ରୟ କରୁଥିବା ଦର୍ଶାଉଥିବାରୁ ରୟାଲଟି ବାବଦକୁ ଅଧିକ ଅର୍ଥ ମିଳୁନି। ଡିଏମ୍ଏଫ୍ ଓ ଏନ୍ଏମ୍ଇଟିକୁ ଆବଶ୍ୟକୀୟ ଦେୟ ଫାଙ୍କୁଛନ୍ତି। ଯିଏ ହଜାରେ, ଦୁଇ ହଜାର ଟଙ୍କା ଲାଞ୍ଚ ନେଉଛି ତାକୁ ଗିରଫ କରି ସ୍ୱଚ୍ଛ ସରକାର ଚାଲିଛି ବୋଲି କହୁଛନ୍ତି। ହେ ?ଲ ପ୍ରତିଦିନ ଯେଉଁଠି ଶହଶହ କୋଟିର ଦୁର୍ନୀତି ହେଉଛି ସେନେଇ କାହିଁକି ରାଜ୍ୟ ସରକାର ଚୁପ୍ ରହିଛନ୍ତି ଖଣି ବ୍ୟବସାୟୀ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଭିତିରି ବୁଝାମଣା ଯୋଗୁ ରାଜ୍ୟର ବିକାଶ ହେଉନି ବୋଲି ଅପରାଜିତା କହିଛନ୍ତି। କିପରି ଖଣି ଦୁର୍ନୀତି ହେଉଛି ତା'ର ଉଦାହରଣ ଦେଇ ଅପରାଜିତା କହିଥିଲେ, ଯେଉଁ ମାଙ୍ଗାନିଜ ଖଣିରୁ ୨୫% ମାଙ୍ଗାନିଜ ଧାତୁରୁ କମ୍ ଅନୁପାତରେ ଧାତୁ ଥାଏ ତାହାକୁ ନିମ୍ନ ଧାତୁ କୁହାଯାଏ। ଏହାର ଟନ୍ ପିଛା ୨୮୯୬ଟଙ୍କା ଧାର୍ଯ୍ୟ ହୋଇଛି। ୨୫ରୁ ୩୫% ଧାତୁ ଥିଲେ ଟନ୍ ପିଛା ୭୧୭୪ଟଙ୍କା ଏବଂ ୩୫ରୁ ୪୬% ଥିଲେ ଟନ୍ ପିଛା ୧୦୩୦୦ ଟଙ୍କା ମୂଲ୍ୟ ଧାର୍ଯ୍ୟ ହୋଇଛି। ହେଲେ ଅଧିକାଂଶ ମାଙ୍ଗାନିଜ୍‌କୁ ନିମ୍ନମାନର ଦର୍ଶାଇ ୨୮୯୬ଟଙ୍କା ହିସାବରେ ରୟାଲଟି ଏବଂ ସମସ୍ତ ଧାର୍ଯ୍ୟ ଦେୟ ଦିଆଯାଉଛି। ଯେତେବେଳେକି ଅଧିକାଂଶ ସ୍ଥାନରେ ୨୫ରୁ ୩୫% ଧାତୁ ଥିବା ମାଙ୍ଗାନିଜ୍ ମିଳୁଛି। କିନ୍ତୁ ଉଦ୍ଦେଶ୍ୟମୂଳକ ଭାବେ କମ୍ ଧାତୁ ଥିବା ମାଙ୍ଗାନିଜ୍ ଖଣି ଦର୍ଶାଯାଇଛି। ଯାହାର ଉଦାହରଣ ହେଉଛି ସିଲଜୋରା କାଲିମାଟି ଖଣି। ଏଠାରେ ନିଲାମ ପୂର୍ବରୁ ଲୋ-ଗ୍ରେଡ ମାଙ୍ଗାନିଜ ସର୍ବନିମ୍ନ ୪.୮୬%ରୁ ୪୦% ଥିବା ଦର୍ଶାଯାଇଥିବାବେଳେ ପରେ ଏହାକୁ ୨୦୨୦-୨୧ରୁ ଦୁଇ ବର୍ଷରେ ଯଥାକ୍ରମେ ୯୮% ଓ ୯୬% ଦର୍ଶାଇ ଦୁର୍ନୀତି କରିବାର ଉପାୟ ଅବଲମ୍ବନ କରାଯାଇଛି। ଖଣି ନିଲାମଧାରୀ ଓ ଟ୍ରେଡର ମିଶି ଯାଇଥିବାରୁ ଉନ୍ନତମାନର ମାଙ୍ଗାନିଜ୍ ପରିବହନ ହେଉଥିବା ନେଇ ଜଣାପଡୁନି। ଏପରିକି ନିମ୍ନ ମାନର ମାଙ୍ଗାନିଜ୍ ଉତ୍ପାଦନ ହେଉଥିବା ଦର୍ଶାଉଥିଲେ ବି ଅଧିକ ମୂଲ୍ୟରେ ଉନ୍ନତମାନର ମାଙ୍ଗାନିଜ୍ ବିକ୍ରି କରାଯାଉଛି। ଏହାଦ୍ୱାରା ରାଜ୍ୟ ସରକାର ୧ଲକ୍ଷ ଟନ୍ ପିଛା ପ୍ରାୟ ୫୦୦କୋଟିରୁ ୮୬୪କୋଟି ଟଙ୍କା ପ୍ରିମିୟମ୍ ଓ ବିଡିଂ ଅର୍ଥ ହରାଉଛନ୍ତି। ଡିଏମ୍ଫ୍‌ରେ ବି ୬୪ରୁ ୧୧୧ କୋଟି ପର୍ଯ୍ୟନ୍ତ କମ୍ ଅର୍ଥ ଜମା ହେଉଛି। ରାଜ୍ୟ ସରକାର ଏସବୁ ଜାଣିକି ବି ପଦକ୍ଷେପ ନେଉନାହାନ୍ତି। ଏପରିକି ଶାହା କମିସନଙ୍କ ରିପୋର୍ଟ ପରେ ରାଜ୍ୟ ସରକାର ଖଣି ଦୁର୍ନୀତି ନିବାରଣ ପାଇଁ ଯେଉଁ ପଦକ୍ଷେପ ନେବେ ବୋଲି ଆଶା କରାଯାଉଥିଲା ତାହା ହେଉନି। ଖଣି ଚୋରି ରୋକିବାକୁ ଏସ୍ଓପି ଜାରି କରିବାର ନିୟମ ଥିଲେ ବି ଓଡ଼ିଶାରେ ତାହା ହେଉନି। ଆଇନ ଖିଲାପକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ନେଇ ରାଜ୍ୟ ସରକାରଙ୍କ କ୍ଷମତା ଥିଲେ ବି ଖଣି ମାଲିକଙ୍କ ଲିଜ୍ ରଦ୍ଦ କରିବା ପରିବର୍ତ୍ତେ ଦୁର୍ନୀତି କରିବାକୁ ପର୍ଯ୍ୟାପ୍ତ ସୁଯୋଗ ଦିଆଯାଉଛି। ଅତୀତରେ ଉଚ୍ଚ ନ୍ୟାୟାଳୟ ଏବଂ ମାଇନିଂ ଟ୍ରିବ୍ୟୁନାଲରୁ ରହିତାଦେଶ ଆଣିବା ପାଇଁ ମଧ ପର୍ଯ୍ୟାପ୍ତ ସମୟ ଓ ସୁଯୋଗ ଦେଇଥିବାର ପ୍ରମାଣ ରହିଛି। ଖଣି ଲିଜ୍‌ଧାରୀମାନେ ରାଜ୍ୟ ସରକାର ଏବଂ ଓଡ଼ିଶାର ଜନସାଧାରଣଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଠକି ଚାଲିଛନ୍ତି, ଅଥଚ ସେମାନଙ୍କ ଲିଜ୍ କାହିଁକି ରଦ୍ଦ କରାଯାଇନାହିଁ ବୋଲି ଅପରାଜିତା ପ୍ରଶ୍ନ କରିଛନ୍ତି।

# ରାସ୍ତାରେ ଗାଡ଼ିରୁ ତେଲ ସରିଗଲେ ଏହି ଦେଶରେ ଦିଆଯାଏ ଦଣ୍ଡ



ରାସ୍ତାରେ ଦ୍ରୁତ ଗତିରେ ଗାଡି ଚଳାଇବା ଏବଂ କାରକୁ ଅଟକାଇ ଭିଡିଓ ତିଆରି କରିବା ପାଇଁ ଲୋକଙ୍କୁ ଦଣ୍ଡ ଦିଆଯିବା ବିଷୟରେ ଆପଣ ନିଶ୍ଚୟ ଶୁଣିଥିବେ, କିନ୍ତୁ ଆପଣ କେବେ ଶୁଣିଛନ୍ତି କି ରାସ୍ତା ମଝିରେ ଯଦି ଇନ୍ଧନ ସରିଯାଏ ତେବେ ବି ଦଣ୍ଡ ମିଳିବ ହଁ, ଦୁନିଆରେ ଏପରି ଏକ ଦେଶ ଅଛି ଯେଉଁଠାରେ ଆପଣ ଯେତେ ଦ୍ରୁତ ଗତିରେ ଗାଡି ଚଲାନ୍ତୁ ପଛେ ଏଥିରେ କୌଣସି ପ୍ରତିବନ୍ଧକ ନାହିଁ, କିନ୍ତୁ ଯଦି ଆପଣଙ୍କର କାରର ରାସ୍ତା ମଝିରେ ତେଲ ସରିଯାଏ, ତେବେ ଆପଣଙ୍କୁ ଏଥିପାଇଁ ଦଣ୍ଡିତ କରାଯିବ ।

କେବଳ ଏତିକି ନୁହେଁ, ଏହି ଦେଶରେ ଆହୁରି ଅନେକ ନିୟମ ଅଛି, ଯାହାକୁ ଶୁଣିଲେ ଆପଣ ଅଜବ ବୋଲି କହିବେ। ଏହି ଦେଶର ନାମ ହେଉଛି ଜର୍ମାନୀ । ଏହା ହେଉଛି ସେହି ଜର୍ମାନୀ, ଯେଉଁଠାରେ ହିଟଲର ଏକଛତ୍ରବାଦୀ ଶାସନ କରୁଥିଲେ, ଯେଉଁଥିପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ହୋଇଥିଲା । ଯଦିଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜର୍ମାନୀ ଦେଶ ସମ୍ପୂର୍ଣ୍ଣ ଗରିବ ହୋଇଯାଇଥିଲା, କିନ୍ତୁ ଆଜି ଏହା ଦୁନିଆର ସବୁଠାରୁ ଶକ୍ତିଶାଳୀ ଦେଶ ମଧ୍ୟରେ ଗଣାଯାଇଛି।

ଆଜି ଇଞ୍ଜିନିୟରିଂ କ୍ଷେତ୍ରରେ ଜର୍ମାନୀର ନାମ ପ୍ରଥମେ ଆସୁଛି । ଜର୍ମାନୀରେ, ଆପଣ ରାସ୍ତାରେ ଯେତେ ଜୋରରେ ଗାଡିଚାଳନା କରିପାରିବେ, ଏଥିପାଇଁ କୌଣସି ପ୍ରକାରର ଦଣ୍ଡର ବ୍ୟବସ୍ଥା ନାହିଁ । କିନ୍ତୁ ଯଦି ଆପଣଙ୍କ ଗାଡିର ଇନ୍ଧନ ରାସ୍ତା ମଝିରେ ସରିଯିବ, ତେବେ ଏଠାରେ ଏହାକୁ ଅପରାଧ ଭାବରେ ବିବେଚନା କରାଯିବ ଏବଂ ଏଥିପାଇଁ ଆପଣଙ୍କୁ ଦଣ୍ଡ ଦିଆଯାଇପାରେ କିମ୍ବା ଆପଣ ଜରିମାନା ମଧ୍ୟ ଦେଇପାରନ୍ତି ।

# ଋତୁସ୍ରାବ କଷ୍ଟକୁ ଅଣଦେଖା କରନ୍ତୁନି: ହୋଇପାରେ ବଡ ସମସ୍ୟା

ଋତୁସ୍ରାବ ସମୟରେ ମହିଳାମାନେ ପ୍ରାୟତଃ ପେଟରେ ଯନ୍ତ୍ରଣା ଅନୁଭବ କରନ୍ତି । ଅନେକ ମହିଳାଙ୍କର ପେଟ, ଅଣ୍ଟା, ତଳି ପେଟ ଏବଂ ଗୋଡରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ଏହାକୁ ପିରିୟଡ୍ କ୍ରମ୍ପସ୍ ମଧ୍ୟ କୁହାଯାଏ । ଏହି ଯନ୍ତ୍ରଣା ସାଧାରଣତଃ ଦୁଇରୁ ତିନି ଦିନ ପର୍ଯ୍ୟନ୍ତ ରହିପାରେ । ଏହା ଏକ ସାଧାରଣ ସମସ୍ୟା, କିନ୍ତୁ ଅନେକଙ୍କ ପାଇଁ ଏହି ଯନ୍ତ୍ରଣା ଅସହ୍ୟ ହୋଇଯାଏ । ଯେଉଁଥିପାଇଁ ସେମାନଙ୍କୁ ଔଷଧ ଖାଇବାକୁ ପଡେ । ଯାହା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ସୃଷ୍ଟି କରିବାର ସମ୍ଭାବନା ଥାଏ । ଋତୁସ୍ରାବ ସମୟରେ ଅସହ୍ୟ ଯନ୍ତ୍ରଣା ପଛରେ ଅନେକ ଗଭୀର କାରଣ ଥାଇପାରେ । ଏପରି ପରିସ୍ଥିତିରେ ଯଦି ଆପଣଙ୍କୁ ବହୁତ ଯନ୍ତ୍ରଣା ହେଉଛି ତେବେ ଏହାକୁ ଅଣଦେଖା କରନ୍ତୁ ନାହିଁ ଏବଂ ଔଷଧ ଖାଇବା ପରିବର୍ତ୍ତେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ । ଋତୁସ୍ରାବ ସମୟରେ ଅଧିକ ଯନ୍ତ୍ରଣା ପ୍ରକୃତରେ ପ୍ରୋଷ୍ଟାଗ୍ଲାଣ୍ଡିନ୍ସ ନାମକ ଏକ ରାସାୟନିକ କାରଣରୁ ହୋଇଥାଏ କିମ୍ବା ଏହାକୁ ଆମେ ହରମୋନ୍ ମଧ୍ୟ କହିପାରିବା । ଋତୁସ୍ରାବ ସମୟରେ ଗର୍ଭାଶୟରେ ପ୍ରୋଷ୍ଟାଗ୍ଲାଣ୍ଡିନ ସୃଷ୍ଟି ହୁଏ , ଯାହା ମାଂସପେଶୀର ସଂକୋଚନ କରେ । ଏହା ପେଟ ଏବଂ ପିଠିରେ ଯନ୍ତ୍ରଣା କରାଏ । ଏହି ହରମୋନ୍ ଅଣ୍ଡାଦାନ, ଋତୁସ୍ରାବ ପ୍ରକ୍ରିୟା ଏବଂ ମହିଳାମାନଙ୍କ ପ୍ରଜନନ ପ୍ରଣାଳୀକୁ ସକ୍ରିୟ କରାଇଥାଏ ।

ଋତୁସ୍ରାବ ସମୟରେ ଯନ୍ତ୍ରଣା ସ୍ୱାଭାବିକ ବୋଲି ଡାକ୍ତରମାନେ କହିଛନ୍ତି । ବାସ୍ତବରେ, ଅଧିକାଂଶ ମହିଳା ଋତୁସ୍ରାବ ସମୟରେ ଯନ୍ତ୍ରଣା ଏବଂ ଅସନ୍ତୋଷ ଅନୁଭବ କରନ୍ତି । କିନ୍ତୁ ଅତ୍ୟଧିକ ଯନ୍ତ୍ରଣା ଯାହା ଆପଣଙ୍କ ମନ ଏବଂ ଶରୀରକୁ ଅଧିକ ପ୍ରଭାବିତ କରେ ତାହା ସ୍ୱାଭାବିକ ନୁହେଁ । ଏହା ଆପଣଙ୍କ ପ୍ରଜନନ କ୍ଷମତାରେ କିଛି ଅସୁବିଧା କରିପାରେ । ଯଦି ଆପଣ ଏଭଳି ଯନ୍ତ୍ରଣା ଭୋଗୁଛନ୍ତି ଏବଂ ଗର୍ଭଧାରଣ ପାଇଁ ଯୋଜନା କରୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

■ଯଦି ପିରିୟଡ୍ ସମୟରେ କଷ୍ଟ ଅସହ୍ୟ ଏବଂ ଭୟଙ୍କର ହେଉଛି, ତେବେ ତୁରନ୍ତ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଉଚିତ୍ ।

■ଅଧିକରୁ ଅଧିକ ଯନ୍ତ୍ରଣା ଦେଉଥିବା ପିରିୟଡ୍ କ୍ରାମ୍ପସ ପଛରେ କୌଣସି ପୁରୁଣା ରୋଗର କାରଣ ମଧ୍ୟ ରହିଥାଏ । ଯାହା ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ ।

■ଫାଇବ୍ରଏଡର ବିକାଶିତ ହେବାର ଅନ୍ୟତମ କାରଣ, ଏହା ହେଉଛି ଏକ ପ୍ରକାର ଟ୍ୟୁମର୍ ଯାହା ଗର୍ଭାଶୟ ଭିତରେ ବିକଶିତ ହୁଏ । ଏହି କାରଣରୁ ବହୁତ ଯନ୍ତ୍ରଣା ହୋଇଥାଏ । ଏହା ଗର୍ଭପାତର ଆଶଙ୍କାକୁ ବଢାଇଥାଏ ।

***ଏଣ୍ଡୋମେଟ୍ରିଓସିସ୍ ରୋଗ***

■ଏହି ରୋଗ ହେବା ଦ୍ୱାରା ଗର୍ଭାଶୟର ଟିସୁ ଗର୍ଭାଶୟ ବାହାରେ ବ୍ୟାପିବା ଆରମ୍ଭ କରିଥାଏ । ଏହା ଦ୍ୱାରା ଆଖପାଖ ଟିସୁକୁ ମଧ୍ୟ ପ୍ରଭାବିତ କରେ । ଏହି ରୋଗ ପ୍ରଜନନ କ୍ଷମତାକୁ ପ୍ରଭାବିତ କରେ । ଏହି ରୋଗ ପ୍ରବଳ ଯନ୍ତ୍ରଣାଦାୟକ ହୋଇଥାଏ । ଅନେକ ମହିଳା ଏହି କାରଣରୁ ସନ୍ତାନ ପ୍ରସବ କରିବାରେ ଅସମର୍ଥ ହୋଇଥାନ୍ତି।

# ଷ୍ଟିଲ୍ ଗ୍ଲାସରେ ପାଣି ପିଇବାର ଅଦ୍ଭୁତ ଫାଇଦା



ପାଣି ପିଇବା ପାଇଁ ଲୋକମାନେ ସାଧାରଣତଃ ଘରେ ଷ୍ଟିଲ ଗ୍ଲାସ ବ୍ୟବହାର କରନ୍ତି । ସେଥିପାଇଁ ପ୍ରାୟ ଘରେ ପାଣି ପିଇବା ଓ ରଖିବା ପାଇଁ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର କରାଯାଏ । କାଚରେ ତିଆରି ଗ୍ଲାସ୍ କିମ୍ବା ବୋତଲ ବହୁତ କମ୍ ବ୍ୟବହାର ହୁଏ । ବିଶେଷକରି ଯେତେବେଳେ ଜଣେ ଅତିଥି ଆସନ୍ତି ସେତେବେଳେ ଆମେ କାଚ ଗ୍ଲାସର ବ୍ୟବହାର କରୁ। କିନ୍ତୁ ଯଦି ଆପଣ ପ୍ରତିଦିନ କାଚ ଗ୍ଲାସରେ ପାଣି ପିଅନ୍ତି, ତେବେ ଆପଣ ଅନେକ ଲାଭ ପାଇବେ । ସାଧାରଣତଃ ଯେତେବେଳେ ଆପଣ ପ୍ଲାଷ୍ଟିକ୍ ବୋତଲ କିମ୍ବା ଷ୍ଟିଲ ଗ୍ଲାସରେ ପାଣି ପିଅନ୍ତି ଏହାର ସ୍ୱାଦ ସାଧାରଣ ପାଣି ଠାରୁ ଟିକିଏ ଅଲଗା ଲାଗିଥାଏ । କିଛି ବାସ୍ନା ମଧ୍ୟ ଆସେ । ଏହାର କାରଣ ହେଉଛି ପ୍ଲାଷ୍ଟିକରେ କ୍ଷତିକାରକ ରାସାୟନିକ ପଦାର୍ଥ ଥାଏ । ଯାହା ପାଣି ମାଧ୍ୟମରେ ଶରୀରକୁ ଯାଇ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିକରେ । କିନ୍ତୁ କାଚ ଗ୍ଲାସ କିମ୍ବା ବୋତଲରେ କୌଣସି ପ୍ରକାରର ରାସାୟନିକ ପଦାର୍ଥର ବିପଦ ନଥାଏ। ଆହୁରି ମଧ୍ୟ କୌଣସି ପ୍ରକାରର ଗନ୍ଧ କିମ୍ବା ସ୍ୱାଦରେ ପରିବର୍ତ୍ତନ ହୋଇନଥାଏ।

ଯେତେବେଳେ କାଚ ଗ୍ଲାସ୍, ବୋତଲରେ ପାଣି ରଖାଯାଏ, ତାହା ଦିନସାରା ସତେଜ ରହିଥାଏ। ଆହୁରି ମଧ୍ୟ ଏଥିରେ ପାଣି ସଫା ଅଛି କି ନାହିଁ ଜାଣିବା ସହଜ ହୋଇଥାଏ।

# ବ୍ରାଉନ୍ କିମ୍ବା ଧଳା ଅଣ୍ଡା: ସ୍ୱାସ୍ଥ୍ୟ ପାଇଁ କେଉଁଟି ଭଲ ?



କୁକୁଡା ଅଣ୍ଡା ଦୁଇଟି ରଙ୍ଗରେ ଧଳା ଏବଂ ବ୍ରାଉନ୍ ରଙ୍ଗରେ ଆସିଥାଏ ଏବଂ ଉଭୟ ବଜାରରେ ସହଜରରେ ମିଳେ । ତେବେ ଆପଣ କେଉଁଟି ବାଛିବା ଉଚିତ୍ ବେଳେ ମନରେ ଆସେ କେଉଁଟା ଅଧିକ ପୁଷ୍ଟିକର କିମ୍ବା ଅଧିକ ସ୍ୱାଦଯୁକ୍ତ ? ଧଳା ଏବଂ ବାଦାମୀ ଅଣ୍ଡା ମଧ୍ୟରେ ପାର୍ଥକ୍ୟ କ'ଣ ? କେଉଁଟା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ ତାହା କିପରି ଜାଣିବେ ।

ଅଣ୍ଡାର ରଙ୍ଗ ମୁଖ୍ୟତ କୁକୁଡ଼ାଙ୍କ ପ୍ରଜାତି ଏବଂ କୁକୁଡ଼ା ଦ୍ୱାରା ଉତ୍ପାଦିତ ପିଗମେଣ୍ଟ ଉପରେ ନିର୍ଭର କରେ। ଖାଦ୍ୟ, ଚାପ ସ୍ତର ଏବଂ ପରିବେଶ ପରି ଅନ୍ୟାନ୍ୟ କାରଣ ମଧ୍ୟ ଅଣ୍ଡାର ରଙ୍ଗ ଉପରେ ପ୍ରଭାବ ପକାଇପାରେ । ଦୁଇଟି ଅଣ୍ଡା ମଧ୍ୟରେ ପୋଷଣକୁ ନେଇ ବିଶେଷ କିଛି ପାର୍ଥକ୍ୟ ନ ଥାଏ।

ଗୋଟିଏ ବଡ଼ ଅଣ୍ଡାରେ ପ୍ରାୟ ୬.୩ ଗ୍ରାମ ପ୍ରୋଟିନ୍, ୦.୩ ଗ୍ରାମ କାର୍ବୋହାଇଡ୍ରେଟ୍ ଏବଂ ୪.୭ ଗ୍ରାମ ଚର୍ବି ଥାଏ । ଏଥିସହ ଅଣ୍ଡାରେ ପ୍ରାୟ ୦.୮ ମିଗ୍ରା ଆୟରନ୍, ୦.୬ ମିଗ୍ରା ଜିଙ୍କ, ୧୫.୪ ମିଗ୍ରା ସେଲେନିୟମ୍, ୨୩.୫ ମିଗ୍ରା ଫୋଲେଟ୍, ୧୪୭ ମିଗ୍ରା କୋଲାଇନ୍, ୦.୪ ମିସିଜି ଭିଟାମିନ୍ ବି ୧୨ ଏବଂ ୮୦ ମିସିଜି ଭିଟାମିନ୍ ଥାଏ ।

ବାଦାମୀ ଏବଂ ଧଳା ଅଣ୍ଡା ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଅନେକ ଅଧ୍ୟୟନ ଜଣାଯାଇଛି ଅଣ୍ଡାର ଗୁଣ କିମ୍ବା ପୁଷ୍ଟିକର ପ୍ରୋଫାଇଲ ଉପରେ ରଙ୍ଗର କୌଣସି ପ୍ରଭାବ ପଡେ ନାହିଁ ।

**କେଉଁଟା ଉତ୍ତମ**

ଅନେକ ଲୋକ ବିଶ୍ୱାସ କରନ୍ତି ଯେ ଏକ ନିର୍ଦ୍ଦିଷ୍ଟ ରଙ୍ଗର ଅଣ୍ଡା ଅନ୍ୟ ଅପେକ୍ଷା ସ୍ୱାସ୍ଥ୍ୟକର କିମ୍ବା ସ୍ୱାଦଯୁକ୍ତ। ପ୍ରକୃତ କଥା ହେଉଛି ଉଭୟ ରଙ୍ଗର ଅଣ୍ଡା (ବାଦାମୀ କିମ୍ବା ଧଳା) ପୁଷ୍ଟିକର ଭାବରେ ସମାନ । ସେଥିପାଇଁ ଉଭୟ ଅଣ୍ଡା ସ୍ୱାସ୍ଥ୍ୟପ୍ରଦ ।

# ଖରା ଦିନେ ସ୍ୱାସ୍ଥ୍ୟ ପାଇଁ ଭଲ ଏହି ଫଳ



ଅଖରୋଟ୍ ଗ୍ରୀଷ୍ମ ସହିତ ସିଧାସଳଖ ଜଡିତ ନୁହେଁ । ଶୀତ ଏବଂ ବସନ୍ତ ଋତୁରେ ସେଗୁଡିକ ବହୁ ପରିମାଣରେ ଖିଆଯାଏ । କିନ୍ତୁ ଏହାକୁ ଗ୍ରୀଷ୍ମ ଖାଦ୍ୟର ଏକ ଅଂଶ ବୋଲି ମଧ୍ୟ କୁହାଯାଏ । ଏଥିରେ ଓମେଗା-ଫ୍ୟାଟି ଏସିଡ୍ ଭରପୂର ମାତ୍ରାରେ ଥାଏ । ଏହା ସହ ଏଥିରେ ଆହୁରି ମଧ୍ୟ ଅନେକ ପୋଷକ ତତ୍ତ୍ୱ ଥାଏ, ଯାହା ଶରୀର ମଧ୍ୟ ନିଜେ ତିଆରି କରିପାରେ ନାହିଁ । ଫ୍ୟାଟି ଏସିଡ୍ ମସ୍ତିଷ୍କକୁ ସୁସ୍ଥ ରଖେ, ହୃଦୟକୁ ଭଲ ରଖେ ଏବଂ ବର୍ଷସାରା ଏହାକୁ ଖାଇହେବ । ଏହା ବ୍ୟତୀତ ଅଖରୋଟ୍ ପ୍ରୋଟିନ୍ ଏବଂ ଫାଇବରର ଉତ୍ତମ ଉତ୍ସ । ତେବେ ଖରା ଦିନେ ଏଭଳି କିଛି ଉପାୟରେ ଖାଇବା ଦ୍ୱାରା ପେଟ ଥଣ୍ଡା ରହିବ ସହ ଶରୀରକୁ ପ୍ରେଟିନ୍ ଏବଂ ଫାଇବର ମିଳିପାରିବ ।

ଅଖରୋଟ୍ ଭିଜାଇ ଖାଇବ : ଗ୍ରୀଷ୍ମ ସମୟରେ ଅଖରୋଟ୍ ଖାଇବା ପାଇଁ ସର୍ବୋତ୍ତମ ଉପାୟ ହେଉଛି ସେଗୁଡିକୁ ଭିଜାଇ ଖାଇବ । ଖାଲି ପେଟରେ ଭିଜାଇଥିବା ବାଦାମ ଖାଇବା ଦ୍ୱାରା ସର୍ବାଧିକ ଲାଭ ମିଳିଥାଏ । ଏହା ଦ୍ୱାରା ପେଟ ଥଣ୍ଡା ରହିଥାଏ ଏବଂ ହଜମ ସହଜ ହୁଏ ।

କ୍ଷୀର ସହିତ : ରାତିରେ କ୍ଷୀର ସହିତ ବାଦାମ ଖାଇ ପାରିବେ । ଏଥିପାଇଁ ଆପଣ କ୍ଷୀରରେ ଅଖରୋଟ୍ ଫୁଟାଇ ପାରିବେ କିମ୍ବା କ୍ଷୀରରେ ମଧ୍ୟ ତାହାକୁ ଭିଜାଇ ରଖିପାରିବେ । ଏହା ଦ୍ୱାରା ଅଖରୋଟ୍ ଉତ୍ତାପ ହ୍ରାସ ହୋଇଥାଏ ଏବଂ ସ୍ୱାସ୍ଥ୍ୟ ପାଇଁ ଭଲ ହୋଇଥାଏ ।

ଖାଦ୍ୟରେ ସାମିଲ : ଅନେକ ପ୍ରକାର ଖାଦ୍ୟ ପ୍ରସ୍ତୁତରେ ଆପଣ ଏହାକୁ ଖାଇପାରିବ । ସୁଜି ବା ଗାଜର ହାଲୁଆ, ଖିରୀ ଏବଂ ମିଠା ବ୍ୟତୀତ ଓଟ୍ ?ସରେ ମିଶାଇ ଖାଇ ପାରିବେ ।

ସ୍ମୁଦି : ସେକ୍ ଓ ସ୍ମୁଦି ପ୍ରସ୍ତୁତ କରିବା ପାଇଁ ଆପଣ ଅଖରୋଟ୍ ବ୍ୟବହାର କରିପାରିବେ ।

କ୍ଷୀର ସର୍ବତ : କ୍ଷୀର ସର୍ବତ ସ୍ୱାଦିଷ୍ଟ ଏବଂ ସତେଜ ପାନୀୟ । ଏହାକୁ ପ୍ରସ୍ତୁତ କରିବା ପାଇଁ, ରାତିସାରା ବାଦାମକୁ ଭିଜାଇ ପରଦିନ ସକାଳେ ଏହାକୁ ବ୍ଲେଣ୍ଡରେ ବ୍ଲେଣ୍ଡ କରି ଦିଅନ୍ତୁ । ତା'ପରେ ଏହି ମିଶ୍ରଣକୁ ଏକ ମସଲିନ୍ କପଡାରେ ଚିପୁଡି ଦିଅନ୍ତୁ । ଏହି ରସକୁ ଥଣ୍ଡା କ୍ଷୀର ରେ ମିଶାନ୍ତୁ । ସେଥିରେ ୨-୪ ଖଣ୍ଡ ବରଫ ମିଶାନ୍ତୁ , ପ୍ରସ୍ତୁତ ହୋଇଗଲା ଅଖରୋଟ୍ କ୍ଷୀର ସର୍ବତ ।

# ପରିସ୍ରାର ରଙ୍ଗ ବଦଳିବା ହୋଇପାରେ HIVର ଲକ୍ଷଣ : ପୁରୁଷମାନେ କରନ୍ତୁ ନାହିଁ ଅଣଦେଖା

ଏଚ୍.ଆଇ.ଭି ଅର୍ଥାତ୍ ହ୍ୟୁମାନ୍ ଇମ୍ୟୁନୋଡେଫିସିଏନ୍ସି ଭାଇରସ୍ ଚିକିତ୍ସା କରାନଗଲେ ଏହା ଶରୀରରେ ସଂକ୍ରମଣ ବଢ଼ାଇ ଏଡସକୁ ଜନ୍ମ ଦେଇଥାଏ। ବର୍ତ୍ତମାନ ଏଡସର ଚିକିତ୍ସା ସମ୍ଭବ ନୁହେଁ, କିନ୍ତୁ ଏଚ୍.ଆଇ.ଭି ଚିହ୍ନଟ ହେବା ମାତ୍ରେ ମେଡିସିନ୍ ଏବଂ ସୁସ୍ଥ ଜୀବନଶୈଳୀ ଗ୍ରହଣ କରି ଏଡସ୍ ଷ୍ଟେଜ୍ ପର୍ଯ୍ୟନ୍ତ ପହଞ୍ଚିବାରୁ ଆପଣ ରକ୍ଷାପାଇପାରିବେ । ଏଡସକୁ ଏଡାଇବା ପାଇଁ ଏଚଆଇଭିର ଲକ୍ଷଣ ବୁଝିବା ଅତ୍ୟନ୍ତ ଜରୁରୀ । କିନ୍ତୁ କିଛି ଲକ୍ଷଣ ଅଛି ଯାହା କେବଳ ପୁରୁଷମାନଙ୍କଠାରେ ଏଚଆଇଭି ହେଲେ ଦେଖାଦେଇଥାଏ, ଯାହାକୁ ଭୁଲରେ ବି ଅଣଦେଖା କରିବା ଉଚିତ୍ ନୁହେଁ । ଏପରି ପରିସ୍ଥିତିରେ ଆସନ୍ତୁ ଜାଣିବା ପୁରୁଷମାନଙ୍କୁ କେଉଁ ଲକ୍ଷଣ ଅଣଦେଖା କରିବା ଉଚିତ୍ ନୁହେଁ...

***ପରିସ୍ରା ରଙ୍ଗରେ ପରିବର୍ତ୍ତନ :-***

ଯଦି କୌଣସି ପୁରୁଷଙ୍କୁ ଏଚ୍.ଆଇ.ଭି ହୁଏ, ତେବେ ପରିସ୍ରା ଯିବା ସମୟରେ ଯନ୍ତ୍ରଣା ହୋଇପାରେ । ଏହା ବ୍ୟତୀତ ଆପଣଙ୍କୁ ବାରମ୍ବାର ଶୌଚାଳୟ ବ୍ୟବହାର କରିବାକୁ ପଡିପାରେ । ଏହି ସମୟରେ ପରିସ୍ରା ସହିତ ରକ୍ତ ବାହାରିପାରେ । ବ୍ଲେଡର କିମ୍ବା ରେକ୍ଟମ୍ ଅଞ୍ଚଳରେ ଯନ୍ତ୍ରଣା ହୋଇପାରେ । ସେହି ସମୟରେ ତଳ ପେଟରେ ଯନ୍ତ୍ରଣା ଅନୁଭବ ହୋଇଥାଏ ।

***ପୁରୁଷମାନଙ୍କଠାରେ ଏଚ୍.ଆଇ.ଭି. ର ପ୍ରାରମ୍ଭିକ ଲକ୍ଷଣ:-***

ଟେଷ୍ଟିକଲ୍ସରେ ଯନ୍ତ୍ରଣା ଅନୁଭବ କରିବା, ରକ୍ଟମ୍ ଏବଂ ଅଣ୍ଡାକୋଷରେ ଯନ୍ତ୍ରଣା, ପ୍ରୋଷ୍ଟେଟ୍ ଗ୍ରନ୍ଥି ଫୁଲିବା, ପୁରୁଷମାନଙ୍କ ମଧ୍ୟରେ ଇନଫର୍ଟିଲିଟିର ସମସ୍ୟା, ହାଇପୋଗୋନାଡିଜିମର ଲକ୍ଷଣ, ଇରେକ୍ଟାଇଲ୍ ଡିସଫଙ୍କସନ ।

***ଜ୍ୱର ମଧ୍ୟ ଏଚ୍.ଆଇ.ଭି. ର ଲକ୍ଷଣ ହୋଇପାରେ :-***



ଆପଣଙ୍କୁ ଜ୍ୱରକୁ ଏଚ୍.ଆଇ.ଭି.ର ପ୍ରଥମ ଲକ୍ଷଣ ଭାବରେ ବିବେଚନା କରାଯାଇପାରେ । କାରଣ ଏଚ.ଆଇ.ଭି ଭାଇରସ୍ ଆପଣଙ୍କ ଶରୀରରେ ପ୍ରବେଶ କରିବା ମାତ୍ରେ ଏହା ରକ୍ତ ମାଧ୍ୟମରେ ବଢ଼ିବାକୁ ଲାଗେ, ଯେଉଁ କାରଣରୁ ଇମ୍ୟୁନିଟି ପ୍ରଭାବିତ ହେବା ସହ ଜ୍ୱର ଆସେ । ଏହା ସହ ଜ୍ୱର ହେବା ମାତ୍ରେ ଝାଳ ବୋହିବା, ଥଣ୍ଡା ଅନୁଭବ ହେବା, ଥକା ଲାଗିବା ଓ ଗଳାରେ ଯନ୍ତ୍ରଣା ହେବା ଆଦି ଲକ୍ଷଣ ନଜର ଆସିପାରେ। ଏହା ଛଡ଼ା ବାରମ୍ବାର ପିଲାମାନଙ୍କ ଉପରେ ଶାରୀରିକ ଅତ୍ୟାଚାର ଦ୍ୱାରା ସେମାନେ ଏହା ବିରୋଧରେ କଥା କହିବାକୁ ଲାଗିଥାନ୍ତି । ଆର୍ଥାତ୍ ସେମାନେ ନିଜର ପିତାମାତାଙ୍କ କଥାକୁ ମଧ୍ୟ ଶୁଣି ନଥାନ୍ତି । ଅଭିଭାବକଙ୍କ ପ୍ରତ୍ୟେକ କଥାରେ ସିଏ ରାଗ ଜରଜର ହୋଇଥାନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବଦଳୁଥିବା ସମୟ...

ସମୟ ସହିତ ସବୁକିଛିରେ ପରିବର୍ତ୍ତନ ଘଟିଥାଏ; ପରନ୍ତୁ କ୍ୱଚିତ୍ ପରିବର୍ତ୍ତନ ଘଟିଥାଏ ମଣିଷର ପ୍ରକୃତିରେ । ସେଇଥି ପାଇଁ ସମ୍ଭବତଃ କୁହାଯାଇଥାଏ- ମଣିଷ ପ୍ରକୃତି ମଲେ ତୁଟେ । କହିବାର ତାତ୍ପର୍ଯ୍ୟ- ସମାଜ ଓ ଦେଶ ଅନେକ ପରିବର୍ତ୍ତନକୁ ପ୍ରତ୍ୟକ୍ଷ କରିଛି ସତ, ରହିଯାଇଛି କିନ୍ତୁ ମଣିଷ ଭିତରେ ସେଇ ଯେସାକୁ ତେସା ବା ହିଂସାର ପ୍ରତିଶୋଧ ହିଂସାରେ ନେବାର ପ୍ରକୃତି । ଏହାର ଏକ ପ୍ରକୃଷ୍ଟ ଉଦାହରଣ ହେଉଛି ଶନିବାର ଦିନ ଉତ୍ତରପ୍ରଦେଶରେ ଘଟିଯାଇଥିବା ପୂର୍ବତନ ଆଇନ ନିର୍ମାତା ଆତିକ୍ ଅହମଦ ଏବଂ ତାଙ୍କ ଭାଇ ଖାଲିଦ୍ ଅଜିମ୍ ଓରଫ ଅସ୍ରଫ୍ ହତ୍ୟାକାଣ୍ଡ, ଯାହା ପୁଣି ଘଟିଛି ବେଶ୍ କିଛି ସଂଖ୍ୟକ ପୁଲିସଙ୍କ ଉପସ୍ଥିତିରେ । ଉଭୟ ଜୀବଦ୍ଦଶାରେ ହେଉ ଓ ମୃତ୍ୟୁରେ ଆତିକ୍ ଅହମଦ ପାଲଟି ଯାଇଛି ଦେଶର ସବୁଠୁ ବଡ଼ ରାଜ୍ୟ ଉତ୍ତରପ୍ରଦେଶରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଅଧୋଗତିର ପ୍ରତୀକ, ଯେତେବେଳେ କି ସମ୍ପୃକ୍ତ ରାଜ୍ୟ ସରକାର ଦାବି କରନ୍ତି ଯେ ରାଜ୍ୟରେ ନାଟକୀୟ ଭାବରେ ଆଇନ ଶୃଙ୍ଖଳାରେ ଉନ୍ନତି ଦେଖା ଦେଇଛି । ଅଥଚ ଆଇନ ଶୃଙ୍ଖଳାର ରକ୍ଷକ ଭାବରେ ପରିଚିତ ପୁଲିସ ଘେର ଭିତରେ ଘଟିଗଲା ଏଇ କାଣ୍ଡ ଆଉ ପୁଲିସ ସୁରକ୍ଷା ଦେବାରେ ବିଫଳ ହେଲା ନିହାତି କମ୍‌ରେ ୧୦୦ଟି ଅପରାଧିକ ମାମଲାର ଅଭିଯୋଗ ଥିବା ହାଇ-ପ୍ରୋଫାଇଲ ଅପରାଧୀକୁ । ଏହି ହତ୍ୟାକାଣ୍ଡର ଦୃଶ୍ୟ ଲାଇଭ୍ ଟିଭିରେ ଧରା ପଡ଼ି ଯାଇଥିଲା, ଯାହା ପୁଲିସ ବ୍ୟବସ୍ଥାର ଦୁର୍ବଳ ମାନକୁ ପଦାରେ ପକାଇଛି । ସୁରକ୍ଷାରେ ଏଭଳି ଢିଲା ଉପରେ ଏକ ପୁଙ୍ଖାନୁପୁଙ୍ଖ ଏବଂ କଡ଼ା ନିରୀକ୍ଷଣ ଭିତରେ ତଦନ୍ତ ହେବାର ଆବଶ୍ୟକତା ରହିଛି । ସୂଚାଇ ଦିଆଯାଇପାରେ ଯେ ଗତ ମାର୍ଚ୍ଚ ମାସରେ ଅହମଦ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟଙ୍କ ନିକଟରେ ଆଶଙ୍କା ପ୍ରକଟ କରି ନିବେଦନ କରିଥିଲା- ସେ ହୁଏତ 'ୟୁପି ପୁଲିସ ଦ୍ୱାରା ଯେ କୌଣସି ମାମଲାରେ ମିଛ ଏନ୍‌କାଉଣ୍ଟରରେ ହତ୍ୟାର ଶିକାର ହୋଇପାରେ ।' କୋର୍ଟ ତା' ନିବେଦନକୁ ଖାରଜ କରି ଦେଇଥିଲେ । ତା'ର ପୁଅ ଆସାଦ୍ ଅହମଦକୁ ଗୁରୁବାର ଦିନ ଝାନ୍ସୀଠାରେ ୟୁପି ପୁଲିସ ଏକ ଏନ୍‌କାଉଣ୍ଟରରେ ହତ୍ୟା କରିଥିବା ଅଭିଯୋଗ ହୋଇଛି । ଉଭୟ ବାପ ପୁଅ ଫେବ୍ରୁଆରୀ ମାସରେ ସ୍ପଷ୍ଟ ଦିବାଲୋକରେ ସଂଘଟିତ ଏକ ରାଜନୀତିକ ଶତ୍ରୁର ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଥିଲା । ଅହମଦ ମାତ୍ର ୧୭ ବର୍ଷ ବୟସରେ ପାଦ ଥାପିଥୁଲା ଅପରାଧ ଜଗତରେ ଏବଂ ୬୦ ବର୍ଷ ବୟସରେ ମଲା ବେଳକୁ ତା' ନାଁରେ ଥିଲା ୧୦୦ଟି ଅପରାଧିକ ମାମଲା । ଆଉ ଅପରାଧ ଜଗତରୁ ସେ ପାଦ ଥାପିଥିଲା ରାଜନୀତି ଦୁନିଆରେ- ପ୍ରଥମେ ସମାଜବାଦୀ ପାର୍ଟି ଏବଂ ପରେ ଆପ୍‌ନା ଦଳରେ ; ଜଣେ ସାଂସଦ ମଧ୍ୟ ହୋଇ ପାରିଥିଲା । ଏଇ ସମୟ ଭିତରେ ଅର୍ଥାତ୍ ୧୯୯୦ ଦଶକରେ ଉତ୍ତରପ୍ରଦେଶରେ ବିଭିନ୍ନ ଶାସକଙ୍କ ଅମଳରେ ସେ ଆଇନର ଶକ୍ତିକୁ ସାମନା କରିବା କରିବାଠାରୁ ବହୁ ଦୂରରେ ରହି ଜଣେ ଡନ୍-ତଥା-ରାଜନେତା ଭାବରେ ତା'ର ଆଧିପତ୍ୟ ବିସ୍ତାର କରିଥିଲା । ଅହମଦର ଅପରାଧିକ ଜଗତର କାୟା ବିସ୍ତାର ହେଉ କି ତା'ର ହତ୍ୟା- ଉଭୟ କ୍ଷେତ୍ରରେ ଆଇନର ଅଧୋଗତି ଦେଖିବାକୁ ମିଳିଛି । ଆଉ ଯେତେବେଳେ ଆଇନ କାମ ନକରେ, ତାହା ସମସ୍ତଙ୍କ ପାଇଁ ମୁକୁଳା ହୋଇଯାଇଥାଏ; ତେଣିକି ସେମାନେ ରାଷ୍ଟ୍ର ଅଭିନେତା ହୁଅନ୍ତୁ କି ସେମାନଙ୍କ ଇସାରାରେ କାମ କରୁଥିବା କୌଣସି ଅପରାଧୀ ବା ସ୍ୱାଧୀନ ଅପରାଧୀ, ସେଥିରେ କିଛି ଯାଏ ଆସେ ନାହିଁ । ଉତ୍ତରପ୍ରଦେଶରେ ଅପରାଧୀମାନଙ୍କର ସାହସ ଏତେ ବଢ଼ି ଯାଇଛି ଯେ ସେମାନେ ପୁଲିସ ଘେର ଭିତରେ ଲୋକଙ୍କୁ ଗୁଳି କରି ମାରି ପାରିବେ ; ସେମାନଙ୍କ କାମ ଟିଭିରେ ସିଧା ପ୍ରସାରଣ ହେଉଛି ବୋଲି ସେମାନେ କିନ୍ତୁ ଧ୍ୟାନ ଦେଉ ନାହାନ୍ତି । ସେମାନଙ୍କର ଆଇନ ଓ ସ୍ୱାଭାବିକ ଗଣତନ୍ତ୍ର ପ୍ରତି ରହିଛି ବେଖାତିର ଭାବ । ଉତ୍ତରପ୍ରଦେଶରେ ଯୋଗୀ ଆଦିତ୍ୟନାଥଙ୍କ ସରକାର ଏକଥା ସ୍ପଷ୍ଟ ଭାବରେ ଦର୍ଶାଇ ସାରିଛନ୍ତି ଯେ ପ୍ରତିଷ୍ଠିତ ଆଇନ ଏବଂ ନାଗରିକମାନଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ସମ୍ବିଧାନ ପ୍ରତି ତାଙ୍କର କ୍ୱଚିତ୍ କୌଣସି ଖାତିର ରହିଛି । ସେ ଯିଏ ବି ହେଉ ନା କାହିଁକି, ରାଜ୍ୟର ଶାସନ ବିରୋଧରେ ଯିବାର ଅର୍ଥ, ଦଣ୍ଡିତ ହେବା- ତାହା ଆଇନଗତ ଭାବରେ ହେଉ କି ନହେଉ । ଏହି ସରକାର ଏନ୍‌କାଉଣ୍ଟର ହତ୍ୟାକୁ ଏକ ରାଜ୍ୟ ନୀତିରେ ପରିଣତ କରି ସାରିଛନ୍ତି ଏବଂ ରେକର୍ଡ ଅନୁସାରେ ରାଜ୍ୟ ପୁଲିସ ଗତ ଛଅ ବର୍ଷ ଭିତରେ ୧୦ ହଜାର ଏନ୍‌କାଉଣ୍ଟର କରିଛି, ଯେଉଁଥିରେ ୧୮୩ ଜଣ ଲୋକଙ୍କ ପ୍ରାଣ ଯାଇଛି । ତେଣୁ ବିଚାର ବିଭାଗୀୟ ରିମାଣ୍ଡରେ ଆସିଥିବା ଲୋକମାନଙ୍କ ହତ୍ୟା ପଛର ସତ୍ୟତାକୁ ଜାଣିବାର କାର୍ଯ୍ୟକୁ ଏହା ରାଜ୍ୟ ସରକାରଙ୍କ ଉପରେ ଛାଡ଼ିଦେବା କ୍ୱଚିତ୍ ସ୍ପୃହଣୀୟ । ସମୟ ହାତରୁ ଚାଲିଯିବା ଆଗରୁ ସାମ୍ବିଧାନିକ କୋର୍ଟମାନେ ହୁଏତ 'ନବ ଭାରତ'ର ଆଶା ଆକାଂକ୍ଷା ଅନୁରୂପ ହେବାକୁ ଜାଗ୍ରତ ହେବା ଉଚିତ, ନଚେତ୍ ସରକାରମାନେ ଆଇନକୁ ନେଇ ଖେଳୁଥିବା ଖେଳକୁ ଦେଖିବା ହିଁ ସାର ହେବ, କାରଣ ଯେତେ ବଡ଼ ବଡ଼ କଥା କହିଲେ ସୁଦ୍ଧା ଏକ ସର୍ବସାଧାରଣ ସ୍ଥାନରେ ସର୍ବସାଧାରଣରେ ଅପରାଧ ଘଟାଉ ଥିବା ସର୍ବସାଧାରଣ ଅପରାଧୀର ହତ୍ୟା ଦର୍ଶାଇଛି ଯେ ମଣିଷ ଆଗକୁ ଯାଉଛି ସତ, କିନ୍ତୁ ମଣିଷର ପ୍ରକୃତି ନୁହେଁ; ଅର୍ଥାତ୍ ପରିବର୍ତ୍ତନ ତ ହେଉଛି, କିନ୍ତୁ ପୁରାତନ ଯାଉନାହିଁ ।

# ଏ ମାଟିର ବିସ୍ମୟ : ନେତାଜୀ



**ଶ୍ୟାମ ସୁନ୍ଦର ସାମଲ**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଏକ ଭିନ୍ନ ଅଧ୍ୟାୟ। ସାଲିସ୍ ନୁହେଁ, ସଂଗ୍ରାମ ହିଁ ଥିଲା ଜୀବନର ମୂଳମନ୍ତ୍ର। ସମଗ୍ର ଜୀବନ ଦେଶମାତୃକାକୁ ବ୍ରିଟିସ କବଳରୁ ମୁକ୍ତ କରିବାକୁ ତାଙ୍କ ନିରବଚ୍ଛିନ୍ନ ସଂଗ୍ରାମର କାହାଣୀ ଆଜି ମଧ୍ୟ ଆମକୁ ସ୍ତମ୍ଭୀଭୂତ କରେ। ନେତାଜୀଙ୍କ ଜୀବନଠାରୁ ଅଧିକ ରୋମାଞ୍ଚକର ତାଙ୍କ ମୃତ୍ୟୁର କାହାଣୀ। ଏହା କେତେ ସତ କେତେ ମିଛ ତାକୁ ନେଇ ବର୍ତ୍ତମାନ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଆଲୋଚନା ହେଉଛି। ଏପରିକି ନେତାଜୀଙ୍କ ମୃତ୍ୟୁ ଖବରକୁ ତାଙ୍କ ପରିବାର ଲୋକେ ଖଣ୍ଡନ କରୁଛନ୍ତି। ୧୯୪୫ ମସିହା ଅଗଷ୍ଟ ୧୮ ତାରିଖରେ ନେତାଜୀ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା କୁହାଯାଉଛି, କିନ୍ତୁ ସେତେବେଳକୁ ନେତାଜୀ ସୋଭିଏତ୍ ରୁଷରେ ନଜରବନ୍ଦୀ ଥିବା ତାଙ୍କ ପରିବାର ଲୋକେ କହୁଛନ୍ତି। ନେତାଜୀଙ୍କୁ ମୃତ୍ୟୁ ଘୋଷଣା କରିବାର ଏତେ ବର୍ଷ ପରେ ମଧ୍ୟ ତାଙ୍କ ମୃତ୍ୟୁ ଖବର ରହସ୍ୟାବୃତ ହୋଇ ରହିବା ଏବଂ ସରକାର ତାଙ୍କ ମୃତ୍ୟୁ ସଂପର୍କିତ ଦସ୍ତାବିଜ୍‌କୁ ସାର୍ବଜନୀନ ନକରିବା ଅନେକ ଗୁଡ଼ିଏ ପ୍ରଶ୍ନ ଉତ୍ଥାପନ କରୁଛି। ଏପରିକି ଏନେଇ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ପାଇଁ କଲିକତା ହାଇକୋର୍ଟରେ ଏକ ସ୍ୱତନ୍ତ୍ର ବେଞ୍ଚ ଗଠନ ହୋଇଛି।

୧୮୯୭ ମସିହା, ଜାନୁଆରୀ ୨୩ ତାରିଖରେ ଓଡ଼ିଶାର କଟକଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମ ଗ୍ରହଣ କରିଥିଲେ। ପିତା ଜାନକୀନାଥ ବୋଷ ଓ ମାତା ପ୍ରଭାତୀ ଦେବୀଙ୍କ ନବମ ସନ୍ତାନ ଥିଲେ ସୁଭାଷ। କଟକର ପ୍ରୋଟେଷ୍ଟାଣ୍ଟ ୟୁରୋପିଅନ୍ ସ୍କୁଲରୁ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ ନେତାଜୀ। ତା'ପରେ ରେଭେନ୍ସା କଲିଜିଏଟ୍ ସ୍କୁଲରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ମାତ୍ର ପନ୍ଦର ବର୍ଷ ବୟସରେ ନେତାଜୀ ଇଣ୍ଟରମିଡ଼ିଏଟ୍ ପାଶ କରିଥିଲେ। ପରେ କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ଦର୍ଶନ ଶାସ୍ତ୍ର ସମ୍ମାନରେ ବି.ଏ.ପାଶ କରିଥିଲେ। ୧୯୧୯ ମସିହାରେ ଆଇସିଏସ୍ ପରୀକ୍ଷା ପ୍ରସ୍ତୁତି ପାଇଁ ଇଂଲଣ୍ଡ ଚାଲିଗଲେ। ଆଇସିଏସ୍ ପାଇଲେ ମଧ। ହେଲେ ତାଙ୍କ ଜୀବନର ଅସଲ ଲକ୍ଷ୍ୟ ଭିନ୍ନଥିଲା। ଦେଶରୁ ବ୍ରିଟିସମାନଙ୍କୁ ତଡି ଦେଶକୁ ସ୍ୱାଧୀନ କରିବାର ପଣ ତାଙ୍କୁ ସ୍ୱାଧୀନତା ଆନ୍ଦୋଳନ ଆଡ଼କୁ ଟାଣି ଆଣିଲା। ଏଥିପାଇଁ ସେ କଲିକତାର ସ୍ୱାଧୀନତା ସଂଗ୍ରାମୀ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ଦ୍ୱାରା ଅନୁପ୍ରେରିତ ହୋଇଥିଲେ। ନେତାଜୀ ଇଂଲଣ୍ଡରୁ ଦେଶବନ୍ଧୁଙ୍କୁ ଚିଠି ଲେଖି ତାଙ୍କ ସହିତ କାର୍ଯ୍ୟରେ ଯୋଗଦେବାକୁ ଚାହିଁଥିଲେ। ରବୀନ୍ଦ୍ରନାଥ ଟାଗୋରଙ୍କ କଥାରେ ସେ ଭାରତ ଫେରିଲେ ଏବଂ ବମ୍ବେ ଯାଇ ମହାତ୍ମା ଗାନ୍ଧୀଙ୍କୁ ୧୯୨୧ ମସିହାରେ ଭେଟିଥିଲେ। ସେତେବେଳେ ଗାନ୍ଧୀଜୀ ଇଂରେଜମାନଙ୍କ ବିରୋଧରେ ଅସହଯୋଗ ଆନ୍ଦୋଳନ ଦେଶବ୍ୟାପୀ ଚଳାଇଥିଲେ। ବଙ୍ଗରେ ତା'ର ନେତୃତ୍ୱ ନେଉଥିଲେ ଚିତ୍ତରଞ୍ଜନ ଦାସ, ଆଉ ନେତାଜୀ ଗାନ୍ଧୀଜୀଙ୍କ ଉପଦେଶ କ୍ରମେ ଏହି ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ। ଏତିକି ବେଳେ ଚିତ୍ତରଞ୍ଜନ କଂଗ୍ରେସ ସ୍ୱରାଜ ଦଳ ଗଠନ କରି ଇଂରେଜମାନଙ୍କୁ ବିରୋଧ କରିବାକୁ କଲିକତା ମହାପାଳ ନିର୍ବାଚନ ଲଢ଼ିଲେ। ନିଜେ କଲିକତାର ମହାପାଳ ହେବା ସହିତ ସୁଭାଷଙ୍କ ମହାପାଳର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ କରିଥିଲେ। ତା'ପରେ ନେତାଜୀ କଲିକତାରେ ଇଂରେଜ ମାନଙ୍କ ନାମରେ ନାମିତ ସଡ଼କ ଓ ସ୍ଥାନ ଗୁଡ଼ିକୁ ଭାରତୀୟ ନାମକୁ ପରିବର୍ତ୍ତନ କଲେ। ତା'ଛଡ଼ା ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ କରୁଥିବା ଲୋକଙ୍କ ପରିବାରର ସଦସ୍ୟଙ୍କୁ ମହାପାଳିକାରେ ବିଭିନ୍ନ ପଦବିରେ ନିଯୁକ୍ତ କରୁଥିଲେ। ଅସଲରେ ଏଇଠୁ ଆରମ୍ଭ ହୋଇଥିଲା ନେତାଜୀଙ୍କ ସଂଗ୍ରାମୀ ଜୀବନ।

୧୯୨୮ ମସିହରେ ସାଇମନ୍ କମିସନଙ୍କୁ ବିରୋଧ କରି ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଥିଲା କଲିକତାରେ ତା'ର ନେତୃତ୍ୱ ନେଲେ ସୁଭାଷ। ଧୀରେ ଧୀରେ ସୁଭାଷଙ୍କ ଲୋକପ୍ରିୟତା ଦେଶ ମଧ୍ୟରେ ବଢ଼ିଚାଲିଥାଏ। ଏମିତି ବେଳେ ୧୯୩୮ ମସିହାରେ ହରିପୁରା ଠାରେ କଂଗ୍ରେସର ୫୧ତମ ଅଧିବେଶନ ଅବସରରେ ଗାନ୍ଧୀଜୀ ସୁଭାଷଙ୍କୁ କଂଗ୍ରେସର ଅଧକ୍ଷ ଭାବରେ ଚୟନ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ସୁଭାଷଙ୍କ କାର୍ଯ୍ୟଧାରା ଗାନ୍ଧୀଜୀଙ୍କୁ ପସନ୍ଦ ଆସିନଥିଲା ଏବଂ ଦୀର୍ଘଦିନ ଧରି କଂଗ୍ରେସ ଅଧକ୍ଷ ଚୟନ ହୋଇପାରିନଥିଲା। ନେଜାତୀ ୧୯୩୯ରେ ଫରୱାର୍ଡ଼ ବ୍ଲକ ଗଠନ କରିଥିଲେ। ଏହିପରି ଭାବେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ଏକ ଭିନ୍ନ ପରିଚୟ ସୃଷ୍ଟି ହେଉଥିଲା। ବାରମ୍ବାର ବିଶ୍ୱର ବିଭିନ୍ନ ଦେଶକୁ ଯାଇ ଇଂରେଜ ଶାସନ ବିରୋଧରେ ସମର୍ଥନ ଯୋଗାଡ଼ରେ ଲାଗିଥିଲେ ନେତାଜୀ। ଏତିକି ବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରିପ୍ରେକ୍ଷୀରେ ବ୍ରିଟିଶ ସରକାର ବିରୋଧରେ ସେ ଜାପାନ ସହାୟତାରେ ଆଜାଦ୍ ହିନ୍ଦ୍ ଫୌଜ ଗଠନ କରିଥିଲେ। ନେତାଜୀଙ୍କ ଜୟହିନ୍ଦ୍ ସ୍ଲୋଗାନ ଭାରତର ଅଗଣିତ ଜନତାଙ୍କ ପାଖରେ ବେଶ୍ ଲୋକପ୍ରିୟ ହୋଇଥିଲା। ସ୍ୱାଧୀନତା ଆନ୍ଦୋଳନ ସମୟରେ ନେତାଜୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ କହିଥିଲେ, ମତେ ତୁମେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି' ।

ଐତିହାସିକମାନେ ମତ ଦିଅନ୍ତି ଯେ ନେତାଜୀ ଯେତେବେଳେ ବ୍ରିଟିସ ସରକାର ବିରୋଧରେ ଜର୍ମାନୀ ଓ ଜାପାନର ସହାୟତା ନେଲେ ସେତେବେଳେ ବ୍ରିଟିସ୍‌ମାନେ ନେତାଜୀଙ୍କୁ ହତ୍ୟା କରିବା ପାଇଁ ଗୁଇନ୍ଦା ବିଭାଗକୁ ୧୯୪୧ ମସିହାରେ ନିର୍ଦ୍ଦେଶ ଦେଇଥିଲେ। ନେତାଜୀ ୫ ଜୁଲାଇ ୧୯୪୩ ମସିହାରେ ସିଙ୍ଗାପୁରର ଟାଉନ୍‌ହଲ ଆଗରେ ସୁପ୍ରିମ୍ କମାଣ୍ଡର ଭାବେ ମିଳିତ ସେନାକୁ ଦିଲ୍ଲୀ ଚଲୋ ସ୍ଲୋଗାନ ଦେଇ ସମ୍ବୋଧନ କରିଥିଲେ। ୨୧ ଅକ୍ଟୋବର ୧୯୪୩ ମସିହାରେ ଆଜାଦ୍ ହିନ୍ଦ୍ ଫୌଜ୍‌ର ସର୍ବୋଚ୍ଚ ପଦବି ସେନାପତି ଭାବେ ଭାରତର ଅସ୍ଥାୟୀ ସରକାର ଗଠନ କରିଥିଲେ। ଯାହାକୁ ଜାପାନ, ଜର୍ମାନୀ, ଚୀନ, ଫିଲିପିନ୍‌ସ, କୋରିଆ, ଇଟାଲୀ ଓ ମାନ୍‌ଚୁକା ସମର୍ଥନ କରିଥିଲେ। ସେତେବେଳେ ଜାପାନ ସରକାର ଏହି ଅସ୍ଥାୟୀ ସରକାରଙ୍କୁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଦେଇଦେଇଥିଲେ। ତା'ପରେ ନେତାଜୀ ସେଠାକୁ ଯାଇ ଦ୍ୱୀପପୁଞ୍ଜର ନୂଆ ନାମକରଣ କରିଥିଲେ। ୧୯୪୪ ମସିହାରେ ଆଜାଦ୍ ହିନ୍ଦ ଫୌଜ ଇଂରେଜମାନଙ୍କ ଉପରେ ଆକ୍ରମଣ କରି ଭାରତର କେତେକ ଅଞ୍ଚଳ ଇଂରେଜମାନଙ୍କ କବଳରୁ ମୁକ୍ତ କରିଥିଲେ। ୧୯୪୪ ଏପ୍ରିଲ ୪ ତାରିଖରୁ ୨୨ ଜୁନ୍ ୧୯୪୪ ପର୍ଯ୍ୟନ୍ତ କୋହିମା ଯୁଦ୍ଧରେ ଜାପାନ ସେନାକୁ ପଛକୁ ହଟିବାକୁ ପଡ଼ିଥିଲା ସତ ହେଲେ ଏହି ଯୁଦ୍ଧ ବ୍ରିଟିସମାନଙ୍କ ମନୋବଳକୁ ଭାଙ୍ଗି ଦେଇଥିଲେ। ୬ ଜୁଲାଇ ୧୯୪୪ ମସିହାରେ ନେତାଜୀ ରେଙ୍ଗୁନ୍ ରେଡ଼ିଓରେ ଏକ ସନ୍ଦେଶ ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କ ଠାରୁ ଏହି ଚୂଡ଼ାନ୍ତ ଯୁଦ୍ଧରେ ବିଜୟ ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ନେତାଜୀ ୧୯୪୫ ମସିହା ଅଗଷ୍ଟ ୧୮ ତାରିଖରେ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା କୁହାଗଲା। ତା'ସହିତ ଏକ ସଂଗ୍ରାମଶୀଳ ଇତିହାସର ଯବନିକା ପାତ ହୋଇଥିଲା। ପରିତାପର ବିଷୟ ହେଉଛି, ଯେଉଁ ନେତାଜୀ ନିଜ ଜୀବନକୁ ଦେଶ ମାତୃକା ପାଇଁ ଉତ୍ସର୍ଗ କରିଦେଲେ ଆଜି ତାଙ୍କ ମୃତ୍ୟୁକୁ ନେଇ ଭିନ୍ନ ଭିନ୍ନ ମତ ଓ ମତାନ୍ତର ତାଙ୍କ ପାଇଁ ଅପମାନ ନୁହେଁ କି ? ତା'ସହିତ ନେତାଜୀଙ୍କ ଭଳି ଜଣେ ଜନନାୟକଙ୍କ ମୃତ୍ୟୁ ସଂପର୍କିତ ଦସ୍ତାବିଜ୍‌କୁ ସାର୍ବଜନୀନ କରି ରହସ୍ୟ ଉନ୍ମୋଚନ କରିବା କ'ଣ ସରକାରଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ନୁହେଁ କି ?


♥ବିଡ଼ାନାସୀ ବନ୍ଧଛକ,
କଟକ,
ମୋ: ୯୭୭୮୬୩୫୯୨୬


# ଆତ୍ମ କାହାଣୀ ଅନ୍ତେ ବୈଷ୍ଣବ ପାଣି



**ଅଭୟ କୁମାର ଦାସ**

ପ୍ରତ୍ୟେକ ମହାପୁରୁଷଙ୍କ ଆତ୍ମକାହାଣୀ ସତ୍ୟ ଓ ତଥ୍ୟକୁ ନେଇ ଆଧାରିତ। ଏସବୁ ଆତ୍ମ ଲିପି ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ଗୀତିନାଟ୍ୟ ଜଗତର ମଉଡମଣି ଗଣକବି ବୈଷ୍ଣବ ପାଣି ନିଜେ ଲେଖିଥିବା 'ପାଣି କବିଙ୍କର ଆତ୍ମକାହାଣୀ' ୧୯୫୫ ମସିହାରେ ତାଙ୍କ ନାତୁଣୀ ଜାମାତା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟଙ୍କ ସହାୟତାରେ କଟକର ପ୍ରକାଶକ ଶ୍ରୀ ଗୋବିନ୍ଦ ସାହୁଙ୍କ ଦ୍ୱାରା ପ୍ରକାଶ ପାଇଥିଲା। ତାଙ୍କ ଆତ୍ମକାହାଣୀରେ ସେ ସେତେବେଳେ ଧର୍ମାନ୍ଧ ଓ ପ୍ରତିକ୍ରିୟାଶୀଳ ମୌଳବାଦୀ ସମାଜକୁ ଭ୍ରୂକ୍ଷେପ ନକରି ସମସ୍ତ ଗୁପ୍ତ ଓ ଅଙ୍ଗେଲିଭା କାହାଣୀକୁ ପ୍ରକାଶ କରିଥିଲେ ଯାହାକି ତତ୍କାଳୀନ ସମ୍ଭ୍ରାନ୍ତ ସାହିତ୍ୟିକ ମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ମାତ୍ର ୧୯୫୫ ମସିହା ଅର୍ଥାତ୍ ବୈଷ୍ଣବ ପାଣିଙ୍କ ଆତ୍ମଜୀବନୀ ପ୍ରକାଶ ହେବା ପରେ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ଯାହାକି ୧୯୫୬ ମସିହା ବୈଶାଖ ଅମାବାସ୍ୟା ପର୍ଯ୍ୟନ୍ତ ସ୍ଥାନୀୟ ଲୋକଙ୍କ ମୁଖରୁ ଯାହା ଶୁଣିବାକୁ ମିଳେ ତାହା ଅତି କରୁଣ ଓ ହୃଦୟ ବିଦାରକ।

ବୈଷ୍ଣବ ପାଣି ବାପା-ମାଆଙ୍କ ଦ୍ୱାରା ଲୀଳା ପଣ୍ଡାଙ୍କୁ ବିବାହ କଲା ପରେ ବି ସେଇ ଗ୍ରାମର ଶ୍ରୀ ଦଧି ସେଠୀଙ୍କ କନ୍ୟା ହାରାମଣି ସହ ମିଳାମିଶାକୁ ବରଦାସ୍ତ ନକରି ଗ୍ରାମବାସୀମାନେ ଛତିଶିପାଟକ ସଭା ଡାକି ବୈଷ୍ଣବ ପାଣିଙ୍କ ଘରକୁ ବାଛନ୍ଦ କଲାପରେ ସେ ଜିଦିଖୋର ମନୋଭାବ ପୂର୍ବକ ହାରାମଣିକୁ ବରମାଳା ଦେଇ ବିବାହ କରି ବିରୂପା ନଈ କୂଳରେ ଘର କରି ରହିଲେ। ସେତେବେଳେ ବୈଷ୍ଣବ ପାଣି ନାଟ୍ୟ ଜଗତରେ ବେଶ ସୁନାମ ଅର୍ଜନ କରି ସାରିଥିଲେ ଓ ଅନେକ କଳାକାର, ବାଦ୍ୟକାର ତଥା ଯାତ୍ରା ପ୍ରେମୀଙ୍କର ତାଙ୍କ ଘରକୁ ଆତଯାତ ଥିଲା। ଏତଦବ୍ୟତୀତ ନିଜେ ହାରାମଣି ବୈଷ୍ଣବ ପାଣିଙ୍କୁ ବାଛନ୍ଦ ଜନିତ ବାଧାବିଘ୍ନକୁ ଅନୁଭବ କରାଇ ଦେଉ ନଥିଲେ। ମାତ୍ର ହାରାମଣିର ଦେହାନ୍ତ ପରେ 'ପାଣି-ହାରାମଣି' ସର୍ତ୍ତ ଅନୁସାରେ ବିରୂପା ନଦୀ କୂଳରେ ସମାଧିଟିଏ ଗଢ଼ି ବୈଷ୍ଣବ ନିଜ ପୈତୃକ ଗୃହକୁ ଚାଲି ଆସିଥିଲେ। ତା ପୂର୍ବରୁ ତାଙ୍କ ବାପା-ମାଆ ଓ ପ୍ରଥମ ସ୍ତ୍ରୀ ନୀଳାଦେବୀଙ୍କ ଦେହାନ୍ତ ହୋଇ ସାରିଥିଲା।

ସେତେବେଳକୁ ତାଙ୍କ ବୟସ ଅପରାହ୍ନରେ ପହଞ୍ଚି ସାରିଥିଲା। ଯାତ୍ରା ଦଳରେ କାମ କରିବାକୁ ସେ ସକ୍ଷମ ନଥିଲେ। ଏଣୁ ଅର୍ଥାଭାବ ଓ ବାଛନ୍ଦ ତାଙ୍କୁ ରସାତଳକୁ ଠେଲି ଦେଇଥିଲା। ସେତେବେଳେ ସେ କେବଳ ପ୍ରେୟସୀ ହାରାମଣିଙ୍କୁ ଝୁରି ଝୁରି ପାଗଳ ପ୍ରାୟ ହୋଇଯାଇଥିଲେ। ଗାଁର କୌଣସି ଲୋକ ତାଙ୍କୁ ଛୁଇଁବା ତ ଦୂରର କଥା ଆଡ଼ ଆଖିରେ ବି ଚାହୁଁ ନଥିଲେ। ତାଙ୍କର ଅତିପ୍ରିୟ ଶିଷ୍ୟ ଶ୍ରୀ ଯୋଗେନ୍ଦ୍ର ମିଶ୍ର ଜାତି ଚାଲିଯିବା ଭୟରେ ପୂର୍ବଭଳି ତାଙ୍କ ଘରକୁ ଯିବା ଆସିବା ବନ୍ଦ କରିଦେଲେ। ଦିନ ଦିନ ଧରି ସେ ଖାଇବା ବିନା ଉପବାସ ରହୁଥିଲେ। ଦେହ ପାଇଁ ଔଷଧ କିଣିବାକୁ ପଇସାଟିଏ ପାଇଲେନି। ଇଚ୍ଛା ଥିଲେ ବି କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସାହାଯ୍ୟ ସହାନୁଭୂତି ପ୍ରଦାନ କରି ପାରିଲେନି। ଯେଉଁ ବୈଷ୍ଣବ ପାଣିଙ୍କୁ ଟିକେ ଦେଖିବା ପାଇଁ ଲୋକେ ଧାଡ଼ି ବାନ୍ଧୁଥିଲେ ବୈଷ୍ଣବ ପାଣି ଯାତ୍ରାକୁ ଦେଖିବା ପାଇଁ ରାତି ରାତି ଅନିଦ୍ରା ହୋଇ ରୁଣ୍ଡ ହେଉଥିଲେ। ସେ ହି ବୈଷ୍ଣବ ପାଣି କିନ୍ତୁ ସମାଜ ପାଇଁ ଅଲୋଡ଼ା ହୋଇଗଲେ। ସେ ଅଚଳ ଅବସ୍ଥାରେ ନିଜ ଖଣ୍ଡିଆ କୁଡ଼ିଆ ଘରେ ପଡ଼ିରହିଲେ।

ଯୁଗେ ଯୁଗେ ଗୁରୁଶିଷ୍ୟ ସମ୍ପର୍କର ପବିତ୍ରତା ରହିଆସିଛି ଓ ରହିବ ମଧ। ସେହି ମର୍ମରେ ତାଙ୍କ ପ୍ରିୟ ଶିଷ୍ୟ ଯୋଗୀ ମିଶ୍ର ତାଙ୍କ ଗୁରୁ ବୈଷ୍ଣବ ପାଣିଙ୍କୁ ଛାଡ଼ି ସମ୍ଭାଳି ରହିଥାନ୍ତେ କେମିତି ! ଗୁରୁଙ୍କର ଏ ଅବସ୍ଥା ସମ୍ବନ୍ଧୀୟ ଖବର ପାଇ ତତ୍କାଳୀନ କୋଠପଦା ମଠ ମହନ୍ତ ତପୋନିଧି ରାମନାଥ ପୁରୀ ଗୋସ୍ୱାମୀଙ୍କୁ ଧରି ବୈଷ୍ଣବଙ୍କ କୁଡ଼ିଆ ଘରେ ଆସି ପହଞ୍ଚିଛନ୍ତି ଓ ମଠ ପ୍ରସ୍ତୁତ ରଘୁନାଥଜୀଉଙ୍କ ପ୍ରସାଦ ସେବନ କରାଇ ମହନ୍ତ ଗୋସ୍ୱାମୀଙ୍କ ଦ୍ୱାରା ଅଛୁଆଁରୁ ମୁକ୍ତ ହୋ ଜାତିରେ ମିଶିଯିବାକୁ ପ୍ରସ୍ତାବ ଦେଇଛନ୍ତି। ଚାରିଦିନ ହେବ ଭୋକ ଉପବାସରେ ପଡ଼ି ରହିଥିବା ବୈଷ୍ଣବ ପ୍ରସାଦ ସେବନ କରି ପ୍ରିୟ ଶିଷ୍ୟ ଯୋଗେନ୍ଦ୍ର ମିଶ୍ରକୁ ଅର୍ଜସ ଆଶୀର୍ବାଦ ଢ଼ାଳି ଦେବା ସହ ମହନ୍ତ ଗୋସ୍ୱାମୀଙ୍କୁ ଧନ୍ୟବାଦ ପ୍ରଦାନ କଲେ ସତ; ମାତ୍ର ଜାତି ଆଉ ଅଛୁଆଁ ବାବଦରେ ଥର ଥର କଣ୍ଠରେ କହିଲେ 'ଜାତି କାହାକୁ କହୁଛନ୍ତି ଗୋସେଇଁ! ମୋ ମତରେ ତ ଜାତି ହେଉଛି ଦୁଇଟା, ଗୋଟାଏ ପୁରୁଷ ଜାତି ଅନ୍ୟଟି ନାରୀ ନାରୀ ଜାତି। ମୋ ବାପା ମା ଜନ୍ମ ଦିନରୁ ହିଁ ମୋତେ ପ୍ରଭୁ ଜଗନ୍ନାଥଙ୍କ ବଡ଼ ଛତା ତଳେ ବୈଷ୍ଣବ କରି ଦେଇଛନ୍ତି। କଥାରେ ପରା ଅଛି, ବାର ଜାତି ତେର ଗୋଲା ବୈଷ୍ଣବ ହେଲେ ସବୁ ଗଲା। ଏହାଛଡ଼ା ମଣିଷ, ଜୀବନରେ କେବଳ ଦୁଇଥର ଅଛୁଆଁ ହୋଇଥାଏ। ଥରେ ନିଜେ ଜନ୍ମ ହେଲା ବେଳେ ଆଉ ଥରେ ମରିଗଲା ବେଳେ। ମୁଁ ଲୋକମାନଙ୍କୁ ବହୁତ ଭଲ ପାଏ। ଏଇ ମାନଙ୍କ ପାଇଁ ମୁଁ କେତେ ଗୀତିନାଟ୍ୟ, ଭଜନ ଜଣାଣ, ଫାର୍ସ ଲେଖିଛି, ଗାଇଛି, ନାଚିଛି। ମୋର ଏ ଘରକୁ ପାଠାଗାର କରିବା ପାଇଁ ଶିକ୍ଷାମନ୍ତ୍ରୀ ଡ.ରାଧାନାଥ ରଥଙ୍କୁ ଚିଠି ଲେଖିଛି। ଆଜି ମୋର ଏ ଶେଷ ଅବସ୍ଥାରେ ମୋତେ କେହି ଆଡ଼ ଆଖିରେ ଚାହୁଁ ନାହାଁନ୍ତି। ସମସ୍ତେ ମୋତେ ଘୃଣା କରୁଛନ୍ତି। ମୁଁ ମଲା ପରେ ମୋତେ ବୋଧ ହୁଏ କେହ ମନେରଖିବେ ନାହିଁ। ମୋ ଗୀତିନାଟ୍ୟ, ଭଜନ, ଜଣାଣ କେହି ପଢ଼ିବେନି କି ଦେଖିବେନି!!!

ଲୋକଙ୍କୁ ହସଉଥିବା ମଜଉଥିବା ମନୋରଞ୍ଜନର ଖୋରାକ ଯୋଗାଉଥିବା ଏହି ମହାନ କବି କାନ୍ଦି କାନ୍ଦି ନିଜ କ୍ଷୋଭ ପ୍ରକାଶ କରି ଅଚେତ ହୋଇ ପଡ଼ିଲେ। ସେ ଦିନ ମଠ ମହନ୍ତ ଓ ଯୋଗୀ ମିଶ୍ରଙ୍କ ସହାୟତାରେ ଶଗଡ଼ ଯୋଗେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଭେଷଜ ବିଭାଗରେ କିଛି ଦିନ ଚିକିତ୍ସିତ ହେଲାପରେ ୧୯୫୬ ମସିହା ମେ ମାସ ୧୦ ତାରିଖ ବୈଶାଖ ଅମାବାସ୍ୟା ଠିକ ଆଜିର ତିଥିରେ ଏହି ମହାନ ଗୀତିନାଟ୍ୟକାର, ବାଦ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଆଶୁକବି ଗଣକବି ବୈଷ୍ଣବ ପାଣିଙ୍କ ଦେହାନ୍ତ ହୋଇଥିଲା। କବି ମୁରାରୀ ମୋହନ ଜେନା, କାଳନ୍ଦୀ ପାଣିଗ୍ରାହୀ, ଗୋରାଚାନ୍ଦ ମିଶ୍ର, ନିତ୍ୟାନନ୍ଦ ମହାପାତ୍ର ଓ ସତ୍ୟାନନ୍ଦ ଚମ୍ପତିରାୟଙ୍କ ସହାୟତାରେ କଟକର ଖାନନଗର ଶ୍ମଶାନ ଆପଣେଇ ନେଇଥିଲା ଏହି କାଳଜୟୀ ମହାପ ପୁରୁଷ କବି ବୈଷ୍ଣବ ପାଣିଙ୍କ ପାର୍ଥୀବ ଶରୀରକୁ।


♥ଗୋତରା, ମାହାଙ୍ଗା, କଟକ
ମୋ: ୯୪୩୭୧୪୨୭୧୭





### ଛାଡିଦିଅ ବାଟ ମୋହର

**ଡୁଲେଶ୍ୱର କୁମାର ସାହୁ**



ଯେତେ କଥା ହେଲେ
ସରିବନି କେବେ
ସୁଖ, ଦୁଃଖ ଆମ ପ୍ରେମର
ଏତିକିରେ ଥାଉ ଆସୁଛି ମୁଁ ବନ୍ଧୁ
ଛାଡିଦିଅ ବାଟ ମୋହର ।

ବିପଦେ,ଆପଦେ ପୁଣି ଦେଖାହେବା
ଆମେ ଦୁହେଁ ପରସ୍ପର
ଏମିତି ଆଗକୁ ଆଉ କେତେ କଥା
ଲାଗୁଥିବ ସବୁ ସୁନ୍ଦର
ଏତିକିରେ ଥାଉ ଆସୁଛି ମୁଁ ବନ୍ଧୁ
ଛାଡିଦିଅ ବାଟ ମୋହର ।

ତୁମେ ପ୍ରେମ ହେଲେ
ମୁଁ ତୁମ ପୃଥିବୀ
ଆମେ ଦୁହେଁ ଫୁଲ ଭଅଁର
ଆମେ ସବୁଦିନେ ଖୁସିରେ ଥିଲେ
ଦୁଃଖ ହୋଇଯିବ ଦୂର
ଏତିକିରେ ଥାଉ ଆସୁଛି ମୁଁ ବନ୍ଧୁ
ଛାଡିଦିଅ ବାଟ ମୋହର ।

ମାଟି ଠୁ ଆକାଶ
ଆକାଶ ଠୁ ମାଟି
ଯେମିତି କରନ୍ତି ଆଦର
ସମସ୍ତଙ୍କୁ ଆମେ ଦୁହେଁ ମିଳିମିଶି
ଦେଇଦବା ପ୍ରେମ ମନ୍ତର
ଏତିକିରେ ଥାଉ ଆସୁଛି ମୁଁ ବନ୍ଧୁ
ଛାଡିଦିଅ ବାଟ ମୋହର ।


♥ରେଗଡା,କର୍ଲାମୁଣ୍ଡା,କଳାହାଣ୍ଡି
ମୋ- ୭୦୭୭୩୨୭୯୩୧


### ଅବଶୋଷ କଣ ପାଇଁ ?

**ବିବୁଲ ମହାକୁର**

ଆଜି ଶବ୍ଦ ସବୁ ନୀରବ
ଭାବନା ମାନ ଗୁପ୍ତଗଙ୍ଗା ପରି,
ବହିଯାଆନ୍ତି ଆଖି ଦେଇ
କୂଳରେ ଘଷି ହୋଇ ହୋଇ।
ପୁନର୍ଜନ୍ମରେ ଆଜି ପୁଣି ମୃତ୍ୟୁ
ଅଭିଶାପର ଛାଇ ତଳେ
ବାରମ୍ବାର କଚାଡି ହେଲାପରେ ବି
ଅକ୍ଷତ ଶବ।
ଶବ ଗୁରୁଣ୍ଡି ଗୁରୁଣ୍ଡି ଚେଷ୍ଟାକରେ
ସ୍ପର୍ଶ କରିବାକୁ
ସେ ଚଳନ୍ତି ଠାକୁରଙ୍କ
ଦୁର୍ଲଭ ପାପନାଶିନୀ ପଦଯୁଗଳ କୁ
କ୍ଷମା ଚାହେଁନି
ଚାହେଁ କେଇ ମୁହୂର୍ତ୍ତର ଶୀତଳ ସ୍ପର୍ଶ।
ପୀଡ଼ା ଅବଶୋଷ କାନ୍ଧେଇ ନିଅନ୍ତି
ଶବକୁ ପାପ ଓ ଅଭିଶାପ ସହ
କାହା ଆଖିର ଲୁହ ଝରେ ଆଜି
କୋକେଇ ଆଗରେ ପୁଷ୍ପହୋଇ।
କ୍ଷମା ବୋଧେ ପ୍ରଯୁଜ୍ୟ ନୁହଁ
ସବୁ ଅପରାଧ ପାଇଁ,
ସ୍ୱର୍ଗ ହେଉ ଅବା ମର୍ତ୍ତ୍ୟ ହେଉ
ଅବଶୋଷ କଣ ପାଇଁ ?


♥ ଗ୍ରାମ/ପୋଷ୍ଟ - ବୁର୍ଢ଼ା
ଲୋଇସିଂହା, ବଲାଙ୍ଗୀର
ମୋ: ୮୨୪୯୭୦୨୨୫୨


### ବନ୍ଧୁତା

**ପ୍ରଦୀପ୍ତ କୁମାର ଦାସ**



ବନ୍ଧୁତାର ପରିଭାଷାତ ବୁଝେନାଁ ଅର୍ଥେ
ଜୀଇଁଥିବା ମଣିଷ
ପ୍ରାଚୁର୍ଯ୍ୟ ଭିତରେ ବୁଡ଼ି ରହି ସେତ
କରେ ନାହିଁ କାରେ ବିଶ୍ୱାସ,

ସହଜରେ କେଉଁ କଥାକୁ କେବେବି
ନକରି ପାରେ ସେ ଗ୍ରହଣ
ଟଙ୍କା ପାଇଁ ସେତ ମୁହଁ କରେ ବଙ୍କା
ବନ୍ଧୁ ମନେ ଭରେ କଷଣ,

ସୁଦାମା ପରିକା ବନ୍ଧୁକୁ ପାଇବି କୃଷ୍ଣ
ସେତ ସାଜି ପାରେନାଁ
ଧନ ଅହଂକାରେ ଅନ୍ଧ ପାଲଟି ସେ
ସଖାକୁ ଆଦର କରେନାଁ,

ସଖାର ଦରିଦ୍ର ଅବସ୍ଥାକୁ ଦେଖି ଥଟ୍ଟା
ପରିହାସ କରଇ
ପୂରୁବ ସାହାଯ୍ୟ କଥାକୁ ତୁଣ୍ଡରେ
ବାରମ୍ବାର ସେତ ଧରଇ,

ବନ୍ଧୁର ଅଭାବ ଅସୁବିଧା ଜାଣି ଦିଏ
ନାହିଁ ସେତ ଗୁରୁତ୍ୱ
ଅଯଥାରେ ସେତ ହୋଇଣ ବିରକ୍ତ
ଜାହିର କରଇ ପ୍ରଭୁତ୍ୱ,

ସହଜ ସରଳ ନହୋଇଲେ ବନ୍ଧୁ
ଅନ୍ତରୁ ଝରଇ ଗରଳ
ହୁଏ ବିବାଦୀୟ ବନ୍ଧୁତା ସମ୍ପର୍କ
ପରିସ୍ଥିତି ହୁଏ ଜଟିଳ,

ଧନ ରତନଠୁ ଅଟଇ ଅମୂଲ୍ୟ
ବନ୍ଧୁତାର ପ୍ରୀତି ବନ୍ଧନ
ସେପରି ବନ୍ଧନେ ହୋଇଲେ ଆବଦ୍ଧ
ପ୍ରୀତ ହେବେ ନନ୍ଦ ନନ୍ଦନ ।
ଝଝଝ


♥ କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର (ଓଡ଼ିଶା)


### ଲୁହ

**ନୀଳମଣି ଚାନ୍ଦ**



ଯେଉଁ ଲୁହ ମୋ'ର ଅତି ଆପଣାର
ହରେଇବାକୁ ମୁଁ
ଚାହେଁ ନାହିଁ
ଆଖିରେ ରହୁରେ ସିଏରେ ସେମିତି
ଜିଇଁଥିବା ଯାଏ
ମୋ'ର ପାଇଁ ।

ସୁଖରେ ସେ ଝରେ ଦୁଃଖରେ ବି
ଝରେ ମାନେନାହିଁ କେବେ ବୋଲ
ମୋ'ର
ଭାବିପାର ସିଏ ଶ୍ରାବଣ ବରଷା ଅବା
କେଉଁ ଦୂର, ଗିରି ଝର
ମନକୁ ବାଧିଲେ ତାକୁ ଭାରିବାଧେ
କାରଣଟି ତା'ର ଜାଣେ ନାହିଁ।

କେବେ କାନ୍ଦିଦେଲେ ମନଟି ହାଲୁକା
ଆବିଳତା ସବୁ
ଧୋଇ ଯାଏ
ସୁଖରେ କାନ୍ଦିଲେ ଲାଗୁଥାଏ ସତେ
ମୁକୁତା ଟୁକୁଡ଼ା
ପାଇଯାଏ

ଲୁହ ବି ଶିଖିଛି ହସର ଗଜଲ
ବିଷାଦ ସଙ୍ଗୀତ
ଦିଏ ଗାଇ ।

ଲୁହ ଲହୁ ଭିଜା ଜୀବନ ଜୀବନ
ଲେଖିଯାଏ ଗାଥା
ଲେଖିଯାଏ
ଲୁହ ନ ଝରିଲେ ପ୍ରୀତିର କଦମ୍ବ
କଳିଟିଏ ହୋଇ
ରହିଯାଏ
ସେଥିପାଇଁ ଲୁହ ଅତି ଆପଣାର
ରହିଥାଏ ମନେ
ବାଟ ଚାହିଁ।


♥ ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

# ଏହି ୪ ରାଶିର ବ୍ୟକ୍ତି ସୁନା ଧାରଣ କଲେ ମିଳିଥାଏ ଶୁଭଫଳ

ଭାରତୀୟ ସମାଜରେ ସୁନା ପ୍ରତି ଏକ ଅଲଗା ଆକର୍ଷଣ ରହିଛି । ବାସ୍ତୁଶାସ୍ତ୍ରରେ ସୁନାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ସେହିପରି ଗ୍ରହ ଦୋଷ କାଟିବା ପାଇଁ ଦେବୀ-ଦେବତାଙ୍କୁ ମଧ୍ୟ ସୁନା ଦାନ କରାଯାଇଥାଏ । ତେବେ ବାସ୍ତୁ ଅନୁସାରେ ଚାରୋଟି ରାଶିର ଲୋକେ ସୁନା ଅଳଙ୍କାର ପିନ୍ଧିଲେ ବିଶେଷ ଭାବେ ଲାଭବାନ ହୋଇଥା'ନ୍ତି । ସେମାନଙ୍କୁ ଏହା ଶୁଭ ଫଳ ଦେଇଥାଏ । ତା'ହେଲେ ଆସନ୍ତୁ ଜାଣିବା ସେହି ଚାରୋଟି ରାଶି ସଂପର୍କରେ...

ସିଂହ ରାଶି : ବାସ୍ତୁ ଅନୁସାରେ ଏହା ହେଉଛି ଅଗ୍ନି ତତ୍ତ୍ୱର ରାଶି । ଏହାର ସ୍ୱାମୀ ସୂର୍ଯ୍ୟଙ୍କ ସହିତ ସୁନାର କାରକ ଗୁରୁ ଗ୍ରହର ମିତ୍ର ଭଳି ସଂପର୍କ ରହିଥାଏ । ତେଣୁ ଏହି ରାଶିର ବ୍ୟକ୍ତିମାନେ ସୁନା ଅଳଙ୍କାର ପିନ୍ଧିଲେ ଭଲ । ଅତିକମ୍‌ରେ ଆଙ୍ଗୁଠିରେ ସୁନା ମୁଦିଟିଏ ପିନ୍ଧିଲେ ବି ଶୁଭଫଳ ପ୍ରାପ୍ତି ହୁଏ ।

କନ୍ୟା ରାଶି : ଏହି ରାଶିର ଲୋକଙ୍କ ଇଚ୍ଛା ପୂରଣ କରିବାରେ ସୁନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସୁନା ଧାରଣ କରିବା ଦ୍ୱାରା ଏହି ରାଶିର ବ୍ୟକ୍ତିଙ୍କୁ ଧନ, ସମ୍ପତ୍ତି ଓ ଐଶ୍ୱର୍ଯ୍ୟ ପ୍ରାପ୍ତି ହୋଇଥାଏ ।

ସୁନା-ରୂପା କିଣିବାକୁ ଥିବା ଲୋକମାନଙ୍କ ପାଇଁ...

ତୁଳା ରାଶି : ସୁନା ମୁଦି, ଚେନ୍ ଆଦି ପିନ୍ଧିଲେ ଏହି ରାଶି ଲୋକଙ୍କ ଭାଗ୍ୟରେ ପରିବର୍ତ୍ତନ ହୋଇଥାଏ ବୋଲି କୁହାଯାଏ । ରୋଗ ଓ ଶତ୍ରୁଙ୍କଠାରୁ ବି ସୁରକ୍ଷା ମିଳେ । ସୁନାର ଅନ୍ୟାନ୍ୟ ଆଭୂଷଣ ଅପେକ୍ଷା ଆଙ୍ଗୁଠିରେ ସୁନା ମୁଦି ପିନ୍ଧିଲେ ଏହି ରାଶିର ଲୋକଙ୍କୁ ବିଶେଷ ଫଳପ୍ରାପ୍ତି ହୋଇଥାଏ ବୋଲି କୁହାଯାଏ ।

ଧନୁ ରାଶି : ବାସ୍ତୁ ଅନୁସାରେ ଧନୁ ରାଶିର ବ୍ୟକ୍ତିମାନେ ସୁନାର ଆଭୂଷଣ ଧାରଣ କଲେ ସବୁ କାର୍ଯ୍ୟ ଶୀଘ୍ର ହୋଇଥାଏ । କିନ୍ତୁ ଏହି ରାଶିର ବ୍ୟକ୍ତିମାନେ ପାଦରେ କୌଣସି ସୁନା ଆଭୂଷଣ ଧାରଣ କରିବା ଉଚିତ ନୁହେଁ ।



# ବାରମ୍ବାର ମାଂସପେଶୀରେ ଏଭଳି କଷ୍ଟ ପାଉଛନ୍ତି କି ? : ଶରୀରରେ ଏହି ଭିଟାମିନ୍ ଅଭାବର ଏକ ବଡ଼ ସଙ୍କେତ

*ଆପଣ ଶୋଇଥିବେ ହଠାତ୍ ଆପଣଙ୍କ ଗୋଡର ମାଂସପେଶୀରେ ଥିବା ଶୀର ଟାଣି ହେଲା ଭଳି ଅନୁଭବ ହୁଏ । କିଏ ଯେମିତି ବହୁତ ଜୋରରେ ଟାଣିକି ରଖିଛି । ଗୋଡ ସିଧା ହେଉ ନାହିଁ । ଏହା ବହୁତ ଯନ୍ତ୍ରଣାଦାୟକ । ଯଦିଓ ଏହି କଷ୍ଟ ବେଶୀ ସମୟ ରହେ ନାହିଁ, ତଥାପି ଯେଉଁ ଅଳ୍ପ ମୁହୂର୍ତ୍ତ ରହେ ତାହା ବହୁତ କଷ୍ଟଦାୟକ ଥାଏ । ବିଶେଷ କରି ଶୋଇବା ସମୟରେ ହିଁ ଗୋଡ ସିଧା କରିବା ବେଳେ ହଠାତ୍ ଏଭଳି ଅନୁଭବ ହୁଏ । ମନରେ ପ୍ରଶ୍ନ ଆସେ ଯେ, ଏଭଳି କାହିଁକି ହୁଏ କୌଣସି ଏକ ବଡ ରୋଗର ଏହା ସଙ୍କେତ ନୁହେଁ ତ.. ତେବେ ଆସନ୍ତୁ ଜାଣିବା କ'ଣ କହୁଛନ୍ତି ବିଶେଷଜ୍ଞ*



ଆମ ଶରୀର ପାଇଁ କ୍ୟାଲସିୟମ ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ । ଏହା ଆମର ହାଡ, ଦାନ୍ତ ଏବଂ ମାଂସପେଶୀ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମହିଳାମାନେ ପୁରୁଷଙ୍କ ଅପେକ୍ଷା ଅଧିକ କ୍ୟାଲସିୟମ୍ ଆବଶ୍ୟକ କରନ୍ତି । ବାର୍ଦ୍ଧକ୍ୟ ସହିତ ମହିଳାମାନଙ୍କଠାରେ ଅଷ୍ଟିଓପୋରୋସିସ୍ ଏବଂ ହାଡର ଦୁର୍ବଳ ହେବାର ଆଶଙ୍କା ଯଥେଷ୍ଟ ବୃଦ୍ଧି ପାଇଥାଏ । ଶରୀରରେ କ୍ୟାଲସିୟମର ମାତ୍ରା କମ୍ ଥିବାରୁ ଅନେକ ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡେ । ଯେତେବେଳେ କ୍ୟାଲସିୟମର ଅଭାବ ଥାଏ, ଏହାର ଲକ୍ଷଣ ଆମ ଶରୀରରେ ଦେଖାଯଏ । ଆସନ୍ତୁ ଜାଣିବା କ୍ୟାଲସିୟମ ଅଭାବର ଲକ୍ଷଣ କ'ଣ ?



ହାତ ଏବଂ ଗୋଡର ସାଂସପେଶୀ ଟାଣି ହେବା – କ୍ୟାଲସିୟମ୍ ଅଭାବ ହେତୁ ହାତ ଏବଂ ଗୋଡର ସାଂସପେଶୀ ଟାଣି ହେଲା ଭଳି ଅନୁଭବ ହୁଏ । ଯେତେବେଳେ ଆପଣଙ୍କ ଶରୀରରେ ଧୀରେ ଧୀରେ କ୍ୟାଲସିୟମର ଅଭାବ ହୁଏ , ସେତେବେଳେ ଏଭଳି ସମସ୍ୟା ଦେଖାଦିଏ ।

ଥକ୍କା ଏବଂ ଦୁର୍ବଳତା- ଯଦି କୌଣସି କାମ ନ କରି ବି ଦିନସାରା ଥକା ଏବଂ ଦୁର୍ବଳ ଲାଗୁଛି ଏବଂ ଉତ୍ତମ ନିଦ ହେଉ ନାହିଁ, ଏହା ଶରୀରରେ କ୍ୟାଲସିୟମ୍ ଅଭବର ସଙ୍କେତ ।

ଦାନ୍ତ ଖରାପ ହେବା – କ୍ୟାଲସିୟମ୍ ଦାନ୍ତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ । ଶରୀରରେ କ୍ୟାଲସିୟମ ଅଭାବ ହେତୁ ଦାନ୍ତ ଦୁର୍ବଳ ହେବାକୁ ଲାଗେ ଏବଂ ଦାନ୍ତ ଖରାପ ହେବାର ସମ୍ଭାବନା ବହୁତ ବଢିଯାଏ । କ୍ୟାଲସିୟମ ଅଭାବ ହେତୁ ଆପଣ ଦାନ୍ତରେ ସେନ୍ସିଟିଭିଟି କିମ୍ବା ଯନ୍ତ୍ରଣା ଅନୁଭବ କରିପାରନ୍ତି ।

ଅଷ୍ଟିଓପୋରୋସିସ୍ – ଅଷ୍ଟିଓପୋରୋସିସ୍ ହେଲେ ରେ ହାଡ ଦୁର୍ବଳ ହୋଇ ଭାଙ୍ଗିଯାଏ । ଶରୀରରେ କ୍ୟାଲସିୟମର ଘୋର ଅଭାବ ହେତୁ ଏପରି ହୁଏ । ଏହା ଦ୍ୱାରା ଫ୍ୟାକ୍‌ଚର ଏବଂ ହାଡ ସମ୍ବନ୍ଧୀୟ ରୋଗ ହେବାର ସମ୍ଭାବନାକୁ ବହୁଗୁଣିତ କରିଥାଏ । ମହିଳାମାନେ ଠାରେ ଅଷ୍ଟିଓପୋରୋସିସ୍ ହେବାର ଆଶଙ୍କା ଅଧିକ ମାତ୍ରାରେ ଥାଏ ।

ନଖ ଏବଂ କେଶ – ମଜବୁତ କେଶ ଏବଂ ନଖ ପାଇଁ କ୍ୟାଲସିୟମ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶରୀରରେ କ୍ୟାଲସିୟମ ଅଭାବ ହେତୁ କେଶ ଏବଂ ନଖ ସହଜରେ ଭାଙ୍ଗିବା ଆରମ୍ଭ କରେ । ଏହା ବ୍ୟତୀତ ରୁକ୍ଷ୍ୟ କେଶ ମଧ କ୍ୟାଲସିୟମ ଅଭାବର ସଙ୍କେତ ।

ଏଥିପ୍ରତି ଧ୍ୟାନ ଦିଅନ୍ତୁ – ଭିଟାମିନ୍ ଡି ପ୍ରଚୁର ପରିମାଣରେ ନିଅନ୍ତୁ । ଯାହା ଦ୍ୱାରା ହାଡ ମଜବୁତ ରହିଥାଏ । କ୍ଷୀର, ସବୁଜ ପନିପରିବା, ମାଛ, ବିନ୍ସ, ବ୍ରୋକୋଲି ଇତ୍ୟାଦି କ୍ୟାଲସିୟମ ଯୁକ୍ତ ଖାଦ୍ୟ ଖାଆନ୍ତୁ । ମଦ୍ୟପାନ ଏବଂ ତମାଖୁ ସେବନରୁ ଦୂରରେ ରୁହ ।

# ଭାରତର ସବୁଠୁ ଧିମା ରେଳଗାଡ଼ି



ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରରେ ଖେଳନା ଟ୍ରେନ୍‌ଗୁଡ଼ିକର ବିଶେଷ ଆକର୍ଷଣ ରହିଥାଏ । ସେଥିରେ ଯାତାୟାତ କରିବା ବ୍ୟତୀତ ତାହା ସୁଡ଼ଙ୍ଗ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ଗତି କରୁଥିବାରୁ ପର୍ଯ୍ୟଟକମାନେ ଯାତ୍ରାର ମଜା ଉଠାଇଥା'ନ୍ତି । ଆଉ ଏକ ମଜା କଥା ହେଲା, ଏହି ଖେଳନା ଟ୍ରେନ୍‌ଗୁଡ଼ିକ ଖୁବ୍ ଧୀରେ ଧୀରେ ଗଡ଼ିଥା'ନ୍ତି । ଏହି କ୍ରମରେ ତାମିଲନାଡୁର ମେଟ୍ଟୁପାଲାୟାମ୍-ଉଟି ନୀଳଗିରି ଯାତ୍ରୀବାହୀ ଟ୍ରେନ୍‌ଟି ଦେଶର ସବୁଠୁ ଧିମା ରେଳଗାଡ଼ିର ମାନ୍ୟତା ରଖିଛି । ଦେଶର ଦ୍ରୁତତମ ଟ୍ରେନ୍‌ର ପ୍ରାୟ ଷୋହଳ ଭାଗରୁ ଭାଗେ ବେଗରେ, ଅର୍ଥାତ୍ ଘଣ୍ଟାକୁ ସର୍ବାଧିକ ୧୦ କି.ମି. ବେଗରେ ଯାଇପାରୁଥିବା ଏହି ଟ୍ରେନ୍‌ଟି ୪୬ କି.ମି. ଅତିକ୍ରମ କରି ତାହାର ଗନ୍ତବ୍ୟସ୍ଥଳରେ ପହଞ୍ଚିବାକୁ ୫ ଘଣ୍ଟା ସମୟ ନେଇଥାଏ । ପାହାଡ଼ ମଧ୍ୟସ୍ଥ ପଥୁରିଆ ଯାତ୍ରା ପଥରେ ଏହା ଶହେ ସଂଖ୍ୟକ ପୋଲ ଓ ସଂଖ୍ୟାଧିକ ସୁଡ଼ଙ୍ଗ ଅତିକ୍ରମ କରେ । ୟୁନେସ୍କୋ ପକ୍ଷରୁ ଏହାକୁ ଏକ ବିଶ୍ୱ ଐତିହ୍ୟର ମାନ୍ୟତା ପ୍ରଦାନ କରାଯାଇଛି । ୟୁନେସ୍କୋ ସୂଚନା ମୁତାବକ, ୧୮୫୪ ମସିହାରେ ଏହି ରେଳପଥର ପ୍ରସ୍ତାବ ଦିଆଯାଇଥିବା ବେଳେ ୧୮୯୧ରେ ନିର୍ମାଣ ଆରମ୍ଭ ହୋଇଥିଲା ଏବଂ ୧୯୦୮ରେ ଏହା କାର୍ଯ୍ୟକ୍ଷମ ହୋଇଥିଲା । ଯାତ୍ରାପଥରେ ୩୨୬ ମିଟରରୁ ୨.୨ କି.ମି. ଯାଏ ରହିଥିବା ଉଠାଣି ରାସ୍ତା ସେ ସମୟର ଶ୍ରେଷ୍ଠ ଜ୍ଞାନକୌଶଳ ଖଟାଇ ନିର୍ମିତ ହୋଇଛି । ଏହି ଟ୍ରେନ୍‌ଟି ପ୍ରତ୍ୟହ ସକାଳ ୭ଟା ୧୦ରେ ମେଟ୍ଟୁପାଲାୟାମ୍‌ରୁ ବାହାରି ମଧ୍ୟାହ୍ନରେ ଉଟିରେ ପହଞ୍ଚିଥାଏ ଏବଂ ସଙ୍ଗେ ସଙ୍ଗେ ସେଠାରୁ ବାହାରି ସନ୍ଧ୍ୟା ୫ଟା୩୫ ବେଳକୁ ମେଟ୍ଟୁପାଲାୟାମ୍ ଫେରି ଆସିଥାଏ ।

# ତ୍ୱଚାକୁ ସୁନ୍ଦର ରଖିବାକୁ ହେଲେ କରନ୍ତୁ ଏହି ଘରୋଇ ହର୍ବାଲ ଉପଚାର



ତ୍ୱଚାରେ ଚମକ ଆଣିବା ତଥା ତ୍ୱଚା ସମ୍ପର୍କୀୟ ସମସ୍ୟା ଦୂରେଇ ଦେବା ନିମନ୍ତେ ସବୁଠୁ ସୁରକ୍ଷିତ ତଥା ବିଶ୍ୱସନୀୟ ଉପଚାର ହେଲା ହର୍ବାଲ୍ ଉପଚାର । ହର୍ବାଲ୍ ଜିନିଷଗୁଡ଼ିକ ମୁଖ୍ୟତଃ ସହଜରେ ଘରେ ହାତ ପାହାନ୍ତାରେ ମିଳିଯାଇଥାଏ । ଏହାକୁ ବ୍ୟବହାର କରିବା ମଧ ସହଜ । ଏହା ବ୍ୟତୀତ କୌଣସି ପାର୍ଶ୍ୱ ପ୍ରତିକ୍ରିୟାର ମଧ ଭୟ ନଥାଏ । କିପରି ବ୍ୟବହାର କରିବେ ଜାଣନ୍ତୁ ।

ଗୋଟିଏ ବଡ଼ ଟମାଟକୁ ଛୋଟ ଛୋଟ ଖଣ୍ଡ କରି କାଟି ଏହାକୁ ପେଷ୍ଟ କରି ଦିଅନ୍ତୁ । ଟମାଟ ପେଷ୍ଟରେ ମହୁ ମିଶାଇ ମୁହଁରେ ଲଗାନ୍ତୁ । ଏହା ତ୍ୱଚାରେ ଚମକ ଆଣିଥାଏ । ବିଟକୁ ଛୋଟ ଛୋଟ ଖଣ୍ଡ କରି କାଟି ଏହାକୁ ଭଲଭାବେ ପେଷ୍ଟ କରି ଦିଅନ୍ତୁ । ପାଞ୍ଚ ମିନିଟ ପର୍ଯ୍ୟନ୍ତ ବିଟ୍ ପେଷ୍ଟକୁ ମୁହଁରେ ମସାଜ୍ କରନ୍ତୁ । ପେଷ୍ଟ ଶୁଖିଯିବାର ୧୦ ମିନିଟ୍ ପରେ ମୁହଁକୁ ସାବୁନରେ ଧୋଇ ଦିଅନ୍ତୁ ।

ସେହିପରି ଚନ୍ଦନ ପାଉଡର, ଗୋଲାପ ଜଳ ଓ କ୍ଷୀରରେ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ ମୁହଁ ଓ ବେକରେ ଲଗାଇ ୧୫ ମିନିଟ୍ ଶୁଖିବାକୁ ଛାଡ଼ି ଦିଅନ୍ତୁ । ପେଷ୍ଟ ଶୁଖିଯିବା ପରେ ନଖ ଉଷୁମ ପାଣିରେ ମୁହଁ ଭଲଭାବେ ଧୋଇ ନିଅନ୍ତୁ ।

ମହୁ ଓ ଲେମ୍ବୁରସକୁ ମିଶାଇ ମୁହଁରେ ଲଗାଇ ଦିଅନ୍ତୁ । ଶୁଖିଗଲା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଏହା ମୁହଁରେ ଚମକ ଆଣେ ଓ କଳାଦାଗରୁ ମୁକ୍ତି ଦିଏ ।

ହଳଦୀ, ଚନ୍ଦନଗୁଣ୍ଡ ଓ ଅଲିଭ୍ ଅଏଲକୁ ମିଶାଇ ଦେହରେ ଲଗାନ୍ତୁ । ଏହା ଶୁଖିଯିବାର ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ ।

ନିୟମିତ ଶରୀରକୁ କ୍ଷୀରରେ ମସାଜ୍ କରନ୍ତୁ । କ୍ଷୀର ମଏଶ୍ଚରାଇଜର୍ ଭଳି କାମ କରିଥାଏ । ଖାସ କରି ଶୀତ ଦିନରେ ରୁଖ ତ୍ୱଚାରୁ ମୁକ୍ତି ପାଇବା ପାଇଁ କରନ୍ତୁ ।

ଗାଜରକୁ କୋରି ଏହାର ପେଷ୍ଟ କରି ତ୍ୱଚାରେ ମସାଜ୍ କରନ୍ତୁ । ତ୍ୱଚାର ରଙ୍ଗ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ ।

କ୍ଷୀର ଓ ଲେମ୍ବୁରସକୁ ମିଶାଇ ମୁହଁ ଓ ଶରୀରରେ ଲଗାନ୍ତୁ ।

# ନିଆଁ ଝରଣା

ଝରଣାରୁ ପାଣି ଝରିବା ସ୍ୱାଭାବିକ କଥା । ତେବେ ଏଥିରୁ ନିଆଁ ଝରିବା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ । ଏହା ଆଶ୍ଚର୍ଯ୍ୟ ହୋଇଥିଲେ ବି ସତ । କାର୍ଲିଫୋର୍ଣ୍ଣିଆରେ ରହିଛି ଏଭଳି ଏକ ଝରଣା । ଏଥିରେ ନିଆଁ ଭଳି ଲାଲ ପାଣି ୧୫୬୦ ଫୁଟ ଉଚ୍ଚରୁ ତଳକୁ ପଡ଼ିଥାଏ । ଏହି ଝରଣା ସ୍ଥାନୀୟ ୟେସୋମିଟି ଜାତୀୟ ଉଦ୍ୟାନରେ ରହିଛି । କ୍ୟାପଟେନ ପାହାଡ଼ରୁ ଏହା ପ୍ରବାହିତ ହେଉଛି । ଲୋକେ ଏହାକୁ ଫାୟାର ଫଲ କହିଥାନ୍ତି । ତେବେ ପ୍ରତିବର୍ଷ ଫେବୃଆରୀ ମାସର ଶେଷ ସପ୍ତାହରେ ଏଭଳି ଦୃଶ୍ୟ ସୂର୍ଯ୍ୟାସ୍ତ ସମୟରେ ଦେଖାଯାଇଥାଏ । ଏହି ସମୟରେ ଅସ୍ତ ସମୟରେ ଲାଲ ରଂଗର ସୂର୍ଯ୍ୟ ରଶ୍ମୀ ଝରଣା ପାଣିରେ ପ୍ରତିଫଳିତ ହୋଇଥାଏ । ଫଳରେ କିଛି ସମୟ ପାଇଁ ଝରଣାର ପାଣି ରଡ଼ ନିଆଁ ଭଳି ଲାଲ ଦିଶିଥାଏ ।





# ନା ଗୋଲାକାର, ନା ଅଣ୍ଡାକୃତି, ତେବେ ପ୍ରକୃତରେ ପୃଥିବୀର ଆକାର କ'ଣ ?

ଅନେକ ଲୋକ ଭାବନ୍ତି ଯେ ପୃଥିବୀ ଗୋଲାକାର, କିଛି ଲୋକ ଏହାକୁ ଓଭାଲ୍ ମଧ୍ୟ ଭାବନ୍ତି । ଅନେକ ପୁସ୍ତକରେ ଆମେ ଏହା ମଧ୍ୟ ଲେଖିଛୁ ଯେ ପୃଥିବୀ ଗୋଲାକାର, କିନ୍ତୁ ଆସନ୍ତୁ ଆପଣଙ୍କୁ କହିବା ଯେ, ପୃଥିବୀର ପ୍ରକୃତ ଆକୃତି ଗୋଲାକାର କିମ୍ବା ଓଭାଲ୍ ନୁହେଁ । ପୃଥିବୀ ଅନିୟମିତ ଭାବରେ ଏଲିପସଏଡ୍ କିମ୍ବା ଜିଓଏଡ୍ ଆକୃତିର । ପୃଥିବୀ ନିଶ୍ଚିତ ଭାବରେ ଗୋଲାକାର କିନ୍ତୁ ଏହା ସମ୍ପୂର୍ଣ୍ଣ ଗୋଲାକାର ନୁହେଁ କାରଣ ଏହାର କିଛି ଅଂଶ ଉଠିଯାଇଥିବା ବେଳେ କିଛି ଅଂଶ କିଛି ସ୍ଥାନ ବୁଡ଼ି ଯାଇଛି । ବୈଜ୍ଞାନିକ ବିଶ୍ୱାସ କରନ୍ତି ଯେ, ଏହା ମାଧ୍ୟାକର୍ଷଣ ଶକ୍ତି ହେତୁ ଘଟିଛି । ଆସନ୍ତୁ ଜାଣିବା ଯେ, ଇକ୍ୟୁଏଟର ଚାରିପାଖରେ ଥିବା ଅଂଶ ଉପରକୁ ଉଠିଛି । ପୃଥିବୀର ସମୀକରଣ ବ୍ୟାସାର୍ଦ୍ଧ ୩,୯୬୩.୩୪ ମାଇଲ ହୋଇଥିବାବେଳେ ପୋଲାର ବ୍ୟାସାର୍ଦ୍ଧ ୩,୯୪୯.୯୯ ମାଇଲ ଅଟେ । ଏହା ଦର୍ଶାଏ ଯେ ଏହା ଗୋଲାକାର ନୁହେଁ । ଆମେ ସମସ୍ତେ ଜାଣିଛୁ ଯେ, ଏପର୍ଯ୍ୟନ୍ତ ମହାକାଶରେ ଜଣାଶୁଣା ପୃଥିବୀ ହେଉଛି ଏକମାତ୍ର ଗ୍ରହ ଯେଉଁଥିରେ ଜୀବନ ଅଛି । ପୃଥିବୀ ହେଉଛି ସୌର ମଣ୍ଡଳର ପଞ୍ଚମ ବୃହତ୍ତମ ଗ୍ରହ । ଏହାର ସର୍ବୋଚ୍ଚ ଶିଖର ହେଉଛି ମାଉଣ୍ଟ ଏଭରେଷ୍ଟ ।

ସାଧାରଣତଃ ଆମେ କହିଥାଉ ଯେ, ପୃଥିବୀ ନିଜ ଅକ୍ଷରେ ଗୋଟିଏ ଘୂର୍ଣ୍ଣନକୁ ୨୪ ଘଣ୍ଟାରେ ସମାପ୍ତ କରେ, ସେଥିପାଇଁ ଦିନ ଏବଂ ରାତି ହୁଏ, କିନ୍ତୁ ଏହାର ଅକ୍ଷରେ ଗୋଟିଏ ଘୂର୍ଣ୍ଣନ ସମ୍ପୂର୍ଣ୍ଣ କରିବାକୁ ମାତ୍ର ୨୩ ଘଣ୍ଟା, ୫୬ ମିନିଟ୍ ୪ ସେକେଣ୍ଡ ସମୟ ଲାଗେ । ୭ ଟି ମହାଦେଶ ସହିତ ପୃଥିବୀରେ କେବଳ ଗୋଟିଏ ପ୍ରାକୃତିକ ଚନ୍ଦ୍ର ଅଛି । ବିଶେଷଜ୍ଞମାନେ କହିଛନ୍ତି ଯେ, ପୃଥିବୀ ୪.୫ ବିଲିୟନ ବର୍ଷ ପୁରୁଣା । ଯଦି ଆପଣ ଭାବୁଥିବେ ଯେ, ଏହି ମହାଦେଶଗୁଡ଼ିକ ପୂର୍ବରୁ ଏହିପରି ଥିଲା, ତେବେ ପ୍ରାୟ ୨୦୦ ନିୟୁତ ବର୍ଷ ପୂର୍ବେ ପୃଥିବୀରେ କେବଳ ଗୋଟିଏ ମାଳଦ୍ୱୀପ ଥିଲା ଯାହା ପାଙ୍ଗେ ନାମରେ ଜଣାଶୁଣା ଥିଲା ଏବଂ ଏହି ମାଳଦ୍ୱୀପର ଚାରିପାଖରେ ଏକ ମହାସାଗର ଥିଲା ଯାହାକୁ ପନ୍ତଲାସା କୁହାଯାଉଥିଲା । ଉଲ୍ଲେଖନୀୟ ବିଷୟ ହେଉଛି, ପ୍ରତିବର୍ଷ ଏପ୍ରିଲ୍ ୨୨ ରେ 'ପୃଥିବୀ ଦିବସ' ଅର୍ଥାତ୍ ପୃଥିବୀ ଦିବସ ସମଗ୍ର ବିଶ୍ୱରେ ପାଳନ କରାଯାଏ, ଯାହାର ଉଦ୍ଦେଶ୍ୟ ହେଉଛି ଲୋକଙ୍କ ମଧ୍ୟରେ ପରିବେଶ ବିଷୟରେ ସଚେତନତା ସୃଷ୍ଟି କରିବା । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ପ୍ରତିବର୍ଷ ଏହି ଦିନ ପ୍ରାୟ ୧୯୨ଟି ଦେଶରେ ପାଳନ କରାଯାଏ ।

# ବାଟବଣା ରାଜା ରାମମୋହନ ରାୟ ପାଠାଗାର ଯୋଜନା



ଭୁବନେଶ୍ୱର, ୧୮/୦୪ (ନି.ପ୍ର): ୨୦୧୬-୧୭ ମସିହାରେ ବହି ଚୟନ କରାଗଲା। କେଉଁ ପ୍ରକାଶକଙ୍କ କେଉଁ ବହି କିଣା ହେବ, ତାହାର ତାଲିକା ପ୍ରସ୍ତୁତ କରାଗଲା। କିନ୍ତୁ ପ୍ରକାଶକଙ୍କୁ କିଣିବା ପାଇଁ କ୍ରୟାଦେଶ ଦିଆଗଲା ୨୦୨୩-୨୪ ମସିହାରେ, ଅର୍ଥାତ ୭ ବର୍ଷ ପରେ। ବିଡ଼ମ୍ବନାର ବିଷୟ ହେଲା ଯେ ୭ ବର୍ଷ ତଳର ପୁରୁଣା ଦରରେ ଏବେ ବହି କିଣାଯିବ, ତାହା ପୁଣି ୩୦% ରିହାତିରେ। ଏମିତି ଏକ ଅଭାବନୀୟ କଥା ଦେଖିବାକୁ ମିଳିଛି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ରାଜା ରାମମୋହନ ରାୟ ପାଠାଗାର ପ୍ରତିଷ୍ଠାନ ଯୋଜନାରେ। ଏହାକୁ ନେଇ ପ୍ରକାଶକ ଓ ଲେଖକଙ୍କ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜା ରାମମୋହନ ରାୟ ପାଠାଗାର ପ୍ରତିଷ୍ଠାନ ଯୋଜନାରେ ପ୍ରତି ବର୍ଷ ବହି କିଣାଯାଏ। ଏହି କାମ ପାଇଁ ସାହିତ୍ୟ ଏକାଡେମିକୁ ଦାୟିତ୍ୱ ଦିଆଯାଇଛି। ଏକ କମିଟି ବସି ବହି ଚୟନ କରିଥାଏ। ଯେଉଁ ବର୍ଷ ବହି କିଣିବାକୁ ବିଜ୍ଞପ୍ତି ପ୍ରକାଶ ପାଏ, ତାହାର ପୂର୍ବ ତିନି ବର୍ଷ ଭିତରେ ପ୍ରକାଶ ପାଇଥିବା ବହି ହିଁ ଚୟନ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥାଏ। ୨୦୧୬-୧୭ ମସିହା ଠାରୁ ଏହି ଯୋଜନାରେ ବହି କିଣାଯାଇ ନାହିଁ। ବିଭିନ୍ନ ବର୍ଷ ବହି ଚୟନ କରାଯାଇଥିଲେ ବି ପ୍ରକାଶକଙ୍କ ଠାରୁ କିଣାଯାଇ ନାହିଁ। ଚଳିତ ମାସରେ ୨୦୧୬-୧୭ ମସିହାରେ ମନୋନୀତ ହୋଇଥିବା ବହିଗୁଡ଼ିକୁ କିଣିବା ପାଇଁ ପ୍ରକାଶକମାନଙ୍କୁ ସାହିତ୍ୟ ଏକାଡେମି ପକ୍ଷରୁ କ୍ରୟାଦେଶ ଦିଆଯାଇଛି। ମେ' ମାସରେ ପ୍ରକାଶକମାନେ ବହିଗୁଡ଼ିକୁ ଦାଖଲ କରିବେ। ଏଥିରେ ପ୍ରକାଶକମାନଙ୍କୁ ମନୋନୀତ ବହି ଉପରେ ୩୦% ରିହାତି ଦେବାକୁ କୁହାଯାଇଛି। ବିନା ରିହାତିରେ କୌଣସି ବହି ନିଆଯିବ ନାହିଁ। ଏହାକୁ ନେଇ ପ୍ରକାଶକମାନେ ଘୋର ଆପତ୍ତି ଉଠାଇଛନ୍ତି। ସେମାନଙ୍କ ଅଭିଯୋଗ ହେଲା ୨୦୧୬-୧୭ ମସିହାରେ ଯେଉଁ ବହିଗୁଡ଼ିକ ଚୟନ ହୋଇଥିଲା, ସେଗୁଡ଼ିକ ମଧ୍ୟରୁ ଅଧିକାଂଶ ଏବେ ପ୍ରକାଶକଙ୍କ ପାଖରେ ମହଜୁଦ୍ ନ ଥିବ। ସେହି ବର୍ଷ ୨୦୧୪-୧୫, ୨୦୧୫-୧୬ ଓ ୨୦୧୬-୧୭ ମସିହାର ବହି ଚୟନ କରାଯାଇଥିଲା। ବିଭାଗ ପକ୍ଷରୁ ଏବେ ପ୍ରତି ବହି ୨୦୦ରୁ ୩୦୦ ଖଣ୍ଡ ପର୍ଯ୍ୟନ୍ତ କ୍ରୟାଦେଶ ଦିଆଯାଇଛି। ଯେଉଁ ବହିଟି ୨୦୧୪-୧୫ରେ ଛପା ହୋଇଥିବ, ସେହି ବହିର ୨୦୦ ଖଣ୍ଡ ୯ ବର୍ଷ ପରେ ପ୍ରକାଶକଙ୍କ ପାଖରେ ନ ଥିବା ସ୍ୱାଭାବିକ। ତେଣୁ ଏବେ ପ୍ରକାଶକମାନଙ୍କୁ ପୁନର୍ବାର ଛାପିବାକୁ ପଡ଼ିବ। କିନ୍ତୁ ୭ ବର୍ଷ ତଳେ ବହିଗୁଡ଼ିକର ଛପା ମୂଲ୍ୟ ଯାହା ଥିଲା, ଏବେ ତାହା ବହୁଗୁଣିତ ହୋଇଗଲାଣି। ସେତେବେଳେ ବହିର ଦର ଯାହା ଧାର୍ଯ୍ୟ କରାଯାଇଥିଲା, ସେହି ଦରରେ ବହି ଛାପି ଯୋଗାଇବା ସମ୍ଭବ ନୁହେଁ। ପୁଣି ତାହା ଉପରେ ୩୦% ରିହାତି ବି ଦେବାକୁ କୁହାଯାଉଛି। ଏହି ପରିପ୍ରେକ୍ଷୀରେ ବହି ଯୋଗାଣ କିପରି ସମ୍ଭବ ହେବ ବୋଲି ପ୍ରକାଶକମାନେ ପ୍ରଶ୍ନ କରିଛନ୍ତି। କେବଳ ବିଭାଗ ତାହାର ଦାୟିତ୍ୱ ସାରିଦେବାକୁ ଏମିତି ଅର୍ଡର ଦେଇଛି ବୋଲି ସେମାନେ ଅଭିଯୋଗ କହିଛନ୍ତି। ଏସମ୍ପର୍କରେ ବିଭାଗରେ ଅଭିଯୋଗ ହୋଇଥିଲେ ବି କିଛି ପଦକ୍ଷେପ ନିଆଯାଇ ନାହିଁ। ଯଦି ବିଭାଗ ପକ୍ଷରୁ ୩୦% ରିହାତି ବ୍ୟବସ୍ଥା ଉଠାଇ ଦିଆଯାଆନ୍ତା, ତେବେ ପ୍ରକାଶକମାନେ କିଛି ମାତ୍ରାରେ ଆଶ୍ୱସ୍ତ ହୁଅନ୍ତେ। ବହି କିଣାରେ ଅହେତୁକ ବିଳମ୍ବରେ ସମ୍ପର୍କରେ ଯେଉଁ କାରଣ ଦେଖାଯାଉଛି, ତାହା ଆହୁରି ଚିନ୍ତାଜନକ। ସାଧାରଣତଃ ବିଭାଗ ପକ୍ଷରୁ ବହି କିଣିଲା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ପାଠାଗାରକୁ ମାଗଣାରେ ପଠାଯାଏ। ରାଜା ରାମମୋହନ ରାୟ ପାଠାଗାର ଯୋଜନାରେ ଅନୁବନ୍ଧିତ ପାଠାଗାରଗୁଡ଼ିକୁ ହିଁ ଦିଆଯାଏ। ଏହି ପାଠାଗାରଗୁଡ଼ିକ ବିଭାଗରୁ ନିଜେ ଆସି ବହି ନେଇଯା'ନ୍ତି। କିନ୍ତୁ ୨୦୧୬-୧୭ ପୂର୍ବ ୩/୪ ବର୍ଷରେ ବହି କିଣାଯାଇଥିଲେ ମଧ୍ୟ ପାଠାଗାରକୁ ପଠାଯାଇ ନାହିଁ। ସଂସ୍କୃତି ବିଭାଗର କିଛି ପ୍ରକୋଷ୍ଠରେ ବହିଗୁଡ଼ିକ ଗଦା ହୋଇରହିଛି। ନା ପାଠାଗାରଗୁଡ଼ିକ ନିଜେ ଆଗ୍ରହ ପ୍ରକାଶ କରି ନେଇଛନ୍ତି ନା ବିଭାଗ ପକ୍ଷରୁ ବହି ପଠାଇବା ପାଇଁ କୌଣସି ବ୍ୟବସ୍ଥା ହୋଇଛି। ଯେହେତୁ ବହି ରଖିବାକୁ ବିଭାଗ ନିକଟରେ ଜାଗାର ଅଭାବ ଥିଲା, ତେଣୁ ୨୦୧୬-୧୭ ପରେ ବହି ଚୟନ କରାଯାଉଥିଲେ ମଧ୍ୟ ଆଉ କିଣାଯାଉ ନଥିଲା। ଏ ସମ୍ପର୍କରେ ପଦକ୍ଷେପ ନେବା ପାଇଁ ବିଭାଗ ପକ୍ଷରୁ ଲମ୍ବା ସମୟ ଧରି ମାନସ ମନ୍ଥନ ଚାଲିଥିଲା ବେଳେ ୨୦୨୦ରେ କରୋନା ଆସିଗଲା। ଫଳରେ ଏହି ପ୍ରକ୍ରିୟା ଆହୁରି ଧିମେଇ ଗଲା। ବହି କିଣା ଏକ ପ୍ରକାର ଠପ୍ ହୋଇଗଲା। ପୂର୍ବରୁ ରାଜା ରାଜମୋହନ ରାୟ ପାଠାଗାର ଯୋଜନାରେ ଅନୁବନ୍ଧିତ ପାଠାଗାର ସଂଖ୍ୟା ପାଖାପାଖି ୯୦୦ ଥିଲା। କିନ୍ତୁ ଧୀରେ ଧୀରେ ଏହି ପାଠାଗାରଗୁଡ଼ିକରେ ତାଲା ଝୁଲିଲାଣି। ସଂସ୍କୃତି ବିଭାଗ ପକ୍ଷରୁ ନିକଟରେ ଏ ନେଇ ଏକ ସର୍ଭେ କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ ୫୦୦ରୁ ଅଧିକ ପାଠାଗାରର ଆଦୌ ସ୍ଥିତି ହିଁ ନାହିଁ। ନା ବହି ଅଛି ନା ଘର ଅଛି। ପ୍ରାୟ ୩୫୦ ପାଠାଗାର ସଚଳ ଅଛି। ସେହି ପାଠାଗାରଗୁଡ଼ିକୁ ବହି ପଠାଇବା ପାଇଁ ବିଭାଗ ନିଷ୍ପତ୍ତି ନେଇଛି। ୨୦୧୬-୧୭ ପୂର୍ବରୁ ଯେଉଁ ବହିଗୁଡ଼ିକ କିଣା ହୋଇ ସଂସ୍କୃତି ଭବନରେ ଗଦା ହୋଇଥିଲା, ସେଗୁଡ଼ିକୁ ଏବେ ଏହି ପାଠାଗାରଗୁଡ଼ିକୁ ପଠାଚାଲିଛି। ୨୦୧୬-୧୭ ବହି କିଣା ପାଇଁ ଏବେ କ୍ରୟାଦେଶ ଦିଆଯାଇଛି। ତାହା ପରେ ପରବର୍ତ୍ତୀ ବର୍ଷଗୁଡ଼ିକର କ୍ରୟାଦେଶ ଦିଆଯିବ ବୋଲି ଜଣାପଡ଼ିଛି।

# ପାଟଣାଗଡ଼ ଉପଖଣ୍ଡସ୍ତରୀୟ ସମସ୍ୟା ସମାଧାନ ପାଇଁ ପ୍ରଶାସନ ସହିତ ସିଟିଜେନ କମିଟିର ଆଲୋଚନା

ବଲାଙ୍ଗିର, ୧୮/୦୪ (ନି.ପ୍ର): ପାଟଣାଗଡ ସହରର ପ୍ରତ୍ୟେକ ୱାର୍ଡକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା ସହିତ ବେଲପଡା ବ୍ଲକ ଏବଂ ଖପ୍ରାଖୋଲ ବ୍ଲକର ସମସ୍ତ ଗାଁକୁ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା, ପାଟଣାଗଡ ସହରର ବାସିନ୍ଦା ପାଇଁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣର ସ୍ଥାୟୀ ସମାଧାନ ପାଇଁ ଶୁକତେଲ ନଦୀରୁ ପାଇପ ଯୋଗେ ଜଳ ଯୋଗାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, ପାଟଣାଗଡ ସହରର ଟ୍ରାଫିକ ସମସ୍ୟା ସମାଧାନ ପାଇଁ ଉଲବା ଭାୟା ତେଣ୍ଡା ପଦର-ରାମପୁର-ରାମପାଲି-ବଥର୍ଲା ବାଟ ଦେଇ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ଆସନ୍ତା ମଇ ମାସ ଠାରୁ ଆରମ୍ଭ କରିବା, ପାଟଣାଗଡରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଆଲୋଚନା କରାଯାଇଥିଲା। ଏହାସହିତ ହରିଶଙ୍କର ଠାରେ ୧ ମଇରୁ ୫ ପର୍ଯ୍ୟନ୍ତ ଦୀର୍ଘ ପାଂଚ ଦିନବ୍ୟାପି ହେବାକୁ ଥିବା ରାଜ୍ୟସ୍ତରୀୟ ହରିଶଙ୍କର ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ପାଇଁ ପୋଲିସ, ପ୍ରଶାସନ, ମନ୍ଦିର ପରିଚାଳନା କମିଟି, ସଚେତନ ନାଗରିକ, ସ୍ୱେଚ୍ଛାସେବୀ ସହଯୋଗ କରିବାକୁ ସଭାପତି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପାଟଣାଗଡ ସହର ନିକଟରେ ପ୍ରବାହିତ ମାୟାବତୀ ନଦୀ ଏବଂ ସ୍ୱର୍ଣ୍ଣଭଦ୍ରା ନଦୀରେ ଜଳ ସଂରକ୍ଷଣ ପାଇଁ ବ୍ୟାରେଜ ଏବଂ ଚେକ ଡ୍ୟାମ ନିର୍ମାଣ ପାଇଁ ମଧ୍ୟ କମିଟି ତରଫରୁ ପ୍ରସ୍ତାବ ଦିଆଯାଇଥିଲା। ପାଟଣାଗଡ ଉପଜ଼ିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ତହସିଲଦାର ଲକ୍ଷ୍ମଣ ମାଝି, ଗୋଷ୍ଠୀ ଉନ୍ନୟନ ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ପାଟଣାଗଡ ବିଜ୍ଞାପିତ ଅଂଚଳ ପରିଷଦ, ଏସଡ଼ିଓ ବିଦ୍ୟୁତ ବିଭାଗ, ଏସଡ଼ିଓ ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଗ, ଏସଡ଼ିଓ ପବ୍ଲିକ ୱାର୍କ୍ସ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ, ଯନ୍ତ୍ରୀ ଜନ ସ୍ୱାସ୍ଥ୍ୟ ବିଭାଗ, ଉପସ୍ଥିତ ଥିବାବେଳେ ସିଟିଜେନ କମିଟି ତରଫରୁ ସଭାପତି ଘନଶ୍ୟାମ ମେହେର, ସମ୍ପାଦକ ସବ୍ୟସାଚୀ ମାଝି, ଡମ୍ବରୁ ପାଣିଗ୍ରାହୀ, ଅରକ୍ଷିତ ଯୋଶୀ, ରାଧେଶ୍ୟାମ ମିଶ୍ର, ମହାଦେବ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୧୮/୦୪ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ତରଭା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ୧୬ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୧୨ ଗୋଟି ଓ ସାମୁହିକ ଦରଖାସ୍ତ ୪ ଗୋଟି ଗ୍ରହଣ କରାଯାଇଛି। ଗ୍ରହଣ କରାଯାଇଥିବା ଦରଖାସ୍ତ ମଧ୍ୟରୁ ଶିବିରରେ ୩ ଗୋଟି ଅଭିଯୋଗ ଦରଖାସ୍ତର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୧୩ ଟି ଆପତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡିଓ, ତରଭା ବିନୟ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ସୋନପୁର ଡଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଶ୍ୱରଂଜନ ପତି, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଆରଡବ୍ଲୁଏସଏସ ଇଂ. ବିଭୁ ପ୍ରସାଦ ପଣ୍ଡା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ରେଣୁବାଳା ଦାଶ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ପ୍ରମୁଖଙ୍କ ସହ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲଦାର ତରଭା, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

## ପଂଚାୟତସ୍ତରିୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଜୟପୁର, ୧୮/୦୪ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ଜୟନ୍ତିଗିରି ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ବ୍ଲକ ଅଧକ୍ଷା ତିଲୋତମା ମୁଦୁଲି, ବିଡିଓ ରାଜୀବ ଦାସ, ଏବିଡିଓ ମନୋଜ ନାୟକ, ସରପଂଚ, ସମିତି ସଭ୍ୟା, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ ହଟିକଲଚର,କୃଷି ବିଭାଗ ଅନ୍ୟ ଲାଇନର ଅଧିକାରି ମାନେ ଉପସ୍ଥିତ ଥିଲେ । ବିଭିନ୍ନ ମୌଳିକ ସମସ୍ୟା ଅଭିଯୋଗର ଶୁଣାଣି ହୋଇଥିଲା ।

# ନିର୍ମାଣାଧୀନ ଲୋୟର ସୁକତେଲ ପ୍ରକଳ୍ପ ପାଇଁ ଚୁଡାପାଲ୍ଲୀ ଗ୍ରାମ ମାଟିରେ ମିଶିଲା

ବଲାଙ୍ଗିର, ୧୮/୦୪ (ନି.ପ୍ର): ବର୍ଷ ବର୍ଷ ଧରି ଯେଉଁଠି ରହୁଥିଲେ, ଯେଉଁଠି ଭୂମିଷ୍ଠ ହୋଇ ଛୋଟରୁ ବଡ ହେଲେ, ସେମାନଙ୍କ ଅଳିଅର୍ଦ୍ଦଳି ସହିଥିବା ସର୍ବଂସହା ଜନ୍ମମାଟିକୁ ପର କରି ଶେଷରେ ବିସ୍ଥାପିତ ହେବାକୁ ପଡୁଛି । ବିସ୍ଥାପନ ଦୁଃଖ ଯେ, କେତେ କଷ୍ଟଦାୟକ, ତାହା ବର୍ଣ୍ଣନା କରିବା ଅସମ୍ଭବ । ରାଜା ରାଜୁଡ଼ା ଅମଳରୁ ଗଢ଼ି ଉଠିଥିବା ଏକ ଗାଆଁ ହେଉଛି ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ଚୁଡ଼ାପାଲ୍ଲୀ । ନିର୍ମାଣାଧୀନ ଲୋୟର ସୁକତେଲ ପ୍ରକଳ୍ପ ପାଇଁ ଉକ୍ତ ଗାଁ ଆଜି ମାଟିରେ ମିଶିଛି । ଆଜି ସେଠାକାର ଲୋକେ ଗାଁ ମାଟିକୁ ଛାଡ଼ି ସବୁଦିନ ପାଇଁ ଅନ୍ୟତ୍ର ଚାଲିଯିବା ବେଳର ଦୃଶ୍ୟ ସମସ୍ତଙ୍କୁ ଲୋତକାପ୍ଲୁତ କରିଛି । ପୌଢ଼ଙ୍କ ଆପ୍ତବାକ୍ୟ "ଠାନ୍ ଛାଡଲେ ପରାନ ଛାଡ଼ସି" ଆଜି ଏକ ପ୍ରକାର ସତ ପ୍ରମାଣିତ ହେଉଛି । ଗାଁର ମୋଟ ଜନସଂଖ୍ୟାର ୪୨ଭାଗ ଏବେ ବିସ୍ଥାପିତ । ବାକି ରହିଯାଉଥିବା ଲୋକେ ଆଶଙ୍କାରେ ଜୀବନ ଅତିବାହିତ କରିବାର ଦମ୍ଭ ସାଉଁଟୁ ଥିବା ବେଳେ ନିଜ ଆତ୍ମୀୟ ସ୍ୱଜନଙ୍କ ଠାରୁ ସବୁଦିନ ପାଇଁ ଅଲଗା ରହିବାର ଦୁଃଖରେ ଧୈର୍ଯ୍ୟହରା ହୋଇ ପଡୁଛନ୍ତି । ବଲାଙ୍ଗିର-ପାଟଣାଗଡ ଠିକ୍ ମଝି ଭାଗରେ ଥିବା ଶତାଧିକ ବର୍ଷର ପୁରାତନ ଗାଁ ଚୁଡ଼ାପାଲି ଆଜି ସୁକତେଲ ପ୍ରକଳ୍ପ ପାଇଁ ମାଟିରେ ମିଶୁଛି । ପ୍ରକଳ୍ପରେ ଆସୁଥିବା ସବୁଠୁ ବଡ଼ ଗାଁ । ଏବେ ଅନ୍ୟ ପାଇଁ ନିଜେ ବିସ୍ଥାପିତ ଅସୁମାରୀ ଦୁଃଖକୁ ନେଇ । ଯାହା କିଛି ମିଳିଛି ଏବର ଦୁନିଆଁରେ ସମୁଦ୍ରକୁ ଶଙ୍ଖେ ସଦୃଶ । ପ୍ରଶାସନର ଉଚ୍ଛେଦ ପ୍ରକ୍ରିୟାର ଆଜି ଷଷ୍ଠ ପର୍ଯ୍ୟାୟର ଦ୍ୱିତୀୟ ଦିନରେ ଅସହ୍ୟ ତାତିରେ ମଧ୍ୟ ବିରାଟ ବିରାଟ ଚାରୋଟି ବୁଲଡ୍ଜୋଜର ସାହାଯ୍ୟରେ ଘରଭଙ୍ଗା ଚାଲିଛି । ଲୋକେ ବାଧ୍ୟ ହୋଇ ନିଜ ନିଜ ଅସ୍ଥାୟୀ ଘରକୁ ଚାଲିଯାଉଛନ୍ତି । ଏକା ସାଙ୍ଗରେ ହଜାର ହଜାର ଲୋକଙ୍କ ଗୃହ ନିର୍ମାଣ ପାଇଁ ଏତେ ପରିମାଣର କାରିଗର ଉପଲବ୍ଧ ହୋଇପାରୁ ନଥିବା ଲୋକଙ୍କ ପାଇଁ ଅନ୍ୟ ଏକ ଅସୁବିଧା ସୃଷ୍ଟି ହେଉଛି । ଗରିବ ଶ୍ରେଣୀର ଲୋକେ ପଲିଥିନ ତଳେ ରହୁଛନ୍ତି । ଗାଁର ପୁରୁଣା ବସ୍ତି ସମ୍ପୂର୍ଣ୍ଣ ମାଟିରେ ମିଶୁଥିବା ବେଳେ କେବଳ ମଝି ଭାଗ ରହିଯାଉଛି । ଯାହାକି ପ୍ରଶାସନର ସର୍ଭେ କାର୍ଯ୍ୟକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଉଚ୍ଛେଦ ପ୍ରକ୍ରିୟା ପ୍ରାୟତଃ ଶେଷ ପର୍ଯ୍ୟାୟ କୁହାଯାଉଥିବା ବେଳେ ଆର୍ଥିକ ସହାୟତା ପ୍ରଦାନକୁ ନେଇ ଲୋକଙ୍କ ଅନେକ ସମସ୍ୟା ରହିଥିବା ଖବର ଆସୁଛି । ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଲୋକଙ୍କୁ କିଛି କାରଣରୁ ଅର୍ଥରାଶି ମିଳିନଥିବା ବେଳେ ଭୂମିହୀନ ପରିବାରକୁ ଏପର୍ଯ୍ୟନ୍ତ ସର୍ଭେ କରି କେତେ ପରିମାଣ ଓ କେବେ କ୍ଷତିପୂରଣ ମିଳିବ ସଠିକ୍ ଜଣାପଡିନାହିଁ । ସେଥିପାଇଁ ଭୂମିହୀନ ଲୋକେ ଦ୍ୱନ୍ଦରେ ରହିଥିବା ଦେଖିବାକୁ ମିଳୁଛି ।

# କୁଲୁତା ସମାଜର ବାର୍ଷିକ ସାଧାରଣ ସଭା ଓ କର୍ମକର୍ତା ନିର୍ବାଚନ

ବଲାଙ୍ଗୀର, ୧୮/୦୪ (ନି.ପ୍ର): ଭଗବତି ନଗର ସ୍ଥିତ ସମାଜର କାର୍ଯ୍ୟାଳୟ ପରିସରରେ ସଭାପତି ସୁରଥ ପଧାନଙ୍କ ସଭାପତିତ୍ୱରେ ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସଭାପତିଙ୍କ ଅଭିଭାଷଣ ପରେ ସଂପାଦକ ଶାନ୍ତନୁ କୁମାର ଭୋଇ ସଂପାଦକିୟ ବିବରଣୀ ପ୍ରଦାନ କରିଥିଲେ ଓ ପରେ କୋଷାଧ୍ୟକ୍ଷ ଗୋବର୍ଦ୍ଧନ ପଧାନ ଆୟ ବ୍ୟୟର ହିସାବ ପ୍ରଦାନ କରିଥିଲେ । ସଭାରେ ବରଣ୍ୟ ସଭ୍ୟ ରାହାସ ବିହାରୀ ମାଝି, ମଧୁ ସାହୁ, ଶାନ୍ତନୁ କୁମାର ପାତ୍ର, ସଂକର୍ଷଣ ପଧାନ, ବୃଷଭ ସା, ଟଙ୍କଧର ଗଡତ୍ୟା, ବୁଢୁ ପଧାନ, ରବିନ୍ଦ୍ର ପଧାନ, ଜ୍ୟୋସ୍ନାମୟୀ ପଧାନ, କୁନ୍ତଳା ଗଡତ୍ୟା, ପ୍ରହଲ୍ଲାଦ ଭୋଇ, ଶ୍ରୀ ନିବାସ ସାହୁ ନିଜ ନିଜର ବହୁମୁଲ୍ୟ ମତାମତ ପ୍ରଦାନ କରିଥିଲେ । ନିର୍ବାଚନ ଅଧିକାରୀ ଧାବ ଭୋଇ ଦାୟିତ୍ୱ ନେଇ କ୍ଷେରେ ନୂତନ କର୍ମକର୍ତା ନିର୍ବାଚନ ହୋଇଥିଲା । ସଭାପତି ଭାବରେ ରବିନ୍ଦ୍ର କୁମାର ପଧାନ, ଉପ-ସଭାପତି ବଢୁ ପଧାନ ଓ ଜ୍ୟୋସ୍ନାମୟୀ ପଧାନ, ସଂପାଦକ ବିଦେଶୀ ପଧାନ, ସହ-ସଂପାଦକ ମଧୁ ସାହୁ, କୋଷାଧ୍ୟକ୍ଷ ଅଜିତ କୁମାର ଭୋଇ, କାର୍ଯ୍ୟକାରୀ ସଦସ୍ୟ ରାଜେନ୍ଦ୍ର ପ୍ରସାଦ ସାହୁ, ଶାନ୍ତନୁ ପାତ୍ର, ବୃନ୍ଦାବନ ସାହୁ, ଶାନ୍ତନୁ କୁମାର ଭୋଇ ଓ ସୁଧିର ଭୋଇ । ଏହି କାର୍ଯ୍ୟକ୍ରମକୁ ଯୁବ ସଂଯୋଜକ ସୁଦର୍ଶନ ସାହୁ, ସୂର୍ଯ୍ୟ ଭୋଇ, ସଂଜିବ ସାମଲ, ସଂଜୟ ଶେଖର ଭୋଇ, ଜିତେନ୍ଦ୍ର ଭୋଇ, ଲକ୍ଷ୍ମଣ ବିଶ୍ୱାଳ, ନିରଞ୍ଜନ ଗଡତ୍ୟା, ଶୁଶାନ୍ତ ଭୋଇ, ସଚିକାନ୍ତ ପଧାନ, ସୁନିଲ କୁମାର ମାଝି ଆଦି ଶହ ଶହ ସଭ୍ୟ / ସଭ୍ୟା ଉପସ୍ଥିତ ଥିଲେ ଓ ପୂର୍ଣ୍ଣ ସହଯୋଗ କରିଥିଲେ ଶାନ୍ତନୁ କୁମାର ଭୋଇ ।

# ମଣନ୍ଦା ଅରଡେଇ ପୋଲ ନିର୍ମାଣ କାର୍ଯ୍ୟ ସରିବ କେବେ ?

ଚମ୍ପୁଆ, ୧୮/୦୪ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ପର୍ଶଲା ପଂଚାୟତର ଗୋପୀନାଥପୁର ଠାରେ ନିର୍ମାଣ ଚାଲିଥିବା ମଣନ୍ଦା ଅରଡେଇ ପୋଲ ର ଅବଧି ସରି ପାଂଚ ବର୍ଷ ବିତିବାକୁ ବସିଲାଣି ହେଲେ କାର୍ଯ୍ୟ ଶେଷ ହେବାର ନାମ ଧରୁ ନ ଥିବା ଦେଖିବାକୁ ମିଳୁଛି। ଚମ୍ପୁଆ ଓ ଝୁମ୍ପୁରା ବ୍ଲକକୁ ସଂଯୋଗ ପାଇଁ ୨୦୧୮ ମସିହାରେ ଜିଲ୍ଲା ଖଣିଜ ପାଣ୍ଠିରୁ ଏହି ପୋଲ ସହିତ ପୋଲର ସଂଯୋଗ କରୁଥିବା ଅର୍ଶଲା, ଚଉଠିଆ ରାସ୍ତାକୁ ୫୨୦ ନମ୍ବର ଜାତୀୟ ରାଜପଥ ସହିତ ସଂଯୋଗ ପାଇଁ ଯୋଜନା ହୋଇଥିବା ବେଳେ ଅବଧି ସରି ପାଂଚ ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ଏହି ପୋଲ କାମ ଅଧାରୁ ଅଧିକ ହୋଇ ନ ଥିବା ଦେଖା ଯାଇଛି। ଠିକାଦାର ନିଜ ମନମର୍ଜିରେ ପୋଲ କାମ କରୁଥିବାରୁ ଏବେ ମଧ୍ୟ ସାମାନ୍ୟ ବର୍ଷାରେ ଗୋପୀନାଥପୁର ଓ ମଣନ୍ଦା ମଧ୍ୟରେ ରାସ୍ତା ସଂଯୋଗ ବିଚ୍ଛିନ୍ନ ହେଉଅଛି। ଖରାଦିନେ ଯେନତେନ ପ୍ରକାରେ ଅସ୍ଥାୟୀ ରାସ୍ତାରେ ଏହି ଦୁଇ ଅଂଚଳର ଲୋକ ଯିବାଆସିବା କରୁଥିବା ଦେଖିବାକୁ ମିଳୁଛି। ଖଣି ପ୍ରଭାବିତ ଲୋକଙ୍କ ବିକାଶ ପାଇଁ ଏହି ରାସ୍ତା ଓ ପୋଲ କାମ ପାଇଁ ଜିଲ୍ଲା ଖଣିଜ ପାଣ୍ଠିରୁ ୧୩ କୋଟି ୯୫ ଲକ୍ଷ ୪ ହଜାର ଟଙ୍କାର ଅନୁଦାନ ଯୋଗାଇ ଦିଆ ଯାଇଥିବାବେଳେ ପୂର୍ତ୍ତ ବିଭାଗର ରାସ୍ତା ଓ ଗୃହ ବିଭାଗ ତତ୍ତ୍ୱାବଧାନରେ ହେବାକୁ ଥିବା ଏହି କାମ ୨୮.୧୧.୨୦୧୮ ରୁ ଆରମ୍ଭ କରାଯାଇ ୨୭.୧୮.୨୦୧୯ ରେ ଶେଷ ପାଇଁ ଯୋଜନା ରହିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅନାଗ୍ରହ ଓ ଠିକାଦାରଙ୍କ ମନମୁଖି କାର୍ଯ୍ୟ ପାଇଁ ଏହି ପୋଲ କାର୍ଯ୍ୟ ଅବଧିର ପାଂଚ ବର୍ଷ ବିତିବାକୁ ବସିଥିଲେ ମଧ୍ୟ ପୋଲ କାର୍ଯ୍ୟ ସରିବାର ନା ଧରୁ ନାହିଁ। ରାସ୍ତା କାମ ଯଦିଓ ଶେଷ ହୋଇଛି ପୋଲ କାମ ଅଧାପନ୍ତରିଆ ଭାବେ ପଡି ରହିଛି। ଅନୁଦାନ ଯୋଗାଣ ପରେ ମଧ୍ୟ ଖଣି ପ୍ରଭାବିତ ଅଂଚଳର ଲୋକଙ୍କ ବିକାଶ ଯୋଉଠି କି ସେଇଠି ଅଟକି ରହୁଥିବା ଦେଖିବାକୁ ମିଳୁଛି। ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। କେବିଏନ କନଷ୍ଟ୍ରକ୍ସନ ନାମକ ଠିକା ସଂସ୍ଥା ଏହି କାର୍ଯ୍ୟକୁ ନେଇ ନିଜ ମର୍ଜିରେ କାମ କରି ବର୍ଷର ଅଧିକାଂଶ ସମୟରେ କାମକୁ ଅଧାରେ ବନ୍ଦ ରଖୁଥିବା ତଥା କାର୍ଯ୍ୟର ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉ ନ ଥିବାରୁ କାମକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଏ ସମ୍ପର୍କରେ ଚମ୍ପୁଆ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ନିହାରରଞ୍ଜନ ନାଏକଙ୍କୁ ଯୋଗାଯୋଗ କରିବାରୁ ଚଳିତ ବର୍ଷ ସୁଦ୍ଧା ପୋଲ କାମ ସାରିବାକୁ ଚେଷ୍ଟା କରୁଛୁ ବୋଲି ସଫେଇ ଦେଇଥିଲେ।

## କଳ୍ପତରୁ ନେସନାଲ ଫାଉଣ୍ଡେସନ ପକ୍ଷରୁ ଖୋଲିଲା ଜଳଛତ୍ର କେନ୍ଦ୍ର

ଧର୍ମଶାଳା, ୧୮/୦୪ (ନି.ପ୍ର): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଯାଜପୁର ଜିଲା ଧର୍ମଶାଳା ବ୍ଲକ କଳ୍ପତରୁ ଦାସ ନେସନାଲ ଫାଉଣ୍ଡେସନ ପକ୍ଷରୁ ଆଜି ଏକ ଜଳଛତ୍ର କେନ୍ଦ୍ର ଖୋଲା ଯାଇଛି। ଏହି ବ୍ଲକ ଅଭୟପୁର ପଂଚାୟତସ୍ଥିତ ଅଚ୍ୟୁତପୁର ଛକ ନିକଟରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ କେନ୍ଦ୍ରକୁ ଉଦଘାଟନ କରିଥିଲେ।

# ବିଏସ୍‌କେୱାଇ ସ୍ମାର୍ଟକାର୍ଡ ଥାଇ ବି ଟଙ୍କା ଗଣୁଛନ୍ତି ରୋଗୀ




ଭୁବନେଶ୍ୱର, ୧୮/୦୪ (ନି.ପ୍ର): ଅର୍ଥ ଅଭାବରୁ କାହାର ଜୀବନ ଯିବ ନାହିଁ। ଚିକିତ୍ସା ପାଇଁ ଜମିବାଡ଼ି, ଗହଣା ବିକିବାକୁ ପଡ଼ିବ ନାହିଁ। ସାଢ଼େ ୪ କୋଟି ଓଡ଼ିଆଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ର ସ୍ମାର୍ଟ କାର୍ଡ ଭଳି ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ସମସ୍ତଙ୍କୁ ମାଗଣାରେ ସବୁ ପ୍ରକାର ଚିକିତ୍ସା ମିଳିବ। ବିଏସ୍‌କେୱାଇକୁ ଏଭଳି ଢଙ୍ଗରେ ପ୍ରଚାର ପ୍ରସାର କରୁଛନ୍ତି ରାଜ୍ୟ ସରକାର। ହେଲେ ବିଏସ୍‌କେୱାଇ ଅଧୀନରେ ଅନୁବନ୍ଧିତ ହସ୍ପିଟାଲ ଚୟନ ଏବେ ଏହି ଯୋଜନାର ବାଟ ଓଗାଳିଛି। ଯେଉଁ ଘରୋଇ ହସ୍ପିଟାଲକୁ ସ୍ପେସାଲିଷ୍ଟ ଚିକିତ୍ସା ପାଇଁ ରୋଗୀ ଅଧିକ ପସନ୍ଦ କରୁଛନ୍ତି ବିଏସ୍‌କେୱାଇରେ ଏହି ସୁବିଧା ନାହିଁ। ଫଳରେ ଉତ୍ତମ ଚିକିତ୍ସା ପାଇଁ ସଂପୃକ୍ତ ହସ୍ପିଟାଲକୁ ଯାଉଥିବା ରୋଗୀକୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ହସ୍ପିଟାଲକୁ ବିଏସ୍‌କେୱାଇରେ ସାମିଲ କରିବା ସମୟରେ ରାଜ୍ୟ ସ୍ୱାସ୍ଥ୍ୟ ଅଧିକାରୀ, ସଂପୃକ୍ତ ଜିଲ୍ଲା ସିଡିଏମ୍‌ଓ ଏକଥା ଜାଣିପାରୁ ନାହାନ୍ତି କିପରି ? ବିଏସ୍‌କେୱାଇରେ ହସ୍ପିଟାଲ ଚୟନରେ ଏଭଳି ତ୍ରୁଟି ରାଜଧାନୀରେ ନଜରକୁ ଆସିଛି। ନିମାପଡ଼ା ଅଞ୍ଚଳର ଶୁଭାଶିଷ ଦାଶ ରବିବାର ଦୁର୍ଘଟଣାର ଶିକାର ହୋଇ ରାଜଧାନୀର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ମା'ଙ୍କ ନାଁରେ ବିଏସ୍‌କେୱାଇ କାର୍ଡ ରହିଛି। ଆହତଙ୍କ ପରିବାର ଲୋକ ବିଏସ୍‌କେୱାଇ କାର୍ଡରେ ଆଡମିସନ୍ କରିବାକୁ କହିଥିଲେ। ହେଲେ ହସ୍ପିଟାଲ କର୍ତ୍ତୃପକ୍ଷ କହିଥିଲେ ଯେ ଏବେ ବିଏସ୍‌କେୱାଇ କାଉଣ୍ଟର ବନ୍ଦ ଥିବାରୁ ଆଡମିସନ୍ ହୋଇପାରିବ ନାହିଁ। ୩୫ ହଜାର ଟଙ୍କା ଜମା କଲେ ଚିକିତ୍ସା ଆରମ୍ଭ ହେବ। ଏହାପରେ ଆହତଙ୍କ ପରିବାରଲୋକ ଧାର ଉଧାର କରି ଏହି ଟଙ୍କା ଜମା କରିବା ପରେ ଶୁଭାଶିଷଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା। କେବଳ ସେତିକି ନୁହେଁ, ପରେ କୁହାଗଲା ଯେ ଅର୍ଥୋପେଡିକ୍ ବିଏସ୍‌କେୱାଇରେ ଏଠାରେ ସାମିଲ ନାହିଁ, ତେଣୁ ତାଙ୍କର ଚିକିତ୍ସା ହୋଇପାରିବ ନାହିଁ। ଏବଂ ତାଙ୍କର ଦୁର୍ଘଟଣା ଜନିତ ଅନ୍ୟ ଚିକିତ୍ସା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ବିଏସ୍‌କେୱାଇ କାର୍ଡକୁ ଗ୍ରହଣ କଲେ, ହେଲେ ଏସବୁ ପାଇଁ ୮ ଘଣ୍ଟା ଲାଗିଗଲା। ଏହି ସମୟ ମଧ୍ୟରେ ଆହତଙ୍କ ପରିବାର ଲୋକଙ୍କୁ ଆଉ ପ୍ରାୟ ୨୦ ହଜାର ଟଙ୍କାର ଔଷଧ କିଣିବାକୁ କୁହାଯାଇଥିଲା। ଘଟଣା ସଂପର୍କରେ ବିଏସ୍‌କେୱାଇ ଅଧିକାରୀଙ୍କୁ ସୂଚନା ଦିଆଯାଇଥିଲା। ସୋମବାର ଏହି ଘଟଣାର ଯାଞ୍ଚ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଲେ। ହେଲେ ପରିଣାମ ହେଲା, ବିଏସ୍‌କେୱାଇ ଅଧିକାରୀ ମଧ୍ୟ ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ କଥା ଦୋହରାଇଥିଲେ ଓ ଜିଲ୍ଲା ସିଡିଏମ୍ ?ଓଙ୍କ କାର୍ଯ୍ୟାଳୟ ଉପରେ ଦୋଷ ଝାଡ଼ିଥିଲେ। ତେବେ ଆହତ ଶୁଭାଶିଷ ଏବେ ନିଜସ୍ୱ ଖର୍ଚ୍ଚରେ ସଂପୃକ୍ତ ହସ୍ପିଟାଲରେ ଚିକିତ୍ସା କରିବା ଏକପ୍ରକାର ସ୍ପଷ୍ଟ ହୋଇଯାଇଛି। ଘଟଣା ସଂପର୍କରେ ଅଧିକ ଖୋଳତାଡ଼ ହେବା ପରେ ହସ୍ପିଟାଲ କର୍ତ୍ତୃପକ୍ଷ ପ୍ରଥମେ ନେଇଥିବା ୩୫ହଜାର ଟଙ୍କାରୁ ୪ହଜାର ଟଙ୍କା ଆହତଙ୍କ ପରିବାରକୁ ଫେରାଇ ଦେଇଛନ୍ତି। ତଥାପି ୩୧ହଜାର ଟଙ୍କା ହସ୍ପିଟାଲ ପାଖରେ ରହିଛି। ରାଜ୍ୟ ସରକାର ବିଏସ୍ ?କେୱାଇ ଯୋଜନାକୁ ସର୍ବାଧିକ ପ୍ରାଧାନ୍ୟ ଦେଉଛନ୍ତି। ପ୍ରତିବର୍ଷ ରୋଗୀମାନଙ୍କ ପିଛା କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି ତାହାର ହିସାବ ମଧ୍ୟ ଦେଉଛନ୍ତି। ହେଲେ ତୃଣମୂଳସ୍ତରରେ ଏଭଳି ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ପାଇଁ ଗରିବ ରୋଗୀଟିଏ ବିଏସ୍‌କେୱାଇ କାର୍ଡ ଥାଇ ବି ଉପଯୁକ୍ତ ଚିକିତ୍ସା ପାଇପାରୁନାହିଁ। ଜଣେ ଦୁର୍ଘଟଣାରେ ଆହତଙ୍କୁ ଟ୍ରମା ସହ ସର୍ଜରି, ଅସ୍ଥିଶଲ୍ୟ ଭଳି କ୍ରିଟିକାଲ ଚିକିତ୍ସାର ଆବଶ୍ୟକତା ପଡ଼ିଥାଏ। ଯଦି ବିଏସ୍‌କେୱାଇ ଅନୁବନ୍ଧିତ ଘରୋଇ ହସ୍ପିଟାଲରେ ଆହତଙ୍କୁ ଏହି ଚିକିତ୍ସା ମିଳିବନି ତେବେ ରାଜ୍ୟ ସରକାର କାହିଁକି ସେସବୁ ହସ୍ପିଟାଲକୁ ବିଏସ୍‌କେୱାଇରେ ସାମିଲ୍ କରୁଛନ୍ତି ? ରାଜ୍ୟ ତଥା ରାଜ୍ୟ ବାହାରେ ବିଏସ୍‌କେୱାଇ ଅଧୀନରେ ଅନୁବନ୍ଧିତ ହୋଇଥିବା ଏଭଳି ହସ୍ପିଟାଲ ଓ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲରେ ଏଭଳି କେଉଁ କେଉଁ ଚିକିତ୍ସା ସୁବିଧା ବିଏସ୍‌କେୱାଇରେ ଉପଲବ୍ଧ ନାହିଁ ତାହା ରାଜ୍ୟ ସରକାର ସୂଚନା ଦିଅନ୍ତୁ ବୋଲି ଦାବି ହୋଇଛି। ବିଏସ୍‌କେୱାଇର ଜନୈକ ଅଧିକାରୀ କହିଛନ୍ତି, ସଂପୃକ୍ତ ହସ୍ପିଟାଲରେ ଆଇସିୟୁ, କ୍ୟାନସର କେୟାର ଚିକିତ୍ସା ପାଇଁ ବିଏସ୍ ?କେୱାଇରେ ସୁବିଧା ମିଳିବ। ମାତ୍ର ଅସ୍ଥିଶଲ୍ୟ ପାଇଁ ଅନୁବନ୍ଧିତ ହୋଇନାହିଁ। ତଥାପି ସଂପୃକ୍ତ ହସ୍ପିଟାଲ ସହିତ ଆଲୋଚନା କରାଯାଇଛି ଓ ସେମାନେ ଚେକ୍ ଜରିଆରେ ଟଙ୍କା ଫେରାଇବେ। ଏହାସହ ଅସ୍ଥିଶଲ୍ୟ ଚିକିତ୍ସା କରିବା ପାଇଁ ହସ୍ପିଟାଲ କର୍ତ୍ତୃପକ୍ଷ ରାଜି ହୋଇଥିବା ଅଧିକାରୀ ଜଣକ କହିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି, ବିଏସ୍‌କେୱାଇ ଅଧିକାରୀ ଏହି ଘଟଣାର ଅନୁଧ୍ୟାନ ଜାରି ରଖିଛନ୍ତି।

## ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ୩ଟି ନୂଆ ଅଗ୍ନିଶମ ସେବା କେନ୍ଦ୍ର

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ଭୁବନେଶ୍ୱରରେ ୩ଟି ନୂଆ ଅଗ୍ନିଶମ ସେବା କେନ୍ଦ୍ର (ଫାୟାର ଷ୍ଟେସନ) ପ୍ରତିଷ୍ଠା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ ଦେଇଛନ୍ତି। ଏହି ୩ଟି ଅଗ୍ନିଶମ ସେବା କେନ୍ଦ୍ର ତମାଣ୍ଡୋ, ମଂଚେଶ୍ୱର ଓ ପାହାଳରେ ପ୍ରତିଷ୍ଠା କରାଯିବ। ଏଥିପାଇଁ ୪୫ଟି ପଦବୀ ମଧ୍ୟ ଅନୁମୋଦନ କରାଯାଇଛି। ପ୍ରତ୍ୟେକ କେନ୍ଦ୍ରରେ ୧୫ ଜଣ ଲେଖାଏଁ କର୍ମଚାରୀ ରହିବେ। ଏଥିରେ ଜଣେ ଷ୍ଟେସନ ଅଫିସର, ଦୁଇ ଜଣ ଲିଡିଂ ଫାୟାରମ୍ୟାନ, ଜଣେ ଡ୍ରାଇଭର-ହାବିଲଦାର, ଜଣେ ଫାୟାରମ୍ୟାନ ଡ୍ରାଇଭର ଓ ୧୦ ଜଣ ଫାୟାରମ୍ୟାନ ଅଛନ୍ତି। ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ପରିସର ଓ ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଅଗ୍ନିଶମ ବ୍ୟବସ୍ଥାକୁ ସୁଦୃଢ କରି ଧନଜୀବନକୁ ସୁରକ୍ଷା ଯୋଗାଇଦେବା ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତି ନେଇଛନ୍ତି।

## ବିଶ୍ୱ ହିନ୍ଦୁ ପରିଷଦର ୧୪ ଜିଲ୍ଲାରେ ୧୨ ଘଂଟିଆ ବନ୍ଦ ପାଳନ ଆଜି

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ସମ୍ବଲପୁର ହିଂସା ପ୍ରତିବାଦରେ ଆସନ୍ତାକାଲି (ବୁଧବାର) ରାଜ୍ୟର ୧୪ ଜିଲ୍ଲାରେ ବନ୍ଦ ଡାକରା ଦେଇଛି ବିଶ୍ୱ ହିନ୍ଦୁ ପରିଷଦ। ଅବିଭକ୍ତ କୋରାପୁଟ ଓ ପଶ୍ଚିମ ଓଡ଼ିଶା ଜିଲ୍ଲାରେ ବିଶ୍ୱ ହିନ୍ଦୁ ପରିଷଦର ପଶ୍ଚିମପ୍ରାନ୍ତ ଶାଖା ପକ୍ଷରୁ ୧୨ ଘଂଟିଆ ବନ୍ଦ ଡାକରା ଦିଆଯାଇଛି। କାଲି ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୪ ଜିଲ୍ଲାରେ ବନ୍ଦ ପାଳନ କରାଯିବ। ପଶ୍ଚିମପ୍ରାନ୍ତ ଶାଖା ରାଜ୍ୟ ଉପସଭାପତି ବାବୁଭାଇ ବଜରଙ୍ଗୀ ଏହି ସୂଚନା ଦେଇଛନ୍ତି।

# ନିଆରା ଢଙ୍ଗରେ ଓଡ଼ିଆ ନବବର୍ଷ ପାଳନ କଲେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର



ବସ୍ତା, ୧୮/୦୪ (ନି.ପ୍ର): ବସ୍ତା ବ୍ଲକ ସନ୍ତୋଷ ପୁର ପଞ୍ଚାୟତ ବେଣାପୁରା ବାରୁଣି ପଡ଼ିଆରେ ସନ୍ତୋଷ ପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଓଡ଼ିଆ ନବବର୍ଷ ଉତ୍ସବ ପାଳିତ ହୋଇଯାଇଛି।ଏହି ନବବର୍ଷ କୁ ନିଆରା ଢଙ୍ଗରେ ପାଳନ କରାଯାଇଛି।ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ତଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ଗତ ୧୬ ତାରିଖ ଦିନ ଆୟୋଜିତ ନବବର୍ଷ ଉତ୍ସବ ରେ ଏକ ସମ୍ବର୍ଦ୍ଧନା ସଭା କରାଯାଇଥିଲା । ଏଥିରେ ବେଣାପୁରା ଉତ୍ସବ କମିଟିର ସଭାପତି ରମେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱ ମୁଖ୍ୟ ଅତିଥି ଭାବେ ବସ୍ତା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦିଲ୍ଲିପ ଦାସ ମହାପାତ୍ର, ମୁଖ୍ୟ ବକ୍ତା ଭାବେ କୁଳିଦା ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି, ସମ୍ମାନିତ ଅତିଥି ଭାବେ ଗଡିଘାଟୀ ସରପଞ୍ଚ ସୁକାନ୍ତି ମୁର୍ମୁ, ସମାଜସେବୀ ସନ୍ତୋଷ ଦାସ ମହାପାତ୍ର, ସନ୍ତୋଷପୁର ପଂଚାୟତ ର ସରପଞ୍ଚ ସଂଗ୍ରାମ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉତ୍ସବରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହିତ ଶିକ୍ଷକ ବାବୁରାମ ଦାସ, ଅଚ୍ୟୁତାନନ୍ଦ ଗିରି,ନିର୍ମଳ ଚନ୍ଦ୍ର ଦାସ, ସୁଶାନ୍ତ ପରିଡ଼ା, ମନ୍ମଥ ସାହୁ, ସମ୍ବାଦ ଏବଂ କନକ ନ୍ୟୁଜର ସାମ୍ବାଦିକ ରଞ୍ଜନ କୁମାର ବେହେରା, ସମ୍ବାଦ ର ସାମ୍ବାଦିକ ବଂଶୀଧର ସାହୁ ଏବଂ ସାମ୍ବାଦିକ ଅଜିତ କୁମାର ସାହୁ ସମ୍ମାନିତ କରାଯାଇଥିଲା। ଶିଶୁ ବିଦ୍ୟା ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ବେହେରା, କରୁଣାକର ଜେନା, ଜଗତ କୁମାର ଗିରି, ସ୍ମୃତିରେଖା ଗିରି, କୁନ୍ତଳା ବେହେରା, ରଞ୍ଜିତା ସୁର, ବିଷ୍ଣୁପ୍ରିୟା ଦାସ, ଦୀପ୍ତିମାନ ପତି, ଭରତ ସାହୁ, ସ୍ୱରୂପ ବେହେରା, ମଦନମୋହନ ଦାସ, ଗୋବର୍ଦ୍ଧନ ଜେନା, ରାଜଶ୍ରୀ ଜେନା ପ୍ରମୁଖ ପରିଚାଳନା କରିଥିବାବେଳେ ଏହି ବିଦ୍ୟାଳୟର ସମ୍ପାଦକ ପ୍ରଶାନ୍ତ କୁମାର କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୀନକୃଷ୍ଣ ଦାସଙ୍କ ଜନ୍ମ ପୀଠରେ ରାଜ୍ୟ ଅତିରିକ୍ତ ସଂସ୍କୃତି କମିଶନର

### ସୁଆଣ୍ଡ ପରି ମୁଣ୍ଡୁତୁଣିଆର ହେବ ବିକାଶ : ଡିପିଆର ଲାଗି ଗଠିତ ହେଲା ଟିମ୍

ଜଳେଶ୍ୱର, ୧୮/୪(ନି.ପ୍ର) : ଆଜି ସଂଧ୍ୟାରେ ରାଜ୍ୟ ଅତିରିକ୍ତ ସଂସ୍କୃତି କମିସନର ତଥା ରାଜସ୍ୱ ସଚିବ ସତ୍ୟବ୍ରତ ସାହୁ ଅବହେଳିତ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ଜନ୍ମପୀଠ ସୁବର୍ଣ୍ଣରେଖା ନଦୀକୂଳ ମୁଣ୍ଡୁତୁଣିଆ ଗାଁରେ ପହଞ୍ଚିଥିଲେ। ଶହ ଶହ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ରିତୀଯୁଗୀୟ କବିଙ୍କ ବିକାଶ ଘଟିନଥିବା ଦେଖି ଶ୍ରୀ ସାହୁ ଉଦ୍‌ବେଗ ପ୍ରକାଶ କରିଥିଲେ । ବିଭିନ୍ନ ସ୍ଥାନ ବୁଲି ଆଧୁନିକ ଶୈଳୀରେ ଏହାର ବିକାଶ କରାଯିବାକୁ ଏକ ଡିପିଆର ପ୍ରସ୍ତୁତ ଲାଗି କମିଟି ଗଠନ କରାଯିବା ସଂପର୍କରେ କହିଥିଲେ । ଏଥିରେ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର କର୍ମକର୍ତ୍ତାଙ୍କୁ ନେଇ ଗଠିତ ଟିମ୍ ବିଭିନ୍ନ ଦିଗରୁ ସମୀକ୍ଷା କରି ବିକାଶ ସଂପର୍କରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଦିନକୃଷ୍ଣଙ୍କ ଜନ୍ମପୀଠ ମୁଣ୍ଡୁତୁଣିଆକୁ ଗୋପବଂଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡ ଭଳି ବିକାଶ କରାଯିବାର ସିଦ୍ଧାନ୍ତ ରାଜ୍ୟ ସରକାର ନେଇଥିବା ସୂଚନା ଦେଇଥିଲେ । ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଂଜନ କୁମାର ଦାସ ଯୋଗ ଦେଇ ଅତିରିକ୍ତ କମିସନରଙ୍କ ସହିତ ଆଲୋଚନା କରିଥିଲେ। ଉକ୍ତ ସ୍ଥାନରେ କବିଙ୍କର ପ୍ରତିମୂର୍ତ୍ତୀ ଅତ୍ୟାଧୁନିକ ଶୈଳିରେ ଆକର୍ଷଣୀୟ କରିବାପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ସେଠାରେ ସଂଗ୍ରହାଳୟ, ପାଠାଗାର, ନିକଟସ୍ଥ ପୋଖରୀ ବୋଟିଂ ବ୍ୟବସ୍ଥା, ଓ ସ୍ଥାନର ସୌନ୍ଦର୍ଯ୍ୟକରଣ ହେବ ବୋଲି ସିଦ୍ଧାନ୍ତ ନିଆଯାଇଛି । ସେମାନଙ୍କ ସହିତ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ, ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ ବିପିନ ବିହାରୀ ବିଶ୍ୱାଳ,ବିଡିଓ ପୁନମ ରାଉତ, ତହସିଲଦାର ରଂଜନ ବେହେରା, ବ୍ଲକ ଅଧ୍ୟକ୍ଷ ମାନସ ଜେନା ପୂର୍ବତନ ସରପଂଚ କ୍ଷିତଶ ଦେ ଓ ନିକଟସ୍ଥ ପଂଚାୟତର ସରପଂଚମାନେ ଉପସ୍ଥିତ ଥିଲେ।

## ବିଶ୍ୱହିନ୍ଦୁ ପରିଷଦର ହରତାଳକୁ ବିଜେପିର ସମର୍ଥନ ଘୋଷଣା

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ସମ୍ବଲପୁରରେ ଘଟିଥିବା ସାମ୍ପ୍ରଦାୟିକ ଦଙ୍ଗା ଓ ରାଜ୍ୟ ସରକାରଙ୍କର ଏହି ଘଟଣାରେ ପକ୍ଷପାତିତା ବିରୋଧରେ ୧୯ତାରିଖ ବିଶ୍ୱ ହିନ୍ଦୁ ପରିଷଦ ଓ ଅନେକ ହିନ୍ଦୁ ସଙ୍ଗଠନ ପକ୍ଷରୁ ସମ୍ବଲପୁର, ଦେବଗଡ, ଝାରସୁଗୁଡା, ବରଗଡ, ସୁନ୍ଦରଗଡ, ବଲାଙ୍ଗୀର, ସୋନପୁର, ବୌଦ୍ଧ, କଳାହାଣ୍ଡି, ନୂଆପଡା, କୋରାପୁଟ, ନବରଙ୍ଗପୁର, ମାଲକାନଗିରି, ରାୟଗଡା ଆଦି ଜିଲ୍ଲାରେ ହରତାଳ ନିମନ୍ତେ ଡାକରା ଦିଆଯାଇଛି । ଏହି ୧୨ ଘଂଟିଆ ହରତାଳ ପାଳନକୁ ଭାରତୀୟ ଜନତା ପାର୍ଟି ସମର୍ଥନ କରିବା ପାଇଁ ନିଷ୍ପତି ଗ୍ରହଣ କରିଛି। ସମ୍ବଲପୁର ସହରରେ ହନୁମାନ ଜୟନ୍ତୀର ଦୁଇ ଦିନ ପୂର୍ବରୁ ଓ ହନୁମାନ ଜୟନ୍ତୀ ପାଳନ ଦିନ ଯେଉଁ ଭଳି ଭାବରେ ସାମ୍ପ୍ରଦାୟୀକ ଦଙ୍ଗା ହେଲା ଓ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ଦ୍ୱାରା ବାରମ୍ବାର ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରାଗଲା ତାହା ଅତ୍ୟନ୍ତ ଦୁଃଖଦାୟକ। ଏହି ସାମ୍ପ୍ରଦାୟୀକ ଦଙ୍ଗାରେ ଜଣେ ଆଦିବାସୀ ଯୁବକ ଚନ୍ଦ୍ରମଣି ମିର୍ଦ୍ଧାଙ୍କର ମୃତ୍ୟୁ ହୋଇଥିବା ବେଳେ ହନୁମାନ ଜୟନ୍ତୀ ସମନ୍ୱୟ ସମିତିର କାର୍ଯ୍ୟକାରୀ ସଭାପତି ଦାମୋଦର କରଙ୍କ ସମେତ ଅନେକ ସାଧାରଣ ଲୋକ, ପୋଲିସ କର୍ମଚାରୀ ଆହତ ହୋଇଛନ୍ତି । ସମ୍ବଲପୁରର ଯେଉଁ ପରିସ୍ଥିତି ଘଟିଲା ତାହା ରାଜ୍ୟ ସରକାରଙ୍କ ଅପାରଗତା ପାଇଁ ଘଟିଲା। ରାଜ୍ୟ ସରକାର ଚାହିଁଥିଲେ ଆଜି ସମ୍ବଲପୁରରେ ଏଭଳି ପରିସ୍ଥିତି ଉପୁଜିନଥାନ୍ତା ବୋଲି ବିଜେପି ପକ୍ଷରୁ କୁହାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ସମ୍ବଲପୁର ହିଂସା ଓ ବିଜେପି ନେତାଙ୍କୁ ....

ପକ୍ଷଭୁକ୍ତ ହେଉଥିବା ଭଳି ଅଭିଯୋଗ ଆସୁଛି । ରାଜ୍ୟ ସରକାର ଏକତରଫା ନିଷ୍ପତି ନେଇ ନିଜର ଦୁର୍ବଳତାକୁ ଲୁଚାଇବା ପାଇଁ ଚେଷ୍ଟା କରୁଛନ୍ତି । ଆଜି କର୍ଫ୍ୟୁର କୋହଳ ସମୟରେ ଆରଡିସିଙ୍କ ଅନୁମତି ନେଇ ରାଜ୍ୟ ସଭାପତିଙ୍କ ନେତୃତ୍ୱରେ କେନ୍ଦ୍ରମନ୍ତ୍ରୀ ଓ ଅନେକ ସାଂସଦ ଏବଂ ବିଧାୟକମାନେ ସମ୍ବଲପୁର ଘଟଣାରେ ଗୁରୁତର ହୋଇ ମେଡିକାଲରେ ଚିକିତ୍ସାଧୀନ ଥିବା ବରିଷ୍ଠ କାର୍ଯ୍ୟକର୍ତା ଦାମୋଦର କରଙ୍କୁ ଭେଟିବା ପାଇଁ ଯାଇଥିବା ବେଳେ ପୋଲିସ ସେମାନଙ୍କୁ ଥାନାରେ ଅଟକ ରଖିବା ଦୁର୍ଭାଗ୍ୟଜନକ । ଗଣତନ୍ତ୍ରରେ ପ୍ରତିପକ୍ଷ ଲୋକଙ୍କୁ ଭେଟିବାକୁ ଦେବା ନାହିଁ, ସମାଲୋଚନା କରୁଥିବା ଲୋକଙ୍କ ପ୍ରତି ଅସହିଷ୍ଣୁ ହେବା, ଏହି ଘଟଣାରେ ଗୁରୁତର ହୋଇଥିବା ଲୋକ ମାନଙ୍କୁ ଦେଖିବା ପାଇଁ ବାରଣ କରାଯିବା କ'ଣ ଶାସନ ବ୍ୟବସ୍ଥା କି ବୋଲି ପ୍ରଶ୍ନ କରିବା ସହ ଏସବୁ ଏକଛତ୍ରବାଦ ଓ ଅପାରଗତାକୁ ଲୁଚାଇବାର ବ୍ୟବସ୍ଥା ବୋଲି ସେ କହିଛନ୍ତି ।

### ଝାରସୁଗୁଡ଼ା ଉପ-ନିର୍ବାଚନ....

ଉପନିର୍ବାଚନ ହେଉଛି । ଆଉ ତାଙ୍କ ଝିଅ ଦୀପାଳିଙ୍କୁ ଟିକେଟ ଦେଇ ଅନୁକମ୍ପାଭୋଟ ପାଇବ ବୋଲି ଆଶା ରଖିଛି । ଉପନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଦୀପାଳି ଏଠାରେ ପ୍ରଚାର ଅଭିଯାନକୁ ଜୋରଦାର କରିଥିଲେ । ଆଉ ଏବେ ପ୍ରଚାରକୁ ଆଗକୁ ନେବା ପାଇଁ ରାଜ୍ୟସ୍ତରର ନେତା ବି ଝାରସୁଗୁଡାରେ ଡେରା ପକାଇଛନ୍ତି । ଗତକାଲି ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ପୂର୍ବରୁ କଂଗ୍ରେସର ତରୁଣ ପାଣ୍ଡେ ନାମାଙ୍କନ ଭରିସାରିଛନ୍ତି । ତିନିଦଳର ପ୍ରାର୍ଥୀଙ୍କ ନାମାଙ୍କନ ପରେ ଏବେ ପ୍ରଚାର ଉପରେ ସବୁଦଳ ଫୋକସ କରିବେ । ଭୋଟ ମେ ୧୦ ତାରିଖରେ ପଡିବ ଓ ରେଜଲ୍ଟ ୧୩ ତାରିଖରେ ଆସିବ । ଏବେ ସମସ୍ତଙ୍କ ନଜର ରହିଛି, ବିଜୟୀ କିଏ ହେବ ଓ ବିଜୟ ବ୍ୟବଧାନ କେତେ ରହିବ ।

# ସଞ୍ଜବେଳେ ସମୁଦ୍ରକୂଳେ ଆମିଷ ପସରା ଭିଡ଼ : ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଅସନ୍ତୁଷ୍ଟ

ପୁରୀ, ୧୮/୦୪ (ନି.ପ୍ର): ମହାତୀର୍ଥ ମହୋଦଧି । ତୀର୍ଥରାଜ ମହୋଦଧି କୂଳରେ ନିତ୍ୟ ଆଳତି କରାଯାଉଛି । ମାତ୍ର ସଞ୍ଜ ନଇଲେ ସମୁଦ୍ରକୂଳେ ଆମିଷ ପସରା ଗହଳି ଲାଗୁଛି । ପୋଚା ମାଛ ଓ ପୋଡ଼ା ମାଛ ଗନ୍ଧରେ ମହକୁଛି ମହୋଦଧି କୂଳ। ଜିଲ୍ଲାରେ ଥିବା ଖାଦ୍ୟ ସୁରକ୍ଷା ନିରୀକ୍ଷକ ଅପରାହ୍ନ ୪ଟା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ବେଳେ ସଧ୍ୟା ୫ଟା ପରେ ଫାଷ୍ଟଫୁଡ୍ ଦୋକାନ ଖୋଲୁଛି । ସମୁଦ୍ରକୂଳ ବାଲିରେ ମାଛ କଂଟା, ଚିକେନ ଗୋଡ଼ ଓ ମାଛ କାତି ପଡ଼ି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ବିଭିନ୍ନ ରଙ୍ଗ ମିଶାଇ ମାଛ ଓ ଶୁଖୁଆ ଛାଣି ବିକ୍ରି କରାଯାଉଛି । ଏପରିକି କିଛି ବାସି ଛଣାମାଛ ପୁନର୍ବାର ଛଣା ଯାଇ ଗ୍ରାହକଙ୍କୁ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି । ପର୍ଯ୍ୟଟକ ବସିବା ପାଇଁ ଥିବା ପାଚେରିରେ ଅଣ୍ଡା ଦୋକାନ ଓ ଚା ଦୋକାନ ଖୋଲୁଥିବାରୁ ପର୍ଯ୍ୟଟକମାନେ ବସି ପାରୁନାହାନ୍ତି । ଅନ୍ୟ ପକ୍ଷରେ ସମୁଦ୍ର କୂଳେ ଶହ ଶହ ଚେୟାର ଓ ଛତା ପକାଇ କୂଳ ଆଦରି ନେଉଥିବାରୁ ପଛରେ ବସୁଥିବା ପର୍ଯ୍ୟଟକ ସମୁଦ୍ର ଦର୍ଶନରୁ ବଞ୍ଚିତ ହେଉଛନ୍ତି । ବିଦେଶରେ ଏକ ସମୁଦ୍ର କୂଳେ ଖାଲି ବାଲି ଉପରେ ବସିଲେ କାଳେ ଅପରିଷ୍କାର ହେବ ସେଥିପାଇଁ ଆସନ କିମ୍ବା ରୁମାଲ ପକାଇ ବସୁଥିବା ଦେଖିବାକୁ ମିଳେ । ଷ୍ଟର୍ଲିନ ହୋଟେଲ ଠାରୁ ଶ୍ରୀବିହାର ପର୍ଯ୍ୟନ୍ତ ୫ କିଲୋମିଟର ବ୍ୟାପି ସମୁଦ୍ର କୂଳ ଅପରିଷ୍କାର ହେବା ସହ ବାଲି କଳା ପଡ଼ି ଯାଉଥିବା ଦେଖିବାକୁ ମିଳିଛି । ସମୁଦ୍ରକୂଳେ ଆମିଷ ଗନ୍ଧ ଓ ଅସ୍ୱାସ୍ଥ୍ୟକର ପରିବେଶ ଦେଖି ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନେ ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି । ସମୁଦ୍ର କୂଳକୁ ପରିଷ୍କାର ରଖିବା ପାଇଁ ଜିଲ୍ଲା ପ୍ରଶାସନ ବ୍ୟବସ୍ଥା କରିବା ସହ ଦୋକାନି ମାନଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ଥଇଥାନ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଆରଏସପି ସିଲିକନ ଷ୍ଟିଲ ମିଲ୍ ବିଭାଗରେ ଅଗ୍ନି ନିର୍ବାପନ ଏବଂ ଉଦ୍ଧାର କାର୍ଯ୍ୟ ଉପରେ ପ୍ରଦର୍ଶନ

ରାଉରକେଲା, ୧୮/୦୪ : ସେଲ ରାଉରକେଲା ଇସ୍ପାତ କାରଖାନାର ସିଲିକନ ଷ୍ଟିଲ ମିଲ ବିଭାଗ ଠାରେ ଅପ୍ରେଲ ୧୫ ତାରିଖରେ ଅଗ୍ନିଶମ ସେବା ସପ୍ତାହ ପାଳନ ଉପଲକ୍ଷେ ଅଗ୍ନି ନିର୍ବାପନ ଏବଂ ଉଦ୍ଧାର କାର୍ଯ୍ୟ ଉପରେ ଏକ ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ହଟ ଷ୍ଟ୍ରିପ ମିଲ-୧, ସିଆରଏମ, ଏସଏସଏମ, ପିପି ଓ ଆରଏସ ବିଭାଗର ସିଜିଏମ, ଶ୍ରୀ ସୁବ୍ରତ କୁମାର, ସିଆରଏମ ବିଭାଗର ଜିଏମ ଇନ ଚାର୍ଜ, ଶ୍ରୀ ନିହାର ରଞ୍ଜନ ଦାସ, ସିଲିକନ ଷ୍ଟିଲ ମିଲ ବିଭାଗର ଜିଏମ ଇନ ଚାର୍ଜ, ଶ୍ରୀ ଚିତ୍ତ ରଞ୍ଜନ ମିଶ୍ର, ଅଗ୍ନିଶମ ସେବା ବିଭାଗର ଜିଏମ, ଶ୍ରୀ ଜୀବନ ବଲ୍ଲଭ ପଟ୍ଟନାୟକ ତଥା ବହୁ ବରିଷ୍ଠ



ଅଧିକାରୀ ଓ ବିଭାଗର ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ କର୍ମଚାରୀମାନଙ୍କୁ ବିଭିନ୍ନ ଅଗ୍ନି ନିର୍ବାପକ ଏବଂ ଉଦ୍ଧାର କୌଶଳ ତଥା ବିଭିନ୍ନ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ଏବଂ ପ୍ରୟୋଗ ବିଷୟରେ ସୂଚନା ଦିଆଯାଇଥିଲା। ଅଗ୍ନିଶମ ସେବା ବିଭାଗର ଜିଏମ, ଶ୍ରୀ ଜେ ବି ପଟ୍ଟନାୟକଙ୍କ ନେତୃତ୍ୱରେ ଅଗ୍ନିଶମ ସେବା ବିଭାଗୀୟ ଦଳ ଦ୍ୱାରା ଏହି ପ୍ରଦର୍ଶନ ସମ୍ପନ୍ନ ହୋଇଥିଲା। ସୂଚନାଯୋଗ୍ୟ ଯେ, ଯେକୌଣସି ଘଟଣାର ମୁକାବିଲା ପାଇଁ ଉଚ୍ଚ ସ୍ତରର ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ଆରଏସପିର ବିଭିନ୍ନ ୟୁନିଟରେ ଅଗ୍ନି ସେବା ବିଭାଗ ଦ୍ୱାରା ନିୟମିତ ବ୍ୟବଧାନରେ ଏହିପରି ମକ୍ ଅଗ୍ନି ଏବଂ ସୁରକ୍ଷା ଡ୍ରିଲ୍ ଆୟୋଜିତ ହୋଇଥାଏ।

# ଅଗ୍ନି ବର୍ଷି ବକ୍ତା ଶରତ ଚନ୍ଦ୍ର ଦାସ

ଉଦଳା, ୧୮/୦୪ (ନି.ପ୍ର): ଉଦଳା ରାଜନୀତିର ପୁରୁଖା, ଟାଣୁଆ ଓ ଅଗ୍ନିବର୍ଷି ବକ୍ତା ଭାବରେ ଶରତ ଚନ୍ଦ୍ର ଦାସଙ୍କ ନାମଟି ବହୁଳ ଭାବରେ ଚର୍ଚ୍ଚା ହୋଇଥାଏ । ଶାନ୍ତ ଓ ସରଳତା ସାଙ୍ଗକୁ ସାଧା ସିଧା ଜୀବନ ଏବଂ ରୋକ ଠୋକ ସ୍ୱଭାବ ତାଙ୍କର ବ୍ୟକ୍ତିତ୍ୱର ମାପ କାଠି ଅଟେ । ଅନେକ ରାଜନୈତିକ ନେତାଙ୍କ ପଛରେ ମଦ, ନାରୀ ଓ ଟଙ୍କା ପଇସା ହେର ଫେରର ଅଭିଯୋଗ ଶୁଣିବାକୁ ମିଳୁଥିବା ବେଳେ ଶରତ ବାବୁ ଏ ସବୁଥିରୁ ବହୁ ଉର୍ଦ୍ଧରେ । ସେଥିପାଇଁ ବିଭିନ୍ନ ମହଲରେ ତାଙ୍କର ପ୍ରଶଂସା ଶୁଣିବାକୁ ମିଳୁଥିବା ବେଳେ, ରାଜନୈତିକ ନେତାଙ୍କ ଗହଣରେ ତାଙ୍କର ରହିଛି ଏକ ସ୍ୱତନ୍ତ୍ର ସମ୍ମାନ। ତାଙ୍କର ଭାଷଣରେ ଏପରି ଯାଦୁକରୀ ଶକ୍ତି ରହିଛି ଯେ ମନ୍ତ୍ର ମୁଗ୍ଧ ହୋଇ ଉଠନ୍ତି ଜନତା। ମୋଟା ମୋଟି ଭାବରେ କହିବାକୁ ଗଲେ ଉଦଳା ରାଜନୀତିକୁ ଶରତ ବାବୁଙ୍କ ଭାଷଣ ହିଁ ବହୁଳ ଭାବରେ ପ୍ରଭାବିତ କରିଛି । ସେ ତାଙ୍କର ଭାଷଣ ପାଇଁ କେବଳ ଉଦଳା ନୁହେଁ, ସମଗ୍ର ଉତର ଓଡ଼ିଶାରେ ସୃଷ୍ଟି କରିପାରିଛନ୍ତି ଏକ ସ୍ୱତନ୍ତ୍ର



ପରିଚୟ। ଏପରିକି ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ ଓ ବିଜୁ ପଟ୍ଟନାୟକ ମଧ ତାଙ୍କର ଭାଷଣକୁ ପ୍ରଶଂସା କରୁଥିଲେ । ୧୯୭୧ ମସିହାରେ ବିଜୁ ପଟ୍ଟନାୟକଙ୍କ ଉତ୍କଳ କଂଗ୍ରେସ ଗଠନ ଠାରୁ ଶରତ ବାବୁ ଏହି ଦଳରେ ଥିଲେ । ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପର୍ଯ୍ୟନ୍ତ ସେ ଯେତେବେଳେ ଯେଉଁ ଦଳ ଗଠନ କରିଛନ୍ତି, ଶରତ ବାବୁ ତାଙ୍କୁ ନିସର୍ତ୍ତ ସମର୍ଥନ ଦେବା ସହିତ ସେହି ଦଳର ହିଁ କାମ କରିଛନ୍ତି । ମୋଟା ମୋଟି ଭାବରେ କହିବାକୁ ଗଲେ ବିଜୁ ପଟ୍ଟନାୟକ ହିଁ ଥିଲେ ତାଙ୍କର ଆଦର୍ଶ । ସେ ସମୟରେ ଉଦଳା ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ୨ ଥର ସାଧାରଣ ସଂପାଦକ ଭାବରେ ନିର୍ବାଚିତ ହୋଇଥିଲେ । ଦ୍ୱିତୀୟ ଥର ସାଧାରଣ ସଂପାଦକ ଥିବା ସମୟରେ ତାଙ୍କ ବିରୁଦ୍ଧରେ ଅନାସ୍ଥା ଆସିଥିଲା । କିନ୍ତୁ ପରେ ବିପୁଳ ଭୋଟରେ ଅନାସ୍ଥାରେ ବିଜୟୀ ହୋଇଥିଲେ । ଏହି ପରି ଛାତ୍ର ଜୀବନରୁ ରାଜନିତିର କଳା ବେଶ ଭଲଭାବରେ ବାରି ହୋଇ ପଡୁଥିଲା ତାଙ୍କ ଠାରେ । ପରେ ବାରିପଦା ଠାରେ ଆଇନ ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ ସେ ଥିଲେ, ଏହି ମହାବିଦ୍ୟାଳୟର ପ୍ରଥମ ବର୍ଷର ଛାତ୍ର । ଯେଉଁ ସମୟରେ ରାନୀତିରେ ଉଚ୍ଚ ଶିକ୍ଷିତ ଲୋକଙ୍କୁ ବେଶି ମାତ୍ରାରେ ଦେଖିବାକୁ ମିଳୁ ନଥିଲା ସେ ସମୟରେ ଜଣେ ଲ-ଗ୍ରାଜୁଏଟ ଶିକ୍ଷାଗତ ଯୋଗ୍ୟତା ଥିବା ଯୁବକଙ୍କର ରାଜନୈତିକ ପ୍ରବେଶ ଉଦଳା ରାଜନୀତିକୁ ବହୁ ଗୁଣରେ ଶାଣିତ କରିଥିଲା । ସାହାସର ସହିତ ସବୁ ପ୍ରକାର ପରିସ୍ଥିତିକୁ ମୁକାବିଲା କରିବାର ଦମ୍ଭ ବେଶ ଭଲଭାବରେ ବାରି ହୋଇ ଉଠେ ତାଙ୍କ ଠାରେ। ପୁଲିସ ଜୁଲୁମ ଓ ଅଫିସର ରାଜ ଚଳାଉଥିବା ଅଧିକାରୀ ମାନେ ମଧ ଶରତ ବାବୁଙ୍କୁ ଖୁବ୍ ଭୟ କରନ୍ତି। କାରଣ ସେମାନେ ଜାଣନ୍ତି ତାଙ୍କର ଭାଷଣରେ ନିମିଷକ ମଧ୍ୟରେ ଜଳି ଉଠିବ ବିପ୍ଳବର ବହ୍ନି । ଜାନକି ବଲ୍ଲଭ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଥରେ ସେ ଉଦଳା ଗସ୍ତରେ ଆସିଥିଲେ। ସେ ସମୟରେ କଂଗ୍ରେସ ସରକାରଙ୍କ ବିରୁଦ୍ଧରେ ଏକ ବଡ଼ ଧରଣର ଜନ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଯାହାର ନେତୃତ୍ୱ ଶରତ ଦାସ ନେଇଥିଲେ । ସେ ଦିନର ପରିସ୍ଥିତି ଏପରି ହେଲା ଯେ ଆନ୍ଦୋଳନକୁ ଦମନ କରିବା ପାଇଁ ପୋଲିସକୁ ଲାଠି ଚାର୍ଜ କରିବା ଦରକାର ପଡ଼ିଲା। ଉକ୍ତ ଘଟଣାରୁ ଶରତ ଦାସଙ୍କ ଭାଷଣର ଚମ୍ତକାରିତା ବିଷୟରେ ଏଠାରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଅଧିକାରୀ ମାନେ ବେଶ ଭଲ ଭାବରେ ଅନୁଭବ କରି ପାରିଥିଲେ। ସେ ସମୟରେ ଚାକିରି କରିଥିଲେ। ଶରତ ବାବୁ ଖୁସିରେ ଭଲ ଚାକିରିଟିଏ ପାଇ ପାରି ଥାନ୍ତେ। କିନ୍ତୁ ସେ ରାଜୀନିକୁ ତାଙ୍କ ଜୀବନର କ୍ୟାରିର ଭାବରେ ବାଛି ନେଇଥିଲେ । କାରଣ ସେ ଜାଣିଥିଲେ ଗରିବ ଲୋକଙ୍କ ସେବା ଚାକିରି ନୁହେଁ ରାଜନୀତି ଦ୍ୱାରା ବେଶି ମାତ୍ରାରେ କରାଯାଇ ପାରିବ। ଏପରିକି ଶରତ ବାବୁଙ୍କ ରାଜନୈତିକ ଦକ୍ଷତାକୁ ପ୍ରଶନ ପାଟଶାଣି, ରବି ରାୟ, ବିଜୟ ମହାପାତ୍ର, ଦାମଦର ରାଉତ, ଅଶୋକ ଦାସ, ସମରେନ୍ଦ୍ର କୁଣ୍ଡୁଙ୍କ ପରି ଆଗଧାଡ଼ିର ନେତା ମାନେ ପ୍ରଶଂସା କରୁଥିଲେ। ଉଦଳା ବ୍ଲକର ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇ ଦକ୍ଷତାର ସର ନିଜର ଦାୟିତ୍ୱ ତୁଲାଇଥିଲେ । ଏହିପରି ସେ ବାରିପଦା ଅର୍ବାନ ବ୍ୟାଙ୍କର ଉପସଭାପତି, ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ, ଆରସିଏମ୍ଏସ୍ ଉଦଳାର ସଭାପତି, ଭୂ ଉନ୍ନୟନ ବ୍ୟାଙ୍କର ନିର୍ଦ୍ଦେଶକ, ଉଦଳା ଲ୍ୟାମ୍ପର ସଭାପତି ଓ ପରେ ନିର୍ଦ୍ଦେଶକ ଭାବରେ ନିର୍ବାଚିତ ହୋଇ ଦକ୍ଷତାର ସହ ନିଜର ଦାୟିତ୍ୱ ସଂପାଦନ କରିଛନ୍ତି। ଗରିବ ଲୋକଙ୍କ ସେବା ପାଇଁ ଆନ୍ଦୋଳନ କରି ସେ ଜୀବନରେ ୪ ଥର କାରା ବରଣ କରିଥିବାର ଜଣା ଯାଇଛି। ବର୍ତମାନ ସେ ଭାରତୀୟ ଜନତା ପାର୍ଟିର ଜଣେ ସକ୍ରୀୟ ସଦସ୍ୟ ସହ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର କାଉନସିଲର ଅଛନ୍ତି । ଆଜି ସତ ମୁଖରେ ସ୍ୱତଃ ଶୁଣିବାକୁ ମିଳେ ଶରତ ବାବୁଙ୍କ ପରି ଜଣେ ଟାଣୁଆ ନେତା ବାସ୍ତବରେ ବିରଳ।

# ଜବର ଦଖଲ ଉଚ୍ଛେଦ କଲା ବନବିଭାଗ : ୪ ଏକର ବେନାମୀ ସଂପତ୍ତି ଉଦ୍ଧାର

ନୀଳଗିରି, ୧୮/୦୪ (ନି.ପ୍ର): ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଭୁଲଡିହା ଅଭୟାରଣ୍ୟକୁ କିଛି ଅସାଧୁ ଲୋକ ଜବରଦଖଲ କରି ଘର କରି ରହିବା ଫଳରେ ଏବେ ସରକାରୀ ଖାତାରେ ଥିବା ୨୭୨.୭୫ବର୍ଗକି.ମି. ଅଂଚଳ ଧିରେ ଧୀରେ ସଂକୁଚିତ ହେବାରେ ଲାଗିଛି । ଫଳରେ ବନ୍ୟ ଜୀବଜନ୍ତୁ ଗାଁ ମୁହାଁ ହେଉଛନ୍ତି । ବନ ବିଭାଗ ପାଖରେ ସମସ୍ତ ଖବର ଥିଲେ ମଧ ହାତ ଟେକି ଦେଇଛି । ଘଟଣା ସଂପର୍କରେ ବିଭିନ୍ନ ଗଣମାଧ୍ୟମର ଖବର ପ୍ରସାରଣ ପରେ ତତ୍ପର ହୋଇଉଠିଛି ବନବିଭାଗ । ପ୍ରାଥମିକସ୍ତରରେ ସୋମବାର କୁଳଡିହା, ନୀଳଗିରି, ସୋର ଏବଂ ବରହମପୁର ପୋଲିସର ଏକ ମିଳିତ ଟିମ୍ ରଙ୍ଗାମାଟିଆ ଅଂଚଳର ଜବର ଦଖଲ କରି ରହୁଥିବା ଦୁଇଗୋଟି କୁଡ଼ିଆକୁ ଉଚ୍ଛେଦ କରିବା ସହ ପ୍ରାୟ ୪ଏକର ବେନାମି ସଂପତିକୁ ନିଜ ଅଧିକାରକୁ ନେଇଛି ବନବିଭାଗ । ବାଲେଶ୍ୱର ଡି.ଏଫ.ଓ. ଙ୍କ ସୂଚନା ଅନୁଯାଇ ଆଗାମୀ ଦିନରେ ଅଭୟାରଣ୍ୟ ଅଂଚଳରେ ଜବର ଦଖଲ କରି ରହୁଥିବା ସମସ୍ତ ଜବର ଦଖଲକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିକୁ ଅପମାନ ଓ ମହିଳାଙ୍କୁ ସରପଂଚଙ୍କ ଅସୌଜନ୍ୟତା ଲାଗି କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର, ୧୮/୪(ନି.ପ୍ର) : ଓଡିଶାର ବରପୁତ୍ର ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଜଳେଶ୍ୱର ବ୍ଲକର ଶାଳିକୋଠା ଠାରେ ସ୍ଥାପନ ବେଳେ ଅପମାନିତ କରାଯାଇଥିବା ଆଜି କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି । ସେହିପରି ଜଣେ ମହିଳା ଏମ୍‌ବିକେଙ୍କ ପ୍ରତି ଶ୍ୟାମନଗର ସରପଂଚଙ୍କ ଅସୌଜନ୍ୟ ବ୍ୟବହାର ଓ ଏଥିନେଇ ଜିଲା ପ୍ରଶାସନ ଠାରେ ଅଭିଯୋଗ ହୋଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବା ଯୋଗୁଁ ଏହି ସଂମ୍ମିଳନ କଂଗ୍ରେସ ପକ୍ଷରୁ ଆହୁତ ହୋଇଥିଲା । ଘଟଣାରୁ ପ୍ରକାଶ, ଶାଳିକୋଠାଠାରେ ବିଜେଡିର ଛାତ୍ର ଓ ଯୁବ ସଂଗଠନ ପକ୍ଷରୁ ବିଜୁ ବାବୁଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ଲାଗି ଆସ୍ଥାନ ନିର୍ମାଣ ହୋଇଥିଲା। କିନ୍ତୁ ଜିଲାପ୍ରଶାସନ ସେଠାରେ ବସାଇବାକୁ ନ ଦେବାରୁ ସେମାନେ ପ୍ରତିମୂର୍ତ୍ତିକୁ ମାଟିରେ ଛିଡା କରାଇଛନ୍ତି। ପ୍ରକାଶଯୋଗ୍ୟ ସେହି ପ୍ରତିମୂର୍ତ୍ତୀକୁ ଜଣେ ପୂର୍ବତନ ସାଂସଦ ସିଦ୍ଧାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିବା ବିଜୁ ବାବୁଙ୍କ ପ୍ରତି ଏକ ଅପମାନ ବୋଲି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ନେତୃବୃନ୍ଦ କହିଛନ୍ତି । ସେହିପରି ଶ୍ୟାମନଗର ପଂଚାୟତର ସରପଂଚ ଜଣେ ମହିଳା ଏମ୍‌ବିକେ ସରସ୍ୱତୀ ସାମଲଙ୍କୁ ମାନସିକ ନିର୍ଯ୍ୟାତନା ଦେବା ଯୋଗୁଁ ଗତ ୧୪ ତାରିଖରେ ରାଇବଣିଆ ଥାନାରେ ଲିଖିତ ଅଭିଯୋଗ ଦେବା ଏବଂ ୧୫ ତାରିଖରେ ଏସ୍‌ପି, ଡିଆର୍‌ଡିଏର ପ୍ରକଳ୍ପ ଅଧିକାରୀ ଓ ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବାରୁ ଏଥିରେ ପ୍ରଶାସନ ଚାପର ବସବର୍ତ୍ତୀ ହୋଇ କାର୍ଯ୍ୟ କରୁଥିବା ଅଭିଯୋଗ ହୋଇଛି । ଏହା ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ବ୍ଲକ ସଭାପତି ରାଜୀବ ପରିଡା, ଜିଲା ସଂପାଦକ ହେମନ୍ତ ଗିରି, ପୌର ସଭାପତି ଗିରିଜା ଦାସ ଓ ରାଜ୍ୟ ସଂପାଦକ ସବ୍ୟସାଚି ଦାସ ଉପସ୍ଥିତ ଥିଲେ ।

# ବସ୍ତାରେ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର: ଅଭିଯୋଗ ୧୦୫, ସମାଧାନ ୬୨

ବସ୍ତା, ୧୮/୦୪ (ନି.ପ୍ର): ବାଲେଶ୍ୱର ଜିଲା ବସ୍ତା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଏବଂ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମରେଶ କୁମାର ପାଣିଗ୍ରାହୀ ଜନ ସାଧାରଣଙ୍କ ଅଭିଯୋଗର ସମାଧାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ



ସ୍ମୃତି ରଞ୍ଜନ ମଲ୍ଲିକ, ଜିଲ୍ଲା ମେଡ଼ିକାଲ ଅଧିକାରୀ ଦୁଲାଲ ସେନ ଜଗଦେବ, ବସ୍ତା ତହସିଲଦାର ଅତନୁ କୁମାର ପ୍ରଧାନ, ବିଡ଼ିଓ ସତ୍ୟଜିତ ମହାନ୍ତି ଏବଂ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୧୦୫ ଟି ଅଭିଯୋଗ ହୋଇଥିବା ବେଳେ ସେଥିରୁ ୬୨ ଟିର ସମାଧାନ ହୋଇଥିଲା । ଅଭିଯୋଗ ଭିତରେ ସବୁଠାରୁ ଅଧିକ ଆବାସ ଯୋଜନା ରହିଥିଲା । ଆବାସ ଯୋଜନାର ୪୦ଟି ଅଭିଯୋଗ ରହିଥିବା ବେଳେ ଅନ୍ୟାନ୍ୟ ୬୫ ଟି ଅଭିଯୋଗ ରହିଥିଲା । ବସ୍ତା ବ୍ଲକ ଦୁଧହଂସା ପଞ୍ଚାୟତ ନଳବାହାର ଗ୍ରାମର ବିଧବା ମହିଳା ସାବିତ୍ରୀ ମୁଣ୍ଡା ।ଘର ଖଣ୍ଡିଏ ନଥିବାରୁ ଭଙ୍ଗା ଦଦରା ମାଟି ଛପର ତଳେ ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ଘର ଖଣ୍ଡିଏ ପାଇଁ ବାରମ୍ବାର ଆବେଦନ କରି ବିଫଳ ହେବା ପରେ ଗତ ୨୦୨୨ ମସିହା ନଭେମ୍ବର ୧୪ ରେ ଜିଲ୍ଲାପାଳ ଙ୍କ ଜନଶୁଣାଣୀ ଶିବିରରେ ଅଭିଯୋଗ କରାଇଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ପଞ୍ଚାୟତ ନିର୍ବାହୀ ଅଧିକାରୀ ତଦନ୍ତ କରିଥିଲେ ମାତ୍ର ଆଜି ପର୍ଯ୍ୟନ୍ତ ତାଲିକାରେ ନାମ ରହି ନଥିବାରୁ ଆଜିର ଏହି ଅଭିଯୋଗ ଶୁଣାଣୀ ଶିବିରରେ ଘର ପାଇଁ ଜିଲ୍ଲାପାଳଙ୍କ ଜନଶୁଣାଣୀ ଅଭିଯୋଗ କରିଛନ୍ତି । ନଟାକଟା ପଞ୍ଚାୟତ ର ଅମର୍ଦରୋଡ ରେଲୱେ ଷ୍ଟେସନ ଠାରୁ ଗେଟ୍ ବଜାର ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇ ପଡ଼ିଛି।

ବୁଧବାର, ଏପ୍ରିଲ ୧୯, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ଭୁବନେଶ୍ୱର ଠାରେ ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀର ତୃତୀୟ ବୈଠକ ପୂର୍ବରୁ ଏକ ମାସବ୍ୟାପୀ ଜନଭାଗିଦାରୀ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି କ୍ରମରେ ଆଜି ଭୁବନେଶ୍ୱର ସ୍ଥିତ ସିଟିଟିସି ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ଏକ ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଛାତ୍ରଛାତ୍ରୀମାନେ ଏଥିରେ ଜି-୨୦ ଲୋଗୋ ଡିଜାଇନ କରିଥିଲେ । ଅନୁରୂପ ଭାବେ ଭୁବନେଶ୍ୱରର ପଦାର୍ଥ ବିଜ୍ଞାନ ପ୍ରତିଷ୍ଠାନ ପକ୍ଷରୁ ଭାରତରେ ଆୟୋଜିତ ହେଉଥିବା ଜି-୨୦ ସମ୍ମିଳନୀ ଉପରେ ଆଧାରିତ ଏକ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅନ୍ୟପକ୍ଷରେ ଜି-୨୦ ଜନଭାଗିଦାରୀ ଅଭିଯାନ ଅଧୀନରେ ଭୁବନେଶ୍ୱର ସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟୁରିଜିମ୍ ଏଣ୍ଡ ଟ୍ରାଭେଲ୍ ମ୍ୟାନେଜମେଣ୍ଟ (ଆଇଆଇଟିଟିଏମ) ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପର୍ଯ୍ୟଟନ ଓ ଭ୍ରମଣ ଅଧ୍ୟୟନ ବିଭାଗ ମଧ୍ୟରେ ଏକ ଏମଓୟୁ ସ୍ୱାକ୍ଷରିତ ହୋଇଛି । ଏହି ଅବସରରେ ଉଭୟ ଶିକ୍ଷାନୁଷ୍ଠାନ ପକ୍ଷରୁ 'ଐତିହ୍ୟ : ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ବିଷୟକୁ ନେଇ ଏକ ସେମିନାର ଆୟୋଜନ କରାଯାଇଥିଲା । ଶିକ୍ଷା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କ୍ଷେତ୍ରରେ ସହଭାଗିତା ଏବଂ ଛାତ୍ରଛାତ୍ରୀଙ୍କ ନିଯୁକ୍ତି କୌଶଳ ବିକାଶରେ ସୁଧାର ଉଦ୍ଦେଶ୍ୟରେ ଉକ୍ତ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା । ଏନଆଇଟି ରାଉରକେଲା ପକ୍ଷରୁ ଜି-୨୦ ଜନଭାଗିଦାରୀ କାର୍ଯ୍ୟକ୍ରମ ଅନ୍ତର୍ଗତ ରାଉରକେଲା ସେକ୍ଟର-୬ ଏବଂ ବରଗଡ଼ ଜବାହର ନବୋଦୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ରୋବୋଟିକ୍ସ ଉପରେ ଏକ କର୍ମଶାଳା ଆୟୋଜନ କରାଯାଇଥିଲା । ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀର ତୃତୀୟ ବୈଠକ ପୂର୍ବରୁ ଜନଭାଗିଦାରୀ ଅଭିଯାନ ଅଧୀନରେ ଭୁବନେଶ୍ୱରସ୍ଥିତ ଆଇସିଏମଆର ଆରଏମଆରସି ପକ୍ଷରୁ ପିପିଲି ସେଣ୍ଟ ଜେଭିୟର୍ସ ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ।

# ଦେଶର ଆଇଆଇଟି ହେଉ ଗରିବ କଲ୍ୟାଣର ପ୍ରୟୋଗଶାଳା : ଧର୍ମେନ୍ଦ୍ର



ଭୁବନେଶ୍ୱର, ୧୮/୦୪ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଆଇଆଇଟି ଭୁବନେଶ୍ୱର ଠାରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ୫୫ତମ କାଉନସିଲ ବୈଠକ ଅନୁଷ୍ଠାନର ନିର୍ଦ୍ଦେଶକ ଓ ଚେୟାରମ୍ୟାନଙ୍କ ସହ ଅନୁଷ୍ଠିତ ହୋଇଯାଇଛି । ଏ ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ, ଦୂରଦୃଷ୍ଟି ଏବଂ ଜାତୀୟ ଶିକ୍ଷା ନୀତି ଅଧାରରେ ଆଇଆଇଟିକୁ ବିଶ୍ୱମାନର ଗବେଷଣା, ନବସୃଜନ ଏବଂ ଉଦ୍ୟମୀ ବିଶ୍ୱବିଦ୍ୟାଳୟରେ ପରିବର୍ତ୍ତନ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ଦେଶର ପ୍ରମୁଖ ବୈଷୟିକ ଅନୁଷ୍ଠାନ ମଧ୍ୟରୁ ଅନ୍ୟତମ ଆଇଆଇଟି ଗୁଡିକ ବିଶ୍ୱରେ ଭାରତର ବ୍ରାଣ୍ଡକୁ ମଜବୂତ୍ କରିବା ସହ ବିଶ୍ୱ କଲ୍ୟାଣ ପାଇଁ ସମାଧାନର ରାସ୍ତା ବାହାର କରୁଛି । ଦେଶର ଆଇଆଇଟିକୁ ଗରିବ କଲ୍ୟାଣର ପ୍ରୟୋଗଶାଳା କରିବା ପାଇଁ ଉଦ୍ୟମ ହେଉଛି । ଆମର ଆଇଆଇଟି ବିକଶିତ ଓ ଆତ୍ମନିର୍ଭର ଭାରତର ପଥପ୍ରଦର୍ଶକ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଦେଶ ନୁହେଁ ବିଶ୍ୱର ଅର୍ଥନୀତି, ଜିଡିପିରେ ଆଇଆଇଟିର ବଡ଼ ଯୋଗଦାନ ରହିଛି । ଦେଶର ନୂଆପିଢିଙ୍କୁ ରୋଜଗାର ଦେବାରେ ଆଇଆଇଟି ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହି ମର୍ମରେ ସେମାନଙ୍କୁ ନିଯୁକ୍ତିଦାତା ବନାଇବା ଦିଗରେ ମଧ୍ୟ ପ୍ରାଧାନ୍ୟ ଦିଆଯାଉଛି । ସେହିପରି ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପରେ ଗୁରୁତ୍ୱାରୋପ କରିବା ସହ ଶ୍ରୀ ପ୍ରଧାନ ଗୁଣାତ୍ମକ ଶିକ୍ଷକ ପ୍ରସ୍ତୁତ କରିବା ପାଇଁ 'ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ' ଆରମ୍ଭ କରିବା ପାଇଁ ଆଇଆଇଟିକୁ ପରାମର୍ଶ ଦେଇଛନ୍ତି । ଆଇଆଇଟି କାଉନସିଲ ବୈଠକରେ ମୁଖ୍ୟତଃ ଆଇଆଇଟି ଅନୁଷ୍ଠାନ ଗୁଡିକ ପାଇଁ ଥିବା ପ୍ରମୁଖ ନୀତି ଉପରେ ବିଚାରବିମର୍ଷ କରାଯାଇ ନିର୍ଣ୍ଣୟ ନିଆଯାଇଥାଏ । ପ୍ରଥମେ ଆଇଆଇଟି ଜ୍ଞାନ ପାଇଁ ଜଣାଯାଉଥିଲା ମାତ୍ର ଏବେ ସମାଜର ମଙ୍ଗଳ ପାଇଁ ଆଇଆଇଟିକୁ ପ୍ରସ୍ତୁତ କରାଯିବା ଦିଗରେ ନୀତି ହେଉଅଛି । ଏଥିପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ନୂଆ ପରିବେଶରେ କିପରି ପ୍ରସ୍ତୁତ କରାଯିବ, ପୃଥକ ପୃଥକ ନୀତି ମାଧ୍ୟମରେ ଶିକ୍ଷକଙ୍କୁ କ'ଣ ପ୍ରଶିକ୍ଷଣ ଦିଆଯିବ, ଛାତ୍ରଛାତ୍ରୀଙ୍କୁ ଉଦ୍ୟମୀ କରିବା ଓ ସେମାନଙ୍କ ମାନସିକତା ଦୁର୍ବଳତାକୁ ହ୍ରାସ କରି ମନୋବଳ ବୃଦ୍ଧି କରିବା ପାଇଁ କେମିତି ଚେଷ୍ଟା କରାଯିବ ତାହା ଉପରେ ବୈଠକପେ ଚର୍ଚ୍ଚା ଆଲୋଚନା ହୋଇଛି । ଏହାବ୍ୟତିତ ଗୁଣାତ୍ମକ ଶିକ୍ଷା ସମେତ ଗବେଷଣା କ୍ଷେତ୍ରକୁ ସୁଦୃଢ଼ କରିବା ଦିଗରେ ମଧ୍ୟ ବିଚାରବିମର୍ଷ ହୋଇଥିଲା । ଏହି ବୈଠକରେ ସାଂସଦ ବିପ୍ଳବ କୁମାର ଦେବ, କୁଆଁର ହେମବ୍ରମ, ଏନଇଟିଏଫର ଚେୟାରମ୍ୟାନ ପ୍ରଫେସର ଅନିଲ ସହସ୍ରବୁଦ୍ଧେ, ୟୁଜିସି ଚେୟାରମ୍ୟାନ ଏମ୍ ଜଗିଦେଶ କୁମାର, ଏଆଇସିଟିଇର ନିର୍ଦ୍ଦେଶକ, ସିଏସଆଇଆର, ଇଣ୍ଡିଆର ନିର୍ଦ୍ଦେଶକ, ଆଇଆଇଏସ, ବାଙ୍ଗାଲୋରର ନିର୍ଦ୍ଦେଶକ ଏବଂ ଦେଶର ୨୩ଟି ଆଇଆଇଟିର ଚେୟାରମ୍ୟାନ ଓ ନିର୍ଦ୍ଦେଶକ ଏବଂ ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ପ୍ରମୁଖ ଯୋଗଦେଇଥିଲେ ।

# ସାହାଡ଼ା ସେବା ସମବାୟ ସମିତିରେ କେସିସି ବୀମା ବର୍ଣ୍ଟନ



ବସ୍ତା, ୧୮/୦୪ (ନି.ପ୍ର): ସେବା ସମବାୟ ସମିତିରେ କେସିସି ବୀମା ବର୍ଣ୍ଟନ ଉଦେଶ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ବାଲେଶ୍ୱର ସମିତି କେନ୍ଦ୍ର ସମବାୟ ବ୍ୟାଙ୍କରୁ ଆସିଥିବା ଶାଖା ପରିଚାଳକ ସସ୍ମିତା ଦାସ, ଲୋନ ଅଧିକାରୀ ପ୍ରଣବ କୁମାର ସିଂ ସହିତ ସମିତିର ଉପ ସଭାପତି ଜଳଧର ସେଠୀ ସଭା ପରିଚାଳନା କରିଥିଲେ । ପ୍ରକାଶ ଥାଉକି ସ୍ୱର୍ଗତ ଜୟଚନ୍ଦ୍ର ଦାସଙ୍କର ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଥିଲା କ୍ଷ ଶ୍ରୀ ଦାସ ଦୁଇହଜାର ୧୮ମସିହା ମାର୍ଚ୍ଚ ତିରିଶ ତାରିଖରେ ମୃତ୍ୟୁ ହୋଇଥିଲା । ସେହି ମୃତ୍ୟୁ ଯୋଗୁଁ ତାଙ୍କର ଉତ୍ତରାଧିକାରୀ ସ୍ତ୍ରୀ ପାର୍ବତୀ ଦାସ ବୀମାରାଶି ୫ ଲକ୍ଷ ଟଙ୍କାର ଚେକ ଗ୍ରହଣ କରିଥିଲେ । ଶ୍ରୀ ମତି ଦାସଙ୍କୁ ଆଶ୍ୱାସନା ଦେଇ ଜନନେତା ଅଞ୍ଜନ କୁମାର ଦଣ୍ଡପାଟ ସରକାରଙ୍କ ଦ୍ୱାରା ବୀମା ପ୍ରଦାନ ପାଇଁ ଖୁସିବ୍ୟକ୍ତ କରିଥିଲେ ମାତ୍ର ବହୁ ବିଳମ୍ବ ଯୋଗୁଁ ଖୋଭ ପ୍ରକାଶକରି ବିଳମ୍ବର ନ୍ୟାୟ ନ୍ୟାୟ ନୁହେଁ ବୋଲି ମତ ବ୍ୟକ୍ତ କରିଥିଲେ । ଉପସ୍ଥିତି ଭଦ୍ରବ୍ୟକ୍ତିଙ୍କ ମଧ୍ୟରେ ଶ୍ରୀ ବଂଶୀଧର ମିଶ୍ର, ଜଗବନ୍ଧୁ କର, ଭାସ୍କର ଗୋଛାୟତା, ରମେଶ ଚନ୍ଦ୍ର ଦାସ, ଶ୍ରୀକାନ୍ତ ପାତ୍ର, ମଧୁସୂଦନ ଶତପଥୀ ପ୍ରମୁଖ ଯୋଗଦେଇଥିଲେ । ସମିତିର କର୍ମଚାରୀ ପାର୍ଥ ରଞ୍ଜନ ଜେନା, ରଘୁନାଥ ଗିରି, ଉତ୍ତମ ସେନାପତି, ଅବନୀ ସେନାପତି ସଭା କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ ।

# ଭଗବତୀମାତା ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ

## ମଣିଷର ଅନ୍ତର୍ନିହିତ ଗୁଣବତ୍ତାର ବିକାଶ ବିଦ୍ୟାଳୟରୁ ହୁଏ ସୃଷ୍ଟି : ଅଶ୍ୱିନୀ

ଜଳେଶ୍ୱର, ୧୮/୪(ନି.ପ୍ର) : ଜଳେଶ୍ୱର ବ୍ଲକର କସିଦାସ୍ଥିତ ଭଗବତୀମାତା ଉଚ୍ଚ ବିଦ୍ୟାଳୟର ରଜତ ଜୟନ୍ତୀ ଆଜି ଉଦ୍‌ଘାଟିତ ହୋଇଛି । ଏହାକୁ ଉଦ୍‌ଘାଟନ କରି ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଲେ ବିଦ୍ୟାଳୟ ଏକ ଜ୍ଞାନ ମନ୍ଦିର, ସେଠାରୁ ମଣିଷର ଅନ୍ତର୍ନିହିତ ଗୁଣବତ୍ତାର ବିକାଶ ଘଟିଥାଏ । ଭାରତୀୟ ସଂସ୍କୃତି ଓ ପରମ୍ପରା ମଣିଷକୁ ବଂଚିବାରେ ରହା ଯୋଗାଇଥାଏ ତେଣୁ ପ୍ରତ୍ୟେକେ ସେ ସବୁକୁ ବଂଚାଇ ରଖିବା ଉଚିତ୍ ବୋଲି କହିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ମହାପାତ୍ର ସଭାପତିତ୍ୱ କରି ଉକ୍ତ ବିଦ୍ୟାଳୟ ୩୭ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ଏହାର ରୌପ୍ୟ ଜୟନ୍ତି ପାଳିତ ହୋଇ ପାରିଛି ବୋଲି କହିଥିଲେ । ମୁଖ୍ୟବକ୍ତାଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ସମ୍ମାନୀତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଏଡିଏଓ ଧରିଣୀଧର ପାତ୍ର, ଓଷ୍ଟାର ଜିଲା ସଂପାଦକ ମନୋରଂଜନ ଦାସ, ବ୍ଲକ ସଂପାଦକ ଡ. ଅଜିତ୍ ମହାନ୍ତି ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ, ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗଦାଧର ପରିଡା, ମଧୁସୂଦନ ପ୍ରମାଣିକ, ବାଞ୍ଛାନିଧି ବେହେରା, ପ୍ରଫୁଲ୍ଲ ରାଉ, କୁବେରଚନ୍ଦ୍ର କରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାକ୍ତନ ଛାତ୍ର ପଦ୍ମଲୋଚନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ପଶ୍ଚିମବଙ୍ଗରେ ପୁଣି ଡରାଇଲା କରୋନା

କୋଲକାତା, ୧୮/୦୪ (ନି.ପ୍ର): ପଶ୍ଚିମବଙ୍ଗରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢାଇଛି । ରାଜସ୍ୱ ବିଭାଗ ସୂତ୍ରରୁ ମଙ୍ଗଳବାର କୁହାଯାଇଛି ଯେ, ରାଜଧାନୀ କୋଲକାତା ସମେତ ରାଜ୍ୟର କେତେକ ଜିଲ୍ଲାରେ ପଜିଟିଭିଟି ରେଟ୍ ୧୦ ପ୍ରତିଶତରୁ ଅଧିକ ରହିଛି । ଯେଉଁଥି ପାଇଁ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢିଛି । ଯାହାକୁ ଦୃଷ୍ଟିରେ ରଖି ପୁଣି ଥରେ ରାଜ୍ୟରେ ମାସ୍କ ଏବଂ ସାନିଟାଇଜର୍ ସହିତ କରୋନୋ ପ୍ରୋଟକଲର ପାଳନ ଅନିର୍ବାର୍ଯ୍ୟ କରିବା ନେଇ ବିଚାର କରାଯାଉଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ରାଜଧାନୀ କୋଲକାତାରେ ସପ୍ତାହିକ ପଜିଟିଭିଟି ରେଟ୍ ୧୨ ପ୍ରତିଶତ ରହିଛି । ହେଲେ ପାର୍ବତ୍ୟାଚଂଳ କଲିମପୋଙ୍ଗ ଏବଂ ଦାର୍ଜିଲିଂରେ ୧୨.୫ ପ୍ରତିଶତ ଏବଂ ୧୦.୧ ପ୍ରତିଶତ ରହିଛି ।

# ପଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷା ସର୍ଭେ ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ଭୁବନେଶ୍ୱର ବ୍ଲକରେ ପଛୁଆ ବର୍ଗଙ୍କ ସାମାଜିକ ଓ ଶିକ୍ଷା ସର୍ଭେ ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଭୁବନେଶ୍ୱର ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଉକ୍ତ ପ୍ରଶିକ୍ଷଣ ଶିବିରରେ ୮୪ ଜଣ ଅଙ୍ଗନୱାଡି କର୍ମୀ ଏବଂ ୮ ଜଣ ସୁପରଭାଇଜର ଯୋଗ ଦେଇଥିଲେ । ଭୁବନେଶ୍ୱର ବିଡିଓ ସମ୍ପଦ କୁମାର ଦଳାଇ ସର୍ଭେ କରିବା ପ୍ରଣାଳୀ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ସର୍ଭେ କାର୍ଯ୍ୟରେ ନିରପେକ୍ଷତା ଅବଲମ୍ବନ କରି ତଥ୍ୟ ସଂଗ୍ରହ ନିମନ୍ତେ ନିଯୋଜିତ ଅଧିକାରୀ ମାନଙ୍କୁ ସେ ପରାମର୍ଶ ଦେଇଥିଲେ । ସିଡିପିଓ ଶ୍ରୀମତୀ କବିତା ମହାପାତ୍ର, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶ୍ରୀମତୀ ଅନନ୍ୟା ଆଚାର୍ଯ୍ୟ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ସୋନାଲୀ ପ୍ରିୟଦର୍ଶିନୀ, ଆଇସିଡିଏସ ସୁପରଭାଇଜର ଶ୍ରୀମତୀ ପ୍ରଜ୍ଞା ପାରମିତା ଦାଶ ପ୍ରମୁଖ ୪ ଜଣ ମାଷ୍ଟର ଟ୍ରେନର ଭାବରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।

## ଟ୍ରିବ୍ୟୁନାଲ ଟିମ ଆଗରେ ଆମ ସମସ୍ୟା ସବୁ ରଖିବୁ : ପ୍ରଦୀପ ଅମାତ

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ମହାନଦୀ ଟ୍ରିବ୍ୟୁନାଲ ଟିମ ସମ୍ମୁଖରେ ରାଜ୍ୟ ସରକାର ସବୁ ସମସ୍ୟା ରଖିବେ ବୋଲି କହିଛନ୍ତି ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ପ୍ରଦୀପ ଅମାତ । ମହାନଦୀ ଟ୍ରିବୁନାଲ ଟିମ ର ଓଡିଶା ଗସ୍ତ ଆଉ ଅନୁଧ୍ୟାନ ପ୍ରସଙ୍ଗରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତରରେ ସେ ଏହା କହିଛନ୍ତି । ଶ୍ରୀ ଅମାତ କହିଛନ୍ତି ଯେ ମହାନଦୀକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ରହିଛି । କେନ୍ଦ୍ର ସରକାରଙ୍କ ପ୍ରମୁଖ ଦାୟିତ୍ୱ ରହିଛି ଏହାର ସମାଧାନ କରିବା ପାଇଁ । ଆମେ ବାରମ୍ବାର ଦାବି ଉପସ୍ଥାପନ କରୁଛୁ ଉପର ମୁଣ୍ଡରେ ଯେହେତୁ ୧୫୦, ୨୦୦ ରୁ ଅଧିକ ଚେକ ଡ୍ୟାମ ଛତିଶଗଡ଼ ନିର୍ମାଣ କରି ସାରିଛି । ସେଥିପାଇଁ ଆମର ତଳ ମୁଣ୍ଡକୁ ଆଉ ପାଣି ଆସି ପାରୁ ନାହିଁ । ତାହାରି ଫଳରେ ଆଜି ସ୍ଥିତି ଖରାପ ହୋଇଛି । ରାଜ୍ୟ ସରକାର ବି ଟ୍ରିବୁନାଲ ର ଆଶ୍ରୟ ନେଇଛନ୍ତି । ଟ୍ରିବୁନାଲ ଟିମ ବର୍ତ୍ତମାନ ଯେଉଁ ଆସିଛନ୍ତି ଆମେ ତାଙ୍କ ଆଗରେ ଆମ ସମସ୍ୟା ସବୁ ରଖିବୁ । ଆମେ ଓଡିଶା ବାସୀ ଙ୍କ ନ୍ୟାୟ ପାଇଁ ଲଢେଇ ଜାରି ରଖିଛୁ ଏବ ଆଗାମୀ ଦିନରେ ମଧ ରଖିବୁ ।

# ଶୋଷିଲା ପଶୁପକ୍ଷୀଙ୍କ ଜଳଦାନ କଲା ମହାବୀର ଫାଉଣ୍ଡେସନ



ନୀଳଗିରି, ୧୮/୦୪ (ନି.ପ୍ର): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ତ୍ରାହି ତ୍ରାହି ଡାକୁଥିବା ଜନସାଧାରଣଙ୍କୁ ପ୍ରଶାସନ ପାନୀୟଜଳର ବ୍ୟବସ୍ଥା କରୁଥିବା ବେଳେ ନିରୀହ ପଶୁପକ୍ଷୀଙ୍କ ପାଇଁ ସେଭଳି କୌଣସି ବ୍ୟବସ୍ଥ ନ ଥିବା ବେଳେ ମୁକ ପଶୁପକ୍ଷୀଙ୍କ ମୁହଁରେ ମୁନ୍ଦିଏ ପାଣି ଦେବା ପାଇଁ ଅଂଟା ଭିଡ଼ିଛି ନୀଳଗିରିର ଅଗ୍ରଣୀ ବେସରକାରୀ ସଂଗଠନ ମହାବୀର ଫାଉଣ୍ଡେସନ । ବିଗତ ଦିନରେ ଅଗ୍ନିନିରୋଧ ପାଇଁ ବିଭିନ୍ନ ସ୍ଥାନରେ ସଚେତନ ଶିବିର କରି ଲୋକମାନଙ୍କୁ ସଚେତନ କରି ଆସୁଥିବା ଏହି ସଂଗଠନ ଗତ ବର୍ଷ ନୀଳଗିରି ଏନ.ଏ.ସି. ରେ ବିଭିନ୍ନ ସ୍ଥାନରେ ଶୋଷିଲା ପଶୁ ଯଥା ଗାଈ, ଗୋରୁ, ମେଣ୍ଢା ଛେଳି ଆଦିକୁ ପାଣି କୁଣ୍ଡ ବସାଇ ପାଣି ଦେଇ ଆସୁଥିଲେ । ଏବର୍ଷ ଅପ୍ରେଲ ୬ତାରିଖରୁ ଏନ.ଏ.ସି. ର ବିଭିନ୍ନ ସ୍ଥାନରେ ପାଣି କୁଣ୍ଡ ବସାଇ ବେସାହାରା ଗାଈଗୋରୁଙ୍କ ମୁହଁରେ ପାଣି ଦେଇ ଆସୁଛି ଏହି ସଂଗଠନ । ଏବେ ତିନିକୋଶିଆ ଜଙ୍ଗଲରେ ୩୦ରୁ ଉର୍ଦ୍ଧ୍ୱ ପାଣି ମାଠିଆ ଟାଙ୍ଗି ଶୋଷିଲା ପକ୍ଷୀଙ୍କୁ ଦୈନିକ ପାଣି ଯୋଗାଇ ଅସୁାଛନ୍ତି ସଂଗଠନର ସଦସ୍ୟ । ଏଭଳି ମହତ୍ ଉଦ୍ଦେଶ୍ୟ ରଖି କାର୍ଯ୍ୟ କରୁଥିବା ଏହି ମହାବୀର ଫାଉଣ୍ଡେସନକୁ ବିଭିନ୍ନ ବର୍ଗର ଲୋକେ ପ୍ରଶଂସା କରିଛନ୍ତି ।

# ଠେଙ୍ଗାହାଟ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଖୋର୍ଦ୍ଧା, ୧୮/୦୪ (ନି.ପ୍ର): ଖୋର୍ଦ୍ଧା ପୌରାଂଚଳ ଅନ୍ତର୍ଗତ ଠେଙ୍ଗହାଟ ମେଲଣ ପଡିଆରେ ମା' ଗୋଷ୍ଟେଶ୍ୱରୀ ଶୀରାମଚରିତ ମାନସ ପରିଷଦ ଦ୍ୱାରା ଚାଲିଥିବା ୧୬ତମ ବିଶ୍ୱଶାନ୍ତି ମହାଯଜ୍ଞ ତଥା ସାମ୍ବତ୍ସରିକ ଉତ୍ସବ ଉଦ୍‌ଯାପିତ ହୋଇଛି । ୬ଦିନ ବ୍ୟାପି ହୋଇଥିବା ଏହି ଉତ୍ସବରେ ପ୍ରତ୍ୟହ ସୂର୍ଯ୍ୟପୂଜା, ପାରାୟଣ, ସାନ୍ଧ୍ୟ ପ୍ରବଚନ ଓ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଥିଲା । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସୁନାମଧନ୍ୟ ବକ୍ତାମାନେ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇ ଆଶ୍ରିବଚନ ପ୍ରଦାନ କରିଥିଲେ । ସେହିପରି କମିଟି ପକ୍ଷରୁ ଲଙ୍କାପୋଡି ଉତ୍ସବ ପାଳନ କରାଯାଇଥିଲା । ପ୍ରତ୍ୟେକ ଦିନ ଅପରାହ୍ନରେ କୋମଳମତୀ ଶିଶୁମାନଙ୍କୁ ଖିରୀ ପ୍ରସାଦ ବଂଟନ ସମେତ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ କରାଯାଥିଲା । ପୂର୍ଣ୍ଣାହୂତି ଦିନ ସମସ୍ତ ଭକ୍ତଙ୍କ ଲାଗି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବାବେଳେ ପୂର୍ଣ୍ଣାହୁତି ଦର୍ଶନ ଲାଗି ଯଜ୍ଞମଣ୍ଡପ ନିକଟରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଠେଙ୍ଗାହାଟ ର ଏହି ଯଜ୍ଞ ଭାଇଚାରାର ବାର୍ତ୍ତା ଦେଉଥିବାବେଳେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଗୋଟିଏ ସ୍ଥାନରେ ବସି ପ୍ରସାଦ ସେବନ କରିବା ଦୃଶ୍ୟ ଅତ୍ୟନ୍ତ ହୃଦୟସ୍ପର୍ଶୀ ହୋଇଥିଲା । ତେବେ ଆସନ୍ତା ବର୍ଷକୁ ଏହା ୯ଦିନ ବ୍ୟାପି ଯଜ୍ଞ କରାଯିବ ବୋଲି କାର୍ଯ୍ୟକାରୀ ସଭାପତି ଲଳିତ ମୋହନ ମହାପାତ୍ର ସୂଚନା ଦେଇଛନ୍ତି । ଆୟେଜକ କମିଟିର ପ୍ରତିଷ୍ଠାତା ସଦସ୍ୟ ଦୀନବନ୍ଧୁ ବିଶ୍ୱାଳ, କାର୍ଯ୍ୟକାରୀ ସଭାପତି ଲଳିତ ମୋହନ ମହାପାତ୍ର, ସଭ୍ୟ ଅଶୋକ ମହାପାତ୍ର, ଲଳିତ ମୋହନ ପଣ୍ଡା, ମନୋଜ କୁମାର ବାରିକ, ସର୍ବେଶ୍ୱର ପ୍ରଧାନ, କୃଷ୍ଣଚନ୍ଦ୍ର ଭୂଜବଳ, ଲକ୍ଷ୍ମୀଧର ବେହେରା, ଆଶୀର୍ବାଦ ବେହେରା, ପପୁ ବେହେରା, କୁନା ବେହେରା, ଜିତେନ୍ଦ୍ର କୁମାର ସାହୁ, ବିଜୟ ବେହେରା, ଦିଲ୍ଲୀପ କୁମାର ବେହେରା, ବିରେନ୍ଦ୍ର ବେହେରା, ମନୋଜ କୁମାର ହରିଚନ୍ଦନ, ବିରାଟ ବେହେରା, ଗୋପାଳକୃଷ୍ଣ ମହାନ୍ତି, ରାକେଶ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଓଡ଼ିଶା ପଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସର୍ଭେ




ଭଦ୍ରକ, ୧୮/୦୪ (ନି.ପ୍ର): ଓଡ଼ିଶା ପଛୁଆ ବର୍ଗ ଲୋକମାନଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ର ସର୍ଭେ କାର୍ଯ୍ୟ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ର ପ୍ରସ୍ତୁତି ପର୍ଯ୍ୟାୟକ୍ରମେ ଆଗେଇ ଚାଲିଛି । ଏଥିପାଇଁ ଚଳିତ ମାସ ୪ ତାରିଖରେ ଜିଲ୍ଲାସ୍ତରୀୟ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ପରେ ୬ ତାରିଖରେ ଜିଲ୍ଲାର ସମସ୍ତ ବ୍ଲକ୍ ଓ ପୌର ସ୍ତରରେ ପ୍ରଥମ ଦଫାରେ ତାଲିମ୍ ପ୍ରଦାନ କରାଯାଇଥିଲା । ଆଜି ତା. ୧୮.୦୪.୨୦୨୩ ରିଖ ମଙ୍ଗଳବାର ଦିନ ପୁଣି ସମସ୍ତ ବ୍ଲକ୍ ଓ ପୌର ସ୍ତରରେ ଦ୍ୱିଦୀୟ ଦଫାରେ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୂଚନା ଯୋଗ୍ୟକି ଆସନ୍ତା ମଇ ୧ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟର ଏହି ସର୍ଭେ କାର୍ଯ୍ୟ ଅନୁଷ୍ଠିତ ହେବ । ମଇ ୨୧ ରୁ ୨୭ ତାରିଖ ଯାଏ ଏହି କାର୍ଯ୍ୟ ଲାଗି ସ୍ୱେଶାଲ ଡ୍ରାଇଭ୍ କରାଯିବ । ଭଦ୍ରକ ଜିଲ୍ଲାର ୭ଟି ବ୍ଲକ୍ ଓ ୪ଟି ପୌର ପରିଷଦ ର ପ୍ରଶାସନ ଦ୍ୱାରା ଏହି ସର୍ଭେ ନିମନ୍ତେ କ୍ଷେତ୍ର ସ୍ତରରେ କାର୍ଯ୍ୟ କରିବା ପାଇଁ ଥିବା ସମସ୍ତ ଏନୁମରେଟର ଓ ସୁପର ଭାଇଜର ମାନଙ୍କ ପାଇଁ ଏହି ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି ସର୍ଭେ କାର୍ଯ୍ୟରେ ଭଦ୍ରକ ଜିଲ୍ଲା ପାଇଁ ପର୍ଯ୍ୟବେକ୍ଷକ ଭାବେ ଅତିରିକ୍ତ ଶାସନ ସଚିବ ଦେବବ୍ରତ ମଲ୍ଲିକ୍ ଆଜି ଭଣ୍ଡାରିପୋଖରୀ ବ୍ଲକ୍ ଧାମନଗର ବ୍ଲକ୍ ଓ ଧାମନଗର ଏନ୍.ଏ.ସି.ରେ ଅନୁଷ୍ଠିତ ତାଲିମ ପ୍ରଦାନ କାର୍ଯ୍ୟକ୍ରମରେ ଯୋଗ ଦେଇ ତାଲିମ ପ୍ରଦାନ କାର୍ଯ୍ୟକ୍ରମକୁ ପର୍ଯ୍ୟବେକ୍ଷଣ କରିଥିଲେ । ତାଲିମ ପ୍ରଦାନ କାର୍ଯ୍ୟକ୍ରମ ସହିତ ସର୍ଭେକାର୍ଯ୍ୟର ସମସ୍ତ ପ୍ରକ୍ରିୟା ତଦାରଖ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ଉଚ୍ଚ ପ୍ରଶାସନିକ ଅଧିକାରୀ ମାନଙ୍କୁ ମଧ ଦାୟିତ୍ୱ ଅର୍ପଣ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁଙ୍କୁ ଧାମନଗର ବ୍ଲକ୍, ଧାମନଗର ଏନ୍.ଏ.ସି., ଭଣ୍ଡାରିପୋଖରୀ ଓ ତିହିଡ଼ି ବ୍ଲକ୍, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କୁ ଭଦ୍ରକ ବ୍ଲକ୍, ଭଦ୍ରକ ମ୍ୟୁନିସିପାଲିଟି, ବନ୍ତବ୍ଲକ୍, ଉପଜିଲ୍ଲାପାଳ ମନୋଜ ପାତ୍ରଙ୍କୁ ଚାନ୍ଦବାଲି ବ୍ଲକ୍ ଓ ଚାନ୍ଦବାଲି ଏନ୍.ଏ.ସି. ଏବଂ ଅତିରିକ୍ତ ଉପଜିଲ୍ଲାପାଳ ଡ. ଲକ୍ଷ୍ମୀ ପ୍ରସାଦ ସାହୁଙ୍କୁ ବାସୁଦେବପୁର ବ୍ଲକ ଓ ବାସୁଦେବପୁର ମ୍ୟୁନିସିପାଲିଟିର ଦାୟୀତ୍ୱ ଅର୍ପଣ କରାଯାଇଛି । ସେମାନେ ସଂପୃକ୍ତ ବ୍ଲକ୍ ଓ ପୌର ଅଞ୍ଚଳର ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମକୁ ପର୍ଯ୍ୟବେକ୍ଷଣ କରି ସର୍ଭେ କାର୍ଯ୍ୟକୁ ସଠିକ୍ ଭାବେ ସମ୍ପାଦନ ପାଇଁ ପ୍ରଶିକ୍ଷାର୍ଥୀ ମାନଙ୍କୁ ଆବଶ୍ୟକ ପରାମର୍ଶ ପ୍ରଦାନ କରିଛନ୍ତି । ଉକ୍ତ ସର୍ଭେ କାର୍ଯ୍ୟ ପାଇଁ ଏନୁମରେଟର ଭାବେ କାର୍ଯ୍ୟଭାର ନେବାକୁ ନିୟୋଜିତ ଗ୍ରାମାଞ୍ଚଳ ଓ ପୌରାଞ୍ଚଳର ଅଙ୍ଗନବାଡ଼ି ୱାର୍କର, ପୌରାଞ୍ଚଳର ଟ୍ୟାକ୍ସ କଲେକ୍ଟର ଓ ୱାର୍ଡ଼ ଅଫିସରମାନେ ପ୍ରଶିକ୍ଷାର୍ଥୀ ଭାବେ ଏହି ତାଲିମ ଗ୍ରହଣ କରିଛନ୍ତି । ସେହିପରି ସୁପରଭାଇଜର ଦାୟୀତ୍ୱ ନେବାପାଇଁ ନିୟୋଜିତ ଗ୍ରାମାଞ୍ଚଳରେ ଆଇ.ସି.ଡ଼ି.ଏସ୍. ସୁପରଭାଇଜର, ମାର୍କେଟିଂ ଇନିସପେକ୍ଟର, ଗ୍ରାମ ପଞ୍ଚାୟତ ଏକସ୍‌ଟେନ୍‌ସନ୍ ଅଫିସର, ୱେଲଫେୟାର ଏକସ୍‌ଟେନ୍‌ସନ୍ ଅଫିସର, ବ୍ଲକ୍ ସୋସିଆଲ ସିକ୍ୟୁରିଟି ଅଫିସର, ପୌରାଞ୍ଚଳପାଇଁ ପୌର ଅଞ୍ଚଳର ଆଇ.ସି.ଡ଼ି.ଏସ୍. ସୁପରଭାଇଜର, ମାର୍କେଟିଂ ଅଫିସର, ଜୋନ୍ ଅଫିସର ମାନେ ଏହି ତାଲିମ ଗ୍ରହଣ କରିଛନ୍ତି । ଉଲ୍ଲେଖଯୋଗ୍ୟ କି ଏହି ସର୍ଭେ କାର୍ଯ୍ୟପାଇଁ ଗ୍ରାମାଞ୍ଚଳ ଓ ପୌରାଞ୍ଚଳରେ ପ୍ରାଥମିକ ବିଦ୍ୟାଳୟ ବା ଯେକୌଣସି ସରକାରୀ ଅନୁଷ୍ଠାନରେ ସର୍ଭେ ସେଣ୍ଟର ଖୋଲାଯିବ ।

# ଗଣଶିକ୍ଷା ବିଭାଗର ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଓ ସମୀକ୍ଷା ବୈଠକ ଉଦ୍‌ଯାପିତ

ଭୁବନେଶ୍ୱର, ୧୮/୦୪ (ନି.ପ୍ର): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନରେ ସମ୍ବଲପୁର ଜୋନର ୧୨ଟି ଜିଲ୍ଲାର ଶିକ୍ଷା ଅଧିକାରୀ ଓ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଦୁଇଦିନିଆ ସମୀକ୍ଷା ବୈଠକ ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଭୁବନେଶ୍ୱରସ୍ଥିତ କୃଷି ଭବନ ଅଡିଟୋରିୟମ୍ ରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଲେ ଯେ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ହିଁ ଆମର ଲକ୍ଷ୍ୟ । ଚିରାଚରିତ କାର୍ଯ୍ୟପନ୍ଥାରୁ ବାହାରି ଆମକୁ ଶିକ୍ଷାକ୍ଷେତ୍ରରେ ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପଡ଼ିବ । ଡି.ଇ.ଓ ଏବଂ ବି.ଇ.ଓମାନେ ଏବଂ ସିଆରସିସିମାନେ ବିଦ୍ୟାଳୟ ପର୍ଯ୍ୟବେକ୍ଷଣ କରିବା, ଛାତ୍ରମାନଙ୍କ ନାମଲେଖା, ଶତପ୍ରତିଶତ ପିଲା ଦଶମ ପରୀକ୍ଷା ଦେବା, ଡ୍ରପ୍ ଆଉଟ୍ କମାଇବା, ପିଲାମାନଙ୍କୁ ପୁନଃ ସ୍କୁଲକୁ ଫେରାଇ ଆଣିବା ଏବଂ ଛୁଟିରେ ଶିକ୍ଷକମାନେ ପିଲାମାନଙ୍କ ଘରକୁ ଯାଇ ସେମାନଙ୍କ ପାଠ୍ୟକ୍ରମ ସଂପର୍କରେ ପଚାରି ବୁଝିବା ବାବଦରେ ମନ୍ତ୍ରୀ ଶ୍ରୀ ଦାଶ ଗୁରୁତ୍ୱ ପ୍ରଦାନ କରିଥିଲେ । ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଆଶ୍ୱଥୀ ଏସ୍. ଶିକ୍ଷାର ବିକାଶ ଏବଂ ବିଭାଗର ସମସ୍ତ ସ୍କିମ୍ ତଥା ଉଦ୍ୟମର ସଫଳ ରୂପାୟନ ନିମନ୍ତେ ଯଥାସାଧ ପ୍ରୟାସ କରିବାକୁ ଡି.ଇ.ଓ ଏବଂ ବି.ଇ.ଓମାନଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ (ଓସେପା) ଅନୁପମ ସାହା, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର, ଏସ୍‌ସିଇଆରଟିର ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ସମ୍ବଲପୁର ଜୋନର ୧୨ଟି ଜିଲ୍ଲାରୁ ଆସିଥିବା ସମସ୍ତ ଡି.ଇ.ଓ ଏବଂ ବି.ଇ.ଓଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବରିଷ୍ଠ ପଦାଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

ଜନ୍ମଦିନର ଶୁଭେଚ୍ଛା





ଆରୋହୀ ମହାନ୍ତି (ଶ୍ରୀୟା)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ
ଶ୍ରୀୟାର ଭବିଷ୍ୟତ ଚଲାପଥ କୁସୁମିତ ହେଉ,
ଏହାହିଁ କାମନା ।

ଶୁଭେଚ୍ଛା ସହ : ପିତା-ପ୍ରଦୀପ୍ତ ମହାନ୍ତି, ମାତା-ରଶ୍ମିପ୍ରଭା ପୁହାଣ, ଅଜା- ପ୍ରାଣବନ୍ଧୁ ପୁହାଣ, ଆଈ- ଆଦରମଣି ପୁହାଣ, ମାମୁଁ- ରାମକୃଷ୍ଣ ପୁହାଣ, ମାଈଁ- ପ୍ରଜ୍ଞା ପାରମିତା ବିଶ୍ୱାଳ, ବାବୁ ଓ ବନ୍ଧୁବାନ୍ଧବ ତଥା ପରିବାରବର୍ଗ ।

ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo